

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୦୨ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 02 JUNE 2022

Vol.No. 34 ■ No. 144 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧



ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ମନି ଲଣ୍ଡରିଂ ମାମଲାରେ ସୋନିଆ ଓ ରାହୁଲଙ୍କ ବଢ଼ିଲା ଅଡୁଆ



ନୂଆଦିଲ୍ଲୀ, ୦୧/୦୬ : କଂଗ୍ରେସ ସୁପ୍ରିମୋ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟର ସମନ୍ । ନ୍ୟାସନାଲ ହେରାଲ୍ଡ ଅର୍ଥନୈତିକ ଅନିୟମିତତା ମାମଲାରେ ସୋନିଆ ଓ ରାହୁଲଙ୍କୁ ହାଜର ହେବା ପାଇଁ ନୋଟିସ୍ ଜାରି କରିଛି ଇଡି । ଫଳରେ କଂଗ୍ରେସର ଏହି ଦୁଇ ତୁଙ୍ଗନେତାଙ୍କୁ ଜେରା କରିବେ ଇଡି ଅଧିକାରୀ । ଜୁନ୍ ୮ ତାରିଖରେ ଏହି ନୋଟିସ କରାଯାଇଛି । ନ୍ୟାସନାଲ ହେରାଲ୍ଡ ଦୁର୍ନୀତି ମାମଲାରେ କଂଗ୍ରେସ ମୁଖିଆ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ସମନ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ । ବେଆଇନ ଟଙ୍କା ନେଣଦେଣ ନେଇ ପଚରଉଚରା ପାଇଁ ଜୁନ ୮ ତାରିଖରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛି ଇଡି । ଯାହାକୁ ନେଇ ଏବେ ଆରମ୍ଭ ହୋଇଯାଇଛି ରାଜନୀତି । ୧୯୪୨ରେ ନ୍ୟାସନାଲ ହେରାଲ୍ଡର ସ୍ୱରକୁ ଚାପିବାକୁ ଚେଷ୍ଟା କରିଥିଲେ ବ୍ରିଟିଶ ସରକାର ଆଉ ଏବେ ବିଜେପି ଇଡିକୁ ବ୍ୟବହାର କରି ସମାନ କଥା କରୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି କଂଗ୍ରେସ ମୁଖପାତ୍ର ରଣଦୀପ ସୂର୍ଯେଓ୍ୱାଲା । ଜବାବରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା କଂଗ୍ରେସ ମୁହଁରେ ମଇଳା ଲାଗିଥିବା ବେଳେ, ନେତାମାନେ ଆଇନା ସଫା କରିବାରେ ବ୍ୟସ୍ତ ବୋଲି କହିଛନ୍ତି । ୨୦୧୨ରେ ବିଜେପି ନେତା ସୁବ୍ରମଣିଆନ ସ୍ୱାମୀ କଂଗ୍ରେସ ନେତାଙ୍କ ବିରୋଧରେ ଏହି ମାମଲା କରିଥିଲେ । ଅଭିଯୋଗ ମୁତାବକ, ନ୍ୟାସନାଲ ହେରାଲ୍ଡ ଖବର କାଗଜର ପ୍ରକାଶନ ସଂସ୍ଥା ଆସୋସିଏଟେଡ ଜର୍ଣ୍ଣାଲକୁ ଚଂଚକତା କରି କଂଗ୍ରେସ ନେତା ଅଧିଗ୍ରହଣ କରିଥିଲେ । ଯେଉଁଥିରେ ୨ ହଜାର କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଛି । ନ୍ୟାସନାଲ ହେରାଲ୍ଡ ଦୁର୍ନୀତି କଣ ? ୧୯୩୭ରେ ଜବାହରଲାଲ ନେହେରୁଙ୍କ ଦ୍ୱାରା ଆସୋସିଏଟେଡ ଜର୍ଣ୍ଣାଲ ଲିମିଟେଡ ନାମକ ପ୍ରକାଶନ ସଂସ୍ଥା ପ୍ରତିଷ୍ଠା ହୋଇଥିଲା । ଯାହା ଅଧୀନରେ ନ୍ୟାସନାଲ ହେରାଲ୍ଡ ଇଂରାଜୀ ଖବର କାଗଜ ପ୍ରକାଶିତ ହେଉଥିଲା । ଆର୍ଥିକ କ୍ଷତି ଯୋଗୁ ୨୦୦୮ରେ ସଂସ୍ଥା ବନ୍ଦ ହୋଇଯାଇଥିଲା । ୨୦୧୦ରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ କିଛି କଂଗ୍ରେସ ନେତା ୟଙ୍ଗ ଇଣ୍ଡିଆ ଲିମିଟେଡ ନାମରେ ଅଣ-ବ୍ୟବସାୟିକ ସଂସ୍ଥା ଗଠନ କରିଥିଲେ । ପରେ ୟଙ୍ଗ ଇଣ୍ଡିଆ ଲିମିଟେଡ, ଆସୋସିଏଟେଡ ଜର୍ଣ୍ଣାଲ ଲିମିଟେଡକୁ ଅଧିଗ୍ରହଣ କରିଥିଲା । ଅଭିଯୋଗ ଅନୁସାରେ ଚଞ୍ଚକତା କରି ଏହି ଅଧିଗ୍ରହଣ ଦ୍ୱାରା ୨ ହଜାର କୋଟିରୁ ଅଧିକ ଟଙ୍କାର ସମ୍ପତ୍ତିକୁ ହଡପ କରିଥିଲେ କଂଗ୍ରେସ ନେତା । ସ୍ୱାମୀଙ୍କ ଦ୍ୱାରା ଟ୍ରାଏଲ କୋର୍ଟରେ ମାମଲା ପରେ ୨୦୧୫ରେ ଉଭୟ ସୋନିଆ ଓ ରାହୁଲଙ୍କୁ ଜାମିନ ମିଳିଥିଲା । ଗାନ୍ଧୀ କରିବାର ସଦସ୍ୟଙ୍କ ସହ କଂଗ୍ରେସ ନେତା ମୋତିଲାଲ ଭୋରା, ଓସ୍କାର ଫର୍ଣ୍ଣାଡିଜ୍ ଓ ସୁମନ ଦୁବେଙ୍କୁ ମଧ୍ୟ ପକ୍ଷଭୁକ୍ତ କରାଯାଇଥିଲା ।

# ଭୟାବହ ହେବ ରୁଷ-ୟୁକ୍ରେନ ଯୁଦ୍ଧ !

## ୟୁକ୍ରେନକୁ ଆମେରିକା ଦେବ ଆଡଭାନ୍ସ ଆର୍ଟିଲେରୀ ରକେଟ ସିଷ୍ଟମ



ନୂଆଦିଲ୍ଲୀ, ୦୧/୦୬ : ରୁଷ-ୟୁକ୍ରେନ ଯୁଦ୍ଧ ଭିତରେ ଆସିଛି ଆଉ ଏକ ବଡ ଖବର । ରୁଷ ବିରୋଧୀ ଲଢେଇରେ ୟୁକ୍ରେନକୁ ଅଧିକ ବଳଦେବ ଆମେରିକା । କ୍ରେମଲିନ ସେନାର ମୁକାବିଲା ପାଇଁ ଆମେରିକା ରାଷ୍ଟ୍ରବତି ଜୋ ବାଇଡେନ ବଡ ନିଷ୍ପତି ନେଇ ୟୁକ୍ରେନକୁ ଆଡଭାନ୍ସ ଆର୍ଟିଲେରୀ ରକେଟ ସିଷ୍ଟମ ପଠାଇବା ପାଇଁ ଗ୍ରୀନ ସିଗନାଲ ଦେଇଛନ୍ତି । ନିକଟରେ ଆମେରିକା ଘୋଷଣା କରିଥିବା ୭ଶହ ମିଲିୟନ ଡଲାରର ସାମରିକ ସହଯୋଗ ଯୋଗାଇବା ପ୍ରତିଶ୍ରୁତିର ଏହା ଅଂଶବିଶେଷ । ମଙ୍ଗଳବାର ପ୍ରତିରକ୍ଷାମନ୍ତ୍ରାଳୟ ସହ ବୈଠକ ସମୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି, ୟୁକ୍ରେନର ଯୁଦ୍ଧକ୍ଷେତ୍ରରେ ଠିକଣା ଭାବେ ଶତ୍ରୁର ଲକ୍ଷ୍ୟଭେଦ କରିବା ପାଇଁ ଅଧିକ ଉନ୍ନତ ରକେଟ ସିଷ୍ଟମ ଯୋଗାଇ ଦେବା ପାଇଁ ନିଷ୍ପତି ନିଆଯାଇଛି । କିଛି ଦିନ ପୂର୍ବରୁ ୟୁକ୍ରେନ ରାଷ୍ଟ୍ରପତି ଭୋଲଦମିର ଜେଲେନସ୍କି ଆମେରିକାଠୁ ଅଧିକ ସହାୟତା ମାଗିଥିଲେ । ରୁଷ ବିରୋଧୀ ଲଢେଇ ପାଇଁ ୟୁକ୍ରେନ ମିତ୍ର ରାଷ୍ଟ୍ରମାନଙ୍କଠୁ ଦୂରଗାମୀ ମିସାଇଲ ସିଷ୍ଟମ ସହାୟତା ମାଗୁଛନ୍ତି । ଯୁଦ୍ଧର ୯୮ ଦିନରେ ୟୁକ୍ରେନର ବିଭିନ୍ନ ସହରରୁ ବିଚଳିତ କରୁଥିବା ଘଟଣା ସାମ୍ନାକୁ ଆସୁଛି । ଏହା ଭିତରେ ପୂର୍ବ ୟୁକ୍ରେନରେ ଥିବା ସେବେରୋଡନେଟିସ୍କର ଏକ କେମିକାଲ ପ୍ଲାଣ୍ଟ ଉପରେ ରୁଷ ଆକାଶ ମାର୍ଗରୁ ଆକ୍ରମଣ କରିଛି । ପ୍ଲାଣ୍ଟରେ ରହିଥିବା ନାଇଟ୍ରିକ୍ ଏସିଡ ଟ୍ୟାଙ୍କ ଗୁଡିକ ଧ୍ୱଂସ ପାଇ ବିଷାକ୍ତ ଧୂଆଁ ବ୍ୟାପୁଥିବା କହିଛନ୍ତି ଲୁହାନସ୍କର ଗଭର୍ଣ୍ଣର ସର୍ଗେଇ ଗେଡେ । ଘଟଣାସ୍ଥଳରୁ ଲୋକଙ୍କୁ ବାହାରିବାକୁ କୁହାଯାଇଛି । ଘଟଣାକୁ ନେଇ ଚିନ୍ତାପ୍ରକଟ କରିଛି ୟୁକ୍ରେନ । ଏଭଳି ଆକ୍ରମଣ ରୁଷର ଏକ ପାଗଳାମୀ ବୋଲି କହିଛନ୍ତି ୟୁକ୍ରେନ ରାଷ୍ଟ୍ରପତି । ସେପଟେ ୟୁକ୍ରେନକୁ ଅଧିକ ସାମାରିକ ସହାୟତା ଦେବା ପାଇଁ ଘୋଷଣା କରିଛି ଜର୍ମାନୀ ।

## ୨ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୦୧/୦୬ (ନି.ପ୍ର): ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡଘଡି , ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଜପତି, ଗଂଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୨୨ ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨ରୁ ୩ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ▶▶ପୃଷ୍ଠା ୭

## ବିଦ୍ରୋହୀଙ୍କୁ ପିସିସି ସଭାପତିଙ୍କ କଡ଼ା ଚେତାବନୀ



ଭୁବନେଶ୍ୱର, ୦୧/୦୬ (ନି.ପ୍ର): ବିଦ୍ରୋହୀଙ୍କୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ କଡା ଚେତାବନୀ । କାନକୁହା କଥା ଶୁଣିବନି ଓ କିଏ କଣ କଲା ସେ କଥା କହିବନି ବୋଲି ଚେତାବନୀ ଦେଇଛନ୍ତି ନୂଆ ପିସିସି ସଭାପତି । ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହୋଇଛି . ଦୁଇ ଦିନିଆ ରାଜ୍ୟ କଂଗ୍ରେସ ନବ ସଂକଳ୍ପ ଶିବିର । ଏଥିରେ ଓଡିଶା ପ୍ରଭାରୀ ଡକ୍ଟର ଏ ଚେଲ୍ଲା କୁମାରଙ୍କ ସମେତ ଏଆଇସିସି ସମ୍ପାଦକ ଜି ରୁଦ୍ରରାଜୁ ଓ ଅନ୍ୟାନ୍ୟ ନେତା ଯୋଗଦେଇଛନ୍ତି । ଆଜିର ବୈଠକରେ କଂଗ୍ରେସ ସାଂସଦ, ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକ, ପୂର୍ବତନ ପିସିସି ସଭାପତି, ୨୦୧୯ ସାଧାରଣ ନିର୍ବାଚନରେ ଯେଉଁମାନେ ସାଂସଦ ଓ ବିଧାୟକ ପ୍ରାର୍ଥୀ ହୋଇଥିଲେ ସେମାନେ ଯୋଗଦେଇଛନ୍ତି । ସେମାନଙ୍କ ସହ ଓଡିଶାରୁ ପ୍ରତିନିଧିତ୍ୱ କରୁଥିବା ଏଆଇସିସି କର୍ମକର୍ତ୍ତା, ପୂର୍ବତନ କର୍ମକର୍ତ୍ତା, ପିସିସି କର୍ମକର୍ତା, ଜିଲ୍ଲା କଂଗ୍ରେସ ସଭାପତି ବି ଆସିଛନ୍ତି । ସେହିପରି ଆସନ୍ତାକାଲି ବୈଠକରେ ପୂର୍ବତନ ପିସିସି ସଭାପତି, ଏଆଇସିସି ସମ୍ପାଦକ, ଜିଲ୍ଲା କଂଗ୍ରେସ ସଭାପତି, ବ୍ଲକ ଓ ନଗର କଂଗ୍ରେସ ସଭାପତି ଯୋଗ ଦେବେ ।

## ରାଜ୍ୟସଭା ପାଇଁ ବିଜେଡିର ୩ ପ୍ରାର୍ଥୀଙ୍କ ନାମାଙ୍କନ କାଏମ

ଭୁବନେଶ୍ୱର, ୦୧/୦୬ (ନି.ପ୍ର): ରାଜ୍ୟସଭାର ୩ଟି ଆସନ ପାଇଁ ଗତକାଲି ନାମାନଙ୍କ ପତ୍ର ଦାଖଲ କରିଥିବା ବିଜେଡି ପ୍ରାର୍ଥୀ ସୁଲତା ଦେଓ, ମାନସ ମଙ୍ଗରାଜ ଓ ସସ୍ମିତ ପାତ୍ରଙ୍କ ନାମାଙ୍କନ ପତ୍ର କାଏମ ରହିଛି । ଗତକାଲି ନାମାଙ୍କନ ଦାଖଲର ଶେଷ ଦିନ ଥିଲା । ସେହିପରି ରାଜ୍ୟସଭାର ଉପନିର୍ବାଚନ ଆସନ ପାଇଁ ଗତକାଲି ବିଜେଡି ପ୍ରାର୍ଥୀ ନିରଞ୍ଜନ ବିଶି ନାମାଙ୍କନ ପତ୍ର ଦାଖଲ କରିଥିଲେ । ତେବେ ଏହି ଆସନ ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ଜୁନ୍ ୩ ରହିଛି । ଶ୍ରୀ ବିଶି ଦାଖଲ କରିଥିବା ସତ୍ୟପାଠରେ ତାଙ୍କ ନାଁରେ ୧୭ଟି ଅପରାଧ ମାମଲା ଓ ତାଙ୍କର ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତିର ପରିମାଣ ମୋଟ କୋଟିଏ ଟଙ୍କାରୁ ଅଧିକ ବୋଲି ଦର୍ଶାଇଛନ୍ତି । ବିଜେଡିର ଅନ୍ୟ ୩ଜଣ ରାଜ୍ୟସଭା ପ୍ରାର୍ଥୀ କୋଟିପତି ହୋଇଥିବାବେଳେ ନିରଞ୍ଜନ ଓ ତାଙ୍କ ପତ୍ନୀଙ୍କ ସ୍ଥାବର-ଅସ୍ଥାବର ସମ୍ପତିର ପରିମାଣ ମୋଟ ୧.୧୫କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି । ଏହା ବ୍ୟତୀତ ତାଙ୍କ ନାଁରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଥାନାରେ ମୋଟ ୧୭ଟି ଅପରାଧ ମାମଲା ରହିଛି । ଏଥିରୁ କେତେକ ମାମଲା ସଙ୍ଗୀନ ମଧ୍ୟ ରହିଛି । ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗତକାଲି ବିଜେଡିର ୪ଜଣ ରାଜ୍ୟସଭା ପ୍ରାର୍ଥୀ ନିଜର ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଆଜି ଯାଂଚବେଳେ ସୁଲତା, ମାନସ ଓ ସସ୍ମିତଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ନିରଞ୍ଜନଙ୍କ ପ୍ରାର୍ଥିପତ୍ର ଯାଂଚ ଜୁନ୍ ୪ ତାରିଖରେ ହେବ ।

## ହାଇକୋର୍ଟରେ ପହଂଚିଲା ବିଧାୟକ କ୍ୱାର୍ଟର୍ସ ପାଇଁ ଗଛକଟା ମାମଲା

ଭୁବନେଶ୍ୱର, ୦୧/୦୬ (ନି.ପ୍ର): ବିଧାୟକ କ୍ୱାର୍ଟର୍ସ ପାଇଁ ଗଛକଟାକୁ ବିରୋଧ କରି ହାଇକୋର୍ଟରେ ମାମଲା ଦାୟର ହୋଇଛି । ଜନୈକ ସ୍ୱେଚ୍ଛାସେବୀ ଜୟନ୍ତୀ ଦାସ ଗଛକଟା ବିରୁଦ୍ଧରେ ଜନସ୍ୱାର୍ଥ ମାମଲା କରିଛନ୍ତି । ଏହି ମାମଲାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମେତ ୧୦ ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି । ତୁରନ୍ତ ଗଛକଟା ବନ୍ଦ କରିବାକୁ ସେ ହାଇକୋର୍ଟରେ ଆବେଦନ କରିବା ସହ କଟା ଯାଇଥିବା ଗଛ ପାଇଁ ଉପଯୁକ୍ତ କ୍ଷତିପୂରଣ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ ବିଧାନସଭା ନିକଟରେ ଥିବା ଏମଏଲଏ କଲୋନୀକୁ ଭାଙ୍ଗି ବିଧାୟକମାନଙ୍କ ପାଇଁ ବହୁତଳ କ୍ୱାର୍ଟର୍ସ ନିର୍ମାଣ କରାଯିବ । ଏଥିପାଇଁ ସେଠାରେ ଥିବା ବହୁ ପୁରୁଣା ଗଛକୁ କାଟିଦିଆଯାଇଛି । ଏଥିପାଇଁ ବନ ବିଭାଗ ଅନୁମତି ଦେଇଥିବା ଜଣାପଡିଛି । ଏହି ଗଛକଟାକୁ ବିରୋଧ କରି ପ୍ରଥମେ ମହାନଦୀ ବଂଚାଅ ଆନ୍ଦୋଳନ ପକ୍ଷରୁ ପ୍ରତିବାଦ କରାଯାଇଥିଲା । ପରେ ବହୁ ବୁଦ୍ଧିଜୀବୀ, ପରିବେଶବିତ୍, ରାଜନେତା ଓ ବୃକ୍ଷପ୍ରେମୀ ଏହି ପ୍ରତିବାଦରେ ସାମିଲ ହୋଇଛନ୍ତି ।

## ବିଶ୍ୱରେ ମଙ୍କିପକ୍ସ ଆତଙ୍କ : ଦେଶବାସୀଙ୍କ ପାଇଁ କେନ୍ଦ୍ର ସରକାର ଆଣିଲେ ମାର୍ଗଦର୍ଶିକା




ନୂଆଦିଲ୍ଲୀ, ୦୧/୦୬ : ବିଶ୍ୱରେ ଦୃତ ଗତିରେ ବ୍ୟାପିବା ଆରମ୍ଭ କରିଛି ମଙ୍କିପକ୍ସ ସଂକ୍ରମଣ । ଏ ପର୍ଯ୍ୟନ୍ତ ବିଶ୍ୱର ୨୩ଟି ଦେଶରେ ବ୍ୟାପିସାରିଛି ଏହି ମାରାତ୍ମକ ଭୂତାଣୁ । ସାରା ବିଶ୍ୱରେ ମୋଟ ୨୫୭ ଜଣ ଆକ୍ରାନ୍ତ ମଧ୍ୟ ଚିହ୍ନଟ ହୋଇସାରିଛନ୍ତି । ଏହାରି ଭିତରେ ମଙ୍କିପକ୍ସକୁ ନେଇ ମଙ୍ଗଳବାର ନୂଆ ମାର୍ଗଦର୍ଶିକା ଜାରିକରିଛନ୍ତି କେନ୍ଦ୍ର ସରକାର । ମଙ୍କିପକ୍ସର ସମସ୍ତ ନମୁନାକୁ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିକୁ ପଠାଇବାକୁ କେନ୍ଦ୍ରଶାସିତ ଅଂଚଳ ଓ ରାଜ୍ୟ ଗୁଡିକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି । ଦୃତଗତିରେ ବ୍ୟାପୁଛି ମଙ୍କିପକ୍ସ ସଂକ୍ରମଣ । ଏହି ରୋଗ ମଣିଷରୁ ମଣିଷକୁ ସଂକ୍ରମିତ ହେଉଛି । ମଙ୍କିପକ୍ସ ରୋଗର ଲକ୍ଷଣ ଗୁଡିକ ହେଲା, ମୁଣ୍ଡ ବିନ୍ଧା ହେବା, ଘୋଳାବିନ୍ଧା ହେବା, ଦୁର୍ବଳ ଲାଗିବା ପରି ଲକ୍ଷଣ ଦେଖାଯାଉଛି । ଏହି ରୋଗ ଆକ୍ରାନ୍ତ ହେଲେ ରୋଗୀକୁ ତୁରନ୍ତ ସଙ୍ଗରୋଧରେ ରହିବାକୁ ପଡ଼ିବ । ରୋଗୀ ଯାହା ସଂସ୍ପର୍ଶରେ ଆସିବେ, ସେମାନଙ୍କୁ ମଧ ସଂଗରୋଧ କରିବାକୁ ପରାମର୍ଶ ଦେଇଛି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ । ଏହାସହ ତୁରନ୍ତ ହସ୍ପିଟାଲରେ ଭର୍ତି କରି ଚିକିତ୍ସାର ମଧ୍ୟ ଆବଶ୍ୟକତା ରହିଛି । ମଙ୍କିପକ୍ସ ସଂକ୍ରମଣ ଆରମ୍ଭରେ ଜ୍ୱର ଆସିପାରେ ବୋଲି କୁହାଯାଇଛି । ଏହି ଜ୍ୱର ତିନି ଦିନ ପର୍ଯ୍ୟନ୍ତ ରହିପାରେ । ପୁଷ୍ଟିହୀନତା ଦେଖାଯାଉଥିବା ▶▶ପୃଷ୍ଠା ୭

## ଏସଡିପିଓ ନେଉଥିଲେ ଲାଞ୍ଚ : ମାଡ଼ି ବସିଲା ଭିଜିଲାନ୍ସ



ଢେଙ୍କାନାଳ, ୦୧/୦୬ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଗଲେ ଏସଡିପିଓ । ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏସଡିପିଓ ମଳୟ ନାୟକଙ୍କୁ ମାଡ଼ି ବସିଲା କଟକ ଭିଜିଲାନ୍ସ ବିଭାଗ । ହିନ୍ଦୋଳ ଅଞ୍ଚଳର ଦୁଃଖବନ୍ଧୁ ସାହୁ ନାମକ ଜଣେ ପଥରଖଣି ମାଲିକଙ୍କଠାରୁ କାରନ୍ଦା ଛକ ନିକଟରେ ୩୦ହଜାର ଟଙ୍କା ଲାଞ୍ଚ ନେଉଥିଲେ ଏସଡିପିଓ ମଳୟ ନାୟକ । ପଥର ପରିବହନ ସମୟରେ ଗାଡିଗୁଡ଼ିକୁ ପାସ୍ କରାଇଦେବା ପାଇଁ ଏହି ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ମାଡିବସିଛି ଭିଜିଲାନ୍ସ । ଏ ନେଇ ଦୁଃଖବନ୍ଧୁ କହିଛନ୍ତି, ଗାଡ଼ିର ସମସ୍ତ କାଗଜପତ୍ର ଓ ଅନୁମତି ଥିବା ସତ୍ତ୍ୱେ ଏସଡିପିଓ ମଳୟ ନାୟକ ବାରମ୍ବାର ଧମକ ଦେବା ସହ ୩୦ ହଜାର ଟଙ୍କା ଲାଞ୍ଚ ମାଗୁଥିଲେ । ପୂର୍ବ ଯୋଜନା ମୁତାବକ ଟଙ୍କା ନେବା ନିମନ୍ତେ ସେ କାରନ୍ଦା ଛକକୁ ଆସିଥିଲେ । ପୂର୍ବ ଯୋଜନା ମୁତାବକ ଉକ୍ତ ସମୟରେ ସେଠାରେ ଭିଜିଲାନ୍ସ ବିଭାଗ ଅଧିକାରୀ ଛକି ରହିଥିଲେ । ଏସଡିପିଓ ଲାଞ୍ଚ ଟଙ୍କା ନେବା ବେଳେ ସିଧାସଳଖ ଭାବେ ମାଡ଼ଇ ବସିଛି ଏସଡିପିଓ । ଭିଜିଲାନ୍ସ ବିଭାଗ ତାଙ୍କୁ ନେଇ ଅଧିକ ପଚରାଉଚରା ଜାରି ରଖିଛି । ସୂଚନାଯୋଗ୍ୟ, ପୂର୍ବରୁ ମଳୟ ନାୟକ ଢେଙ୍କାନାଳ ସଦର ଥାନା ଆଇଆଇସି ଥିବା ବେଳେ ପରେ ହିନ୍ଦୋଳରେ ଯୋଗ ଦେଇଥିଲେ । ମଳୟ ନାୟକ ଦୀର୍ଘ ଦିନ ଧରି ଖଣି ଲିଜଧାରୀ ଓ ସାଧାରଣ ଲୋକଙ୍କଠାରୁ ଲାଞ୍ଚ ନେଉଥିବା ଅଭିଯୋଗ ହେଉଥିଲା ।

# ଗୁଜରାଟରେ ରାଜ୍ୟର ଶିକ୍ଷାମନ୍ତ୍ରୀମାନଙ୍କ ଜାତୀୟ ଶିକ୍ଷା ସମ୍ମିଳନୀରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଗାନ୍ଧୀନଗର/ଭୁବନେଶ୍ୱର, ୦୧/୦୬ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଗୁଜରାଟ ଗାନ୍ଧୀନଗରରେ ଗୁଜୁରାଟ ଶିକ୍ଷା ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କ ସ୍କୁଲ ଶିକ୍ଷା ଓ ସ୍ୱାକ୍ଷରତା ବିଭାଗ ତରଫରୁ ଆୟୋଜିତ ଦୁଇଦିନିଆ ରାଜ୍ୟର ଶିକ୍ଷା ମନ୍ତ୍ରୀ ମାନଙ୍କ ଜାତୀୟ ଶିକ୍ଷା ସମ୍ମିଳନୀରେ ଯୋଗ ଦେଇଛନ୍ତି । ବିଦ୍ୟା ସମୀକ୍ଷା କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ଶିକ୍ଷା ମନ୍ତ୍ରୀ ଏବଂ ଶିକ୍ଷା ବିଭାଗ ସହ ସଂଶ୍ଲିଷ୍ଟ ପ୍ରତିନିଧି ମାନେ ସାମିଲ ହୋଇଥିଲେ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର, ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁଭାଷ ସରକାର, ବିଭିନ୍ନ ରାଜ୍ୟର ଶିକ୍ଷା ମନ୍ତ୍ରୀ ଓ ପ୍ରତିନିଧିଙ୍କ ସହ ବିଭିନ୍ନ ଅନୁଷ୍ଠାନ ଓ ଦକ୍ଷତା ଆଧାରିତ ଅନୁଷ୍ଠାନ ପରିଦର୍ଶନ କରିଥିଲେ । ବିଦ୍ୟା ସମୀକ୍ଷା କେନ୍ଦ୍ର, ଭାସ୍କରାଚାର୍ଯ୍ୟ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ସ୍ପେସ୍ ଆପ୍ଲିକେସନ୍ ଏବଂ ଜିଓ-ଇନଫର୍ମେଟିକ୍ସ, ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିଭରସିଟି ଏବଂ ଆନ୍ତର୍ଜାତୀୟ ଅଟୋମୋବାଇଲ୍ ସେଂଟର ଅଫ୍ ଏକ୍ସଲେନ୍ସ ପରିଦର୍ଶନ କରିଥିଲେ କେନ୍ଦ୍ରମନ୍ତ୍ରୀ । ଏହି ପରିଦର୍ଶନ କାଳରେ ଶ୍ରୀ ପ୍ରଧାନ ଉପସ୍ଥିତ ଶିକ୍ଷା କ୍ଷେତ୍ରର ସବୁ ଷ୍ଟେକହୋଲଡରମାନଙ୍କୁ ବାଲବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଆଂଚଳିକ ଭାଷାରେ ଗୁଣାତ୍ମକ ଇ-କଂଟେଟ୍ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ରାଜ୍ୟ ଶିକ୍ଷା ମନ୍ତ୍ରୀ ମାନଙ୍କ ଜାତୀୟ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗୁଜୁରାଟର ବିଦ୍ୟା ସମୀକ୍ଷା କେନ୍ଦ୍ର ଟେକ୍ନୋଲୋଜି ଦ୍ୱାରା ୫୪ ହଜାର ୨୭୩ ବିଦ୍ୟାଳୟକୁ ପରିଚାଳିତ କରୁଅଛି । ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ବିଦ୍ୟାର୍ଥୀଙ୍କ ତଥ୍ୟଭିତିକ ରେକର୍ଡନୁସାରେ ସ୍କୁଲରେ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ▶▶ପୃଷ୍ଠା ୭

## କଂଗ୍ରେସର ୨ ଦିନିଆ ନବ ସଂକଳ୍ପ ଚିନ୍ତନ ଶିବିର ଉଦଘାଟିତ

ଭୁବନେଶ୍ୱର, ୦୧/୦୬ (ନି.ପ୍ର): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନବନିଯୁକ୍ତ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧକ୍ଷତାରେ ନବ ସଂକଳ୍ପ ଶିବିର ଭୁବନେଶ୍ୱର ଇନିଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରର୍ସ ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା । ଅଖିଳ ଭାରତ କଂଗ୍ରେସ କମିଟିର ଉଦୟପୁର ନବ ସଂକଳ୍ପ ଚିନ୍ତନ ଶିବିରର ନିଷ୍ପତିକୁ ସାରା ଓଡ଼ିଶାରେ କାର୍ଯ୍ୟକାରୀ କରିବା ନେଇ ଆଜି ଏହି ଚିନ୍ତନ ଶିବିର ଅନୁଷ୍ଠିତ ହୋଇଥିଲା । ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ କହିଲେ ଯେ ବିଗତ ୮ ବର୍ଷ ଧରି ଏ ସରକାର ଦେଶକୁ ଲୁଟ କରିବାଛଡ଼ା ଆଉ କିଛି କରିନାହିଁ । ଦେଶବାସୀଙ୍କୁ ଆଛେଦିନର ସ୍ୱପ୍ନ ଦେଖାଇ ଲୋକମାନଙ୍କ ଉପରେ ମହଙ୍ଗାଇର ବୋଝ ଲଦିଦିଆଯାଇଛି । ଅଟା, ଅଣ୍ଡା, ପନିପରିବା, ମାଛ, ତେଲ, ଲୁଣ, ଡାଲି ପ୍ରଭୃତି ଅତ୍ୟାବଶ୍ୟକୀୟ ପଦାର୍ଥର ଦାମ ୨୦୧୪ ରେ ଯାହାଥିଲା ଆଜି ଶତପ୍ରତିଶତ ବଢ଼ିଯାଇଛି । ଲୋକଙ୍କ ପାଖରେ ରୋଜଗାର ନାହିଁ । ଭାରତ ବର୍ଷର ୪୫ କୋଟି ଲୋକ ଆଜି ବେରୋଜଗାର ହୋଇ ଯାଇଛନ୍ତି । ବେରୋଜଗାରୀ ମୋଦି ସରକାର ସମୟରେ ୪୫ ବର୍ଷର ରେକର୍ଡ ଭାଙ୍ଗିଛି । ଏହି ଶିବିରରେ ଓଡ଼ିଶା ପ୍ରଭାରୀ ତଥା ସାଂସଦ ଡଃ ଏ ଚେଲା କୁମାର କହିଥିଲେ ଯେ ସାରା ରାଜ୍ୟରେ କଂଗ୍ରେସ ସଂଗଠନକୁ ▶▶ପୃଷ୍ଠା ୭

## ସିମେଂଟ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର ଆହତ

କନ୍ଧମାଳ,୦୧/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ମଣ୍ଡାକିଆ ପଂଚାୟତର ଗଡିଶିଳା ଘାଟିରେ ଆଜି ସକାଳୁ ସକାଳୁ ଏକ ସିମେଂଟ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ସିମେଂଟ ଭର୍ତି ଟ୍ରକ୍ ଟି ବୌଦ୍ଧ ଜିଲ୍ଲାରୁ ରାଇକିଆ ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ଟ୍ରକ ନମ୍ବର (ଓଡି ୧୫ ଜେ ୬୫୫୭) ଓଲଟି ପଡ଼ିଥିଲା। ଖବର ପାଇ ଘଟଣାସ୍ଥଳରେ ରାଇକିଆ ଥାନା ଏସଆଇ ଅଶୋକ ତ୍ରିପାଠୀ ଓ ତାଙ୍କ ସହଯୋଗୀ ପହଂଚି ଡ୍ରାଇଭରକୁ ଉଦ୍ଧାର କରିବା ସହିତ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ ଏବଂ ଟ୍ରକ ସମେତ ସିମେଂଟ ବସ୍ତା ଗୁଡ଼ିକର ସୁରକ୍ଷା ଦିଗରେ ପଦକ୍ଷେପ ନେଇଥିବା ଜଣାପଡିଛି।

## ଭୁଲ୍ ରକ୍ତ ନେଇ ଦୁଇ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

କେନ୍ଦୁଝର,୦୧/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭୂଲ୍ ଗ୍ରୁପ୍ ର ରକ୍ତ ଦେବାରୁ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏଭଳି ଘଟଣାରେ ମୃତକଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ । ସଦର ବ୍ଲକ ରାଇସୁଆଁ ପଚାଂୟତ ସାହୁସାହିର ସୁନି ସାହୁ ଅସୁସ୍ଥତା କାରଣରୁ ଗତ ୧୩ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିଲେ । ସେଠାରେ ତାଙ୍କୁ ୨ ୟୁନିଟ୍ 'ବି' ପଜିଟିଭ୍ ରକ୍ତ ଦିଆଯାଇଥିଲା । ହେଲେ, ସେ ଅଧିକ ଅସୁସ୍ଥ ହୋଇ ପଡ଼ିବାରୁ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ କଟକ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ତାଙ୍କର ରକ୍ତ ନମୂନା ପରୀକ୍ଷା କରାଯିବାରେ ତାହା 'ଏବି' ପଜିଟିଭ୍ ଜଣାପଡ଼ିଥିଲା । ସେଠାରେ ତାଙ୍କୁ 'ଏବି' ପଜିଟିଭ୍ ରକ୍ତ ଦିଆଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗତ ୨୭ ତାରିଖରେ କଟକରେ ମୃତ୍ୟୁ ଘଟିଥିଲା । କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭୂଲ ରକ୍ତ ଦିଆଯିବା କାରଣରୁ ସୁନି ସାହୁଙ୍କର ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି । ସେହିପରି, ସଦର ବ୍ଲକ କଣ୍ଡରାପଶି ଗାଁର ଦାମ ମୁଣ୍ଡା ଗତ ଏପ୍ରିଲ୍ ମାସ ୧ ତାରିଖରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହେବା ପରେ ତାଙ୍କୁ ଏ ପଜିଟିଭ୍ ରକ୍ତ ବଦଳରେ ବି ପଜିଟିଭ୍ ରକ୍ତ ଦିଆଯାଇଥିଲା । ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଚିକିତ୍ସାରେ ଏଭଳି ତୃଟୀ ସାମ୍ନାକୁ ଆସିବା ପରେ ରକ୍ତଭଣ୍ଡାର କର୍ମଚାରୀ ଓ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ କରିଛନ୍ତି ସାଧାରଣଜନତା । ଘଟଣା ସମ୍ପର୍କରେ ଅବଗତ ହେବା ପରେ ବିଭାଗୀୟ ମୁଖ୍ୟ ଡାକ୍ତରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତାରାଣୀ ମିଶ୍ର। ସବିଶେଷ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## କୋରୁକୋଣ୍ଡା ଲ୍ୟାମ୍ପ ନିର୍ବାଚନ ପାଇଁ ୬୮ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

ମାଲକାନଗିରି,୦୧/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଲ୍ୟାମ୍ପସ ଅଧୀନରେ ଥିବା ୧୫ଟି ଜୋନ୍ ପାଇଁ ଆସନ୍ତା ଜୁନ୍ ୧୯ ତାରିଖରେ ନିର୍ବାଚନ ହେବାକୁ ଥିବାବେଳେ ଆଜି ଇଚ୍ଛୁକ ପ୍ରାର୍ଥୀ ପ୍ରାର୍ଥିନୀଙ୍କ ପ୍ରାର୍ଥୀପାତ୍ର ଦାଖଲ କରିବାର ଶେଷ ଦିନଥିଲା । ଗତ ୨ଦିନ ଧରି ଆଶାୟୀ ପ୍ରାର୍ଥୀମାନେ ପ୍ରାର୍ଥିପତ୍ର କ୍ରୟ କରିଥିଲେ । ନିର୍ବାଚନ ପାଇଁ ୬୮ ଜଣ ପ୍ରାର୍ଥି ଫର୍ମ ପୂରଣ କରି ନିର୍ବାଚନ ଅଧିକାରୀଙ୍କ ଠାରେ ସେମାନଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ । କୋରୁକୋଣ୍ଡା ଲ୍ୟାମ୍ପସ ଅଧିକାରୀ ଅଭିମନ୍ୟୁ ହାଲବାଙ୍କ କହିବା ଅନୁସାରେ, କୋରୁକୋଣ୍ଡା ଲ୍ୟାମ୍ପସ ଅଧୀନରେ ୧୫ଟି ଜୋନ୍ ଥିବାବେଳେ ଭୋଟର ସଂଖ୍ୟା ୫୦୭୦ ରହିଛି । ୧୫ଟି ଜୋନ୍ ମଧ୍ୟରୁ ଅନୁସୂଚିତ ଜନଜାତିଙ୍କ ପାଇଁ ୧୦ଟି ଜୋନ୍ ସଂରକ୍ଷିତ ଥିବାବେଳେ ତନ୍ମଧ୍ୟରୁ ୪ ମହିଳାଙ୍କ ପାଇଁ ଏବଂ ଅନ୍ୟ ପାଂଚଟି ଅଣସଂରକ୍ଷିତ ପଦବୀ ରହିଛି । ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ଥିବାବେଳେ ମୋଟ ୬୮ ଜଣ ପ୍ରାର୍ଥୀ ନିଜ ନିଜର ସମର୍ଥକ ଏବଂ ପ୍ରସ୍ତାବକଙ୍କ ସହିତ ଆସି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଆସନ୍ତା ୧ ତାରିଖରେ ପ୍ରାର୍ଥିପାତ୍ର ଗୁଡ଼ିକୁ ଯାଂଚ୍ କରାଯିବ । ପ୍ରାର୍ଥିପାତ୍ର ପ୍ରତ୍ୟାହାର ଆସନ୍ତା ୫ ତାରିଖ ରଖାଯାଇଛି । ଜୁନ୍ ୧୯ତାରିଖ ଦିନ ୫୦୭୦ ଜଣ ଭୋଟର ନିଜ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟଦେବେ ବୋଲି ନିର୍ବାଚନ ଅଧିକାରୀ ଅଶୋକ କୁମାର ମହାନ୍ତି କହିଛନ୍ତି ।

## ନାବାଳିକା ଗଣଦୁଷ୍କର୍ମ ମାମଲା ଦୁଇ ଦୋଷୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

କେନ୍ଦୁଝର,୦୧/୦୬ (ନି.ପ୍ର): ନାବାଳିକା ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ସହ ୫୮ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜକୋର୍ଟ । ଏଠାରେ ଉଲ୍ଲେଖଯୋଗ୍ୟ, କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅଂଚଳରେ ୨୦୧୭ ମସିହାରେ ଘଟିଥିଲା ଏହି ଘଟଣା । ଗାଁରେ ପାଲା ଦେଖୁଥିବା ସମୟରେ ରାତିରେ ଉଠାଇ ନେଇ ନାବାଳିକାକୁ ଗଣଦୁଷ୍କର୍ମ କରିଥିବା ମାମଲାର ବିଚାରଣା କରି କୋର୍ଟ ନିଜ ରାୟରେ ଦୁଇ ଦୋଷୀ ବରାଳ ନାଏକ ଓ କେଦାର ନାଏକଙ୍କୁ ୨୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୮ ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଇଛନ୍ତି କେନ୍ଦୁଝର ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜକୋର୍ଟ । ସମୁଦାୟ ୨୨ ଜଣ ସାକ୍ଷୀଙ୍କର ବୟାନକୁ ଭିତି କରି ଅଦାଲତ ଆଜି ଏହି ରାୟ ଦେଇଛନ୍ତି ।

## ବିଶ୍ୱ ତମାଖୁ ନିଷେଧ ଦିବସ ପାଳିତ

ଭଦ୍ରକ,୦୧/୦୬ (ନି.ପ୍ର):- ମଇ ୩୧ ତାରିଖରେ ପାଳନ କରାଯାଉଥିବା ବିଶ୍ୱ ତମାଖୁ ବର୍ଜନ ଦିବସକୁ ଆଜି ଜିଲ୍ଲା ସ୍ତରରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଡି.ପି.ଏଚ୍.ଓ. ଡା ଭାରତୀ ରାଉତ, ଏ.ଡି.ପି.ଏଚ୍.ଓ. ସୁମିତ୍ରା ଦେ, ଏପିଡେମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡା, ପୋଲିସ୍ ଇନିସ୍‌ପେକ୍ଟର ମୋନାଲିସା କର, ଡି.ପି.ଏମ୍. ସରିତା ମହାପାତ୍ର, ଡି.ଏମ୍.ଆର.ସି.ଏଚ୍. ଜିତେନ୍ଦ୍ର ବିଶ୍ୱାଳ, ଅଣ ସଂକ୍ରାମକ ରୋଗ ସହକାରୀ ପରିଚ୍ଳକ ଦୀପକ କୁମାର ରାଉତ ଏନ୍.ଏସ୍.ଏସ୍.ର ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ବୈର ଗଞ୍ଜନ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏହି ଦିବସ ପାଳନ ଅବସରରେ ତମାଖୁର ବ୍ୟାବହାରିକ ପରିଣାମ ଉପରେ ଗୁରୁତ୍ୱାରୋପ, ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜନିତ ସଚେତନତା, ତମାଖୁ ସେବନରେ ବିଭିନ୍ନ କ୍ଷତିକାରକ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଭଦ୍ରକ କଲେଜରେ ହୋଇଥିବା ଚିତ୍ରାଙ୍କନ, ସ୍ଲୋଗାନ୍, ବକ୍ତୃତା ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଗରିବ କଲ୍ୟାଣ ଯୋଜନାର ହିତାଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

ପୁରୀ,୦୧/୦୬ (ନି.ପ୍ର): ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ ଗରିବ କଲ୍ୟାଣ ସମ୍ମେଳନରେ ଯୋଗ ଦେଇଥିଲେ। ହିମାଚଳ ପ୍ରଦେଶର ରିଚ୍ ମଇଦାନରୁ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନାରେ ହିତାଧିକାରୀ କୃଷକ ମାନଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ନବ ନିର୍ମାଣ ଯୋଜନା ତ୍ୱରାନ୍ୱିତ କରିବା ସହ ରାଷ୍ଟ୍ରର ବିକାଶ, ସୁରକ୍ଷା ଓ ସମ୍ମାନ ଉଦ୍ଦେଶ୍ୟରେ ଦେଶରେ କାର୍ଯ୍ୟକାରୀ ହେଉଥିବା ଦାରିଦ୍ର୍ୟ ଦୂରୀକରଣ ଯୋଜନା ଯଥା ସୁନିଧି ଯୋଜନା, ଅଟଳ ପେନସନ ଯୋଜନା, ଉଜ୍ଜ୍ୱଳା ଯୋଜନା, ଜନଜୀବନ ମିଶନ, ସ୍ୱଚ୍ଛ ଭାରତ ମିଶନ, ମାତୃ ବନ୍ଦନା ଯୋଜନା, ପୋଷଣ ଯୋଜନା, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଆୟୁଷ୍ମାନ ଯୋଜନା ସମ୍ପର୍କରେ କେନ୍ଦ୍ର ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ପ୍ରଧାନମନ୍ତ୍ରୀ ବିଷଦ ତଥ୍ୟ ପ୍ରଦାନ କରିଥିଲେ। ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ଯିବା ଦ୍ୱାରା ଭ୍ରଷ୍ଟାଚାରକୁ ରୋକାଯାଇ ପାରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ଉପ ସଭାପତି ସ୍ୱାଧୀନ ନାୟକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲ୍ଲା ଏଲଡିଏମ କିଶୋର କୁମାର ଆଚାର୍ଯ୍ୟ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ରଥ, ସମସ୍ତ ବ୍ଲକ୍ ପଂଚାୟତ ସମିତି ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସରପଂଚ ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଭଦ୍ରକ ସହରକୁ ଟ୍ରଲିମୁକ୍ତ କରିବାକୁ ଜିଲ୍ଲାପାଳଙ୍କ ଠାରେ ଦାବି

ଭଦ୍ରକ,୦୧/୦୬ (ନି.ପ୍ର): ଭଦ୍ରକ ସହର ମଧ୍ୟରେ ଟାଉନ ବସ ସେବା ସହ ପାର୍କିଂ ସୁବିଧା ନଥିବାରୁ ଜନସାଧାରଣ ସହର ମଧ୍ୟରେ ଗମନାଗମନ ଓ ପାର୍କିଂ ପାଇଁ ବହୁ ସମସ୍ୟାରେ ସମ୍ମୁଖୀନ ହୋଇଥାନ୍ତି। ଏହି ସମସ୍ୟା ଜନସାଧାରଣଙ୍କୁ କଷ୍ଟ ଦେଉଥିବା ବେଳେ ଆହୁରି ପୀଡ଼ାଦାୟକ କରିଛି ସହରକୁ ଜବରଦଖଲ କରି ବେଆଇନ ଭାବେ ବ୍ୟବସାୟ କରୁଥିବା ଟ୍ରଲିବାଲା ମାନଙ୍କର ଆଚରଣ ଓ ଉଚ୍ଚାରଣ। ଜିଲ୍ଲା ହେବାର ୩୦ ବର୍ଷ ପରେ ମଧ ସହରରେ ସେମିତି କୌଣସି ଆଖିଦୃଶିଆ ବିକାଶ ହୋଇନଥିବା ବେଳେ ଏହାଠୁ ବଳିଯାଇଛି ମୁଷ୍ଟିମେୟ ବ୍ୟକ୍ତିମାନଙ୍କର ଜବରଦଖଲ। ରାଜନୈତିକ ହସ୍ତକ୍ଷେପ ଯୋଗୁଁ ଜବରଦଖଲ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଏବେ ବେଆଇନ ଟ୍ରଲି ବେପାରୀ ମାନଙ୍କର ଦୌରାତ୍ମ୍ୟରେ ସହରବାସୀ ଅତିଷ୍ଠ। ବହୁବାର ପୋଲିସ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ପରେ ମଧ ଏମାନଙ୍କର ନିଘା ନାହିଁ। ବିଗତ ଦିନରେ ସହର ସମ୍ପ୍ରସାରଣ ନିମନ୍ତେ ପ୍ରଶାସନ ଅନେକ ସ୍ଥାୟୀ ଦୋକାନ ଉଚ୍ଛେଦ କରିଥିଲେ ମଧ ଏହି ସ୍ଥାନ ଗୁଡିକରେ ପୁନର୍ବାର ପସରା ମେଲାଇ ଦେଇଛନ୍ତି ଏହି ଟ୍ରଲି ବେପାରୀ ମାନେ। ଫଳରେ ରାସ୍ତା ସଙ୍କୁଚିତ ହେବା ସହ ଗମନାଗମନ କ୍ଷେତ୍ରରେ ବ୍ୟାପକ ବ୍ୟାଘାତ ହେଉଅଛି। ଏହାସହ ଏମାନଙ୍କର ସଂଖ୍ୟା ବୃଦ୍ଧି ଯୋଗୁ ଲକ୍ଷଲକ୍ଷ ଟଙ୍କା ଅମାନତ ଜମା କରି ସ୍ଥାୟୀ ଦୋକାନ ନେଇଥିବା ବ୍ୟବସାୟୀମାନେ ବି କ୍ଷତି ସହୁଛନ୍ତି। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଏଠାରେ ସୂଚନା ଯୋଗ୍ୟ ଯେ, ଏହି ଟ୍ରଲି ବେପାରୀମାନଙ୍କ ନିମନ୍ତେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ୩୦ କୋଟିରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ପାଖାପାଖି ୨୦୦ ଟି ଦୋକାନ ଘର ନିର୍ମାଣ କରାଯାଇଥିଲେ ମଧ ପ୍ରଶାସନିକ ଉଦାସୀନତା ପାଇଁ ଏହା ବର୍ତମାନ ଅବ୍ୟବହୃତ ଅବସ୍ଥାରେ। ଏଣୁ ତୁରନ୍ତ ଭଦ୍ରକ ସହରକୁ ଟ୍ରଲିବାଲାଙ୍କ ଦୌରାତ୍ମ୍ୟରୁ ରକ୍ଷା କରା ନଗଲେ ଆଗାମୀ ଦିନରେ ପରିସ୍ଥିତି ଅଣାୟ ହେବ ଏବଂ ଜିଲ୍ଲା ପ୍ରଶାସନ ଏଥି ନିମନ୍ତେ ଦାୟୀ ରହିବ ଚେତବାନୀ ଦେଇ ଆଜି ସହରର କେତେକ ଯୁବକ ରବି ସାହୁ, ସନ୍ତୋଷ ବେହେରା ପ୍ରମୁଖ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିଛନ୍ତି।

## ସିରାଜଉଦ୍ଦିନ ଖାଁଙ୍କ ବିୟୋଗରେ ଶୋକସଭା, କ୍ୟାଣ୍ଡେଲରାଲି

ଭୁବନ,୦୧/୦୬ (ନି.ପ୍ର): ୧୯୯୧ ମାଟ୍ରିକ ବ୍ୟାଚର ସାଥୀ ତଥା ଯୁବସମାଜସେବୀ ସିରାଜଉଦ୍ଦିନ ଖାଁ(ଗରିବ)ଙ୍କର ଗତ ଶୁକ୍ରବାର ସକାଳେ କଟକ ବଡଡାକ୍ତରଖାନାରେ ଅକାଳ ବିୟୋଗ ହୋଇଥିଲା। ଏଥିସକାଶେ ୧୯୯୧ ମାଟ୍ରିକ ବ୍ୟାଚ ତରଫରୁ ଡାକବଙ୍ଗଳା ଠାରେ ସୁଶାନ୍ତ କୁମାର ପୋଥାଳଙ୍କ ଆହ୍ୱାନ କ୍ରମେ ସ୍ୱର୍ଗତ ଗରିବଙ୍କ ଉଦ୍ଦେଶ୍ୟରେ ଆଜି ସଂଧ୍ୟାରେଏକ ଶୋକସଭା ଓ କ୍ୟାଣ୍ଡେଲରାଲି ଅନୁଷ୍ଠିତ ହୋଇଯାଇଛି। ଦେବେନ୍ଦ୍ର ସାହୁ, ମନମୋହନ ସେନ, ହିତେନ୍ଦ୍ର ଗୁରୁ, ଦିଲ୍ଲୀପ ରାଉତ, ରଂଜନ ବେହେରା, ଦୁଷ୍ମନ୍ତ ଜେନା, ଗୌତମ ପଟ୍ଟନାୟକ, ଅନୁପ ସାହୁ, ସମୀରସାହୁ, ସନ୍ତୋଷ ସାହୁ, ପ୍ରମୋଦ ସାହୁ, ପବିତ୍ର ବେହେରା ପ୍ରମୁଖ ଡାକବଙ୍ଗଳା ଠାରୁ କ୍ୟାଣ୍ଡେଲରାଲିରେ ବାହାରି 'ଗରିବଭାଇ ଅମରରହେ' ନାରାବାଜି କରିଥିଲେ । ଅମରଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିବା ପରେ ଶୋକସଭା ଆୟୋଜନ ହୋଇଥିଲା। ଗରିବଙ୍କ ଅକାଳ ବିୟୋଗ ୧୯୯୧ ବ୍ୟାଚ ପାଇଁ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ।

## ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ମାଲକାନଗିରି,୦୧/୦୬ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ତରଫ ରୁ ଯୁକ୍ତ ୩ ଛାତ୍ର ଛାତ୍ରୀ ଓ ଯୁକ୍ତ ୨ ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି ! ଅଧ୍ୟାପକ ଡ଼ଃ . ରଞ୍ଜନ କୁମାର ସ୍ୱାଇଁଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦାନ କରି ଛାତ୍ର ଛାତ୍ରୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ କରିବା ସହ ଶୁଭ ଆଶୀର୍ବାଦ କରିଥିଲେ । ସମ୍ମାନିତ ଅତିଥି ରୂପେ ବାଣିଜ୍ୟ ବିଭାଗର ପୂର୍ବତନ ଛାତ୍ର ରବି ରାଜେଶ ଉପସ୍ଥିତ ରହି ସାନ ଭାଇ ଭଉଣୀ ମାନଙ୍କୁ ଉଚ୍ଚ ସପ୍ନ ଦେଖି କଠିନ ପରିଶ୍ରମ ବଳ ରେ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମେଘା ଅଗ୍ରୱାଲ, ଦୀପ୍ତି ରେଖା ମିଶ୍ର, ବି. ଗୁପ୍ତେଶ୍ୱର ରାଓ ଏବଂ ସ୍ନିଗ୍ଧା ସର୍ଦାର ସଫଳ କରିବା ପାଇଁ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ୧ ୫ ୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଭରପୁର ମଜ଼ା ନେଇଥିଲେ। ପ୍ରଥମେ ନୀଳମ ହଳଦର, ସୁମନ ରାଠି, ଭି.ନେହା ରାଜୁ, ଗାୟତ୍ରୀ ପାତ୍ର ଏବଂ ମଞ୍ଜୁ ବେହେରା ସ୍ୱାଗତ ସଂଗୀତ ଗାନ କରିଥିଲେ । ବାଣିଜ୍ୟ ବିଭାଗର ଠାକୁର ମା ଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦୀପଜଳନ କରିଥିଲେ। ଏହି ଅବସରରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ନବ ନିଯୁକ୍ତି ପାଇଁ ଥିବା ଅଧ୍ୟାପିକା ଆରତୀ ଲୁଗୁନ କୁ ପୁଷ୍ପ ସହିତ ଉତରୀୟ ଦେଇ ସମ୍ବୋଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ସୁଧୀର ସାନା, ହରି ଏସ୍ଲାବତ, ଋଷିକେଶ ବେହେରା, ଦର୍ଶନ ଜୈନ, ଶିବା ହୀରା, ରାଶବ ଜୈନ, ମହାବୀର ଜୈନ, ମନିଷ ଗୋୟଲ, ଶେଖ ସାହା, ଶେଖ ନାଜ୍ମୀର, ସୁପ୍ରିୟା ପାଣିଗ୍ରାହୀ, କନିକା ହଳଦାର, ଜଗନ ମହାପାତ୍ର, ଆଦିତ୍ୟ ପାତ୍ରୀ, ଅମିତ ଅଧିକାରୀ, ବିଶାଳ ଜୈନ, ସସ୍ମିତା ଖିଲ, ସଂଯୁକ୍ତା ରିଗମ, କାଭ୍ୟା ମୁର୍ମୁ ଭବି ଷ୍ୟତରେ କିପରି ମାଲକାନଗିରି ମହାବିଦ୍ୟାଳୟର ନାମକୁ ଉଚ୍ଚରୁ ଉଚ୍ଚତମ କରିବେ ସମସ୍ତେ ଶପଥ କରିଥିଲେ । ସଭା ଶେଷରେ ବି. ଗୁପ୍ତେଶ୍ୱର ରାଓ, ଅଧ୍ୟାପକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବନ୍ୟଜନ୍ତୁ ଶିକାର ନକରିବାକୁ ସଚେତନ କଲେ ପୋଲିସ ଅଧିକାରୀ

ମାଲକାନଗିରି,୦୧/୦୬ (ନି.ପ୍ର): ଜଙ୍ଗଲ ଆମର ମା ' । ଠାକୁରଙ୍କ ନାଁରେ ଶପଥ କରି କହୁଛୁ ପରମ୍ପରା ନାଁରେ ଆମେ ଆଉ ବନ୍ୟଜନ୍ତୁ ଶିକାର କରିବୁ ନାହିଁ, ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ସହ ଜଙ୍ଗଲରେ ଆଉ ନିଆଁ ଲଗାଇବୁ ନାହିଁ । ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଏହିପରି ଶପଥ କରି କହିଛନ୍ତି ଓର୍କେଲ ଥାନା ଅନ୍ତର୍ଗତ ସୋରୁଲୁକୋଣ୍ଡା ଗ୍ରାମବାସୀ ।ଚିତ୍ରକୋଣ୍ଡା ଏସଡ଼ିପିଓ ଅଂଶୁମାନ ଦ୍ୱିବେଦୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ଛକ ନିକଟରେ ପୁଲିସ ପକ୍ଷରୁ ଯାଂଚ୍ ଚାଲିଥିବା ବେଳେ ସୋରୁଲୁକୋଣ୍ଡା ଗ୍ରାମର ୨୨ ଜଣ ଗ୍ରାମବାସୀ ୧୨ଟି ମୋଟରସାଇକେଲରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶିକାର କରିବା ଉଦ୍ଦେଶ୍ୟରେ ବାହାରିଥିଲେ । ଏହି ସମୟରେ ଏସଡ଼ିପିଓ ଅଂଶୁମାନ ଦ୍ୱିବେଦୀ ଏବଂ ଥାନାଧିକାରୀ ଜୋହନ କୁଜୁର ସେମାନଙ୍କୁ ଅଟକାଇଥିଲେ । ପଚାରିବାରୁ ସେମାନେ ଟେନଲକ୍ୟାମ୍ପ ଜଙ୍ଗଲକୁ ଶିକାର କରିବାକୁ ଯାଉଥିବା ଗ୍ରାମବାସୀ କହିଥିଲେ । ଏହିପରି ଶିକାର କରି ନିରୀହ ବନ୍ୟପ୍ରାଣୀଙ୍କୁ ନମାରିବାକୁ ଦୁଇ ପୁଲିସ ଅଧିକାରୀ ସେମାନଙ୍କୁ ବୁଝାଇଥିଲେ । ତାସହ ଜଙ୍ଗଲକୁ ସୁରକ୍ଷା ଦେବା ଆଉ ଜଙ୍ଗଲରେ ନିଆଁ ନଲଗାଇବାକୁ ସଚେତନ କରାଇଥିଲେ । ଗ୍ରାମବାସୀ ମଧ ଏଥିରେ ଏକମତ ହୋଇ ସଚେତନ ହେବା ସହ ଅନ୍ୟମାନଙ୍କୁ ଏ ଦିଗରେ ସଚେତନ କରାଇବେ ବୋଲି କହିଥିଲେ । ଦୁଇ ପୁଲିସ ଅଧିକାରୀଙ୍କ ଏପରି ସଚେତନତା ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ।

## ଭବାନୀପାଟଣାରେ ଜିଲ୍ଲା ସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ଭବାନୀପାଟଣା,୦୧/୦୬ (ନି.ପ୍ର): ଆଜି ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ଜିଲ୍ଲା ସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଇଛି। ସି ଡ଼ିଏମଓ ଡ. କସ୍ତୁରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡିପିଏଚଓ ଡ. ରାକେଶ ସାହୁ, ଏଡିପିଏଚଓ ଡ. ଚନ୍ଦ୍ରିକା ଆଚାର୍ଯ୍ୟ, ଡିପିଏମ ଅବନୀ ମହାପାତ୍ରଙ୍କ ସମେତ ନିହାର ଠାକୁର,ହିମାଂଶୁ ବାରିକ,ବିବେକାନନ୍ଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଗଣ ନିଜ ଭାଷଣରେ ତମାଖୁ ସେବନର ଅପକାରିତା ଓ କର୍କଟ ରୋଗର ଅନ୍ୟତମ କାରଣ କହିବା ସହ ଏହିଭଳି ନିଶାଦ୍ରବ୍ୟକୁ ସେବନ ନକରିବା ତଥା ତଦ୍ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ସମାଜରେ ବିଶେଷ ପ୍ରଚାର ସହ ସ୍କୁଲ କଲେଜ ମାନଙ୍କ ପାଖରେ ଏଭଳି ନିଶାଦ୍ରବ୍ୟ ର ବିକ୍ରି କୁ ନିଷେଧ ଉପରେ କହିଥିଲେ । ଚଳିତ ବର୍ଷର ସ୍ଲୋଗାନ' ତମାଖୁ ଆମ ପରିବେଶ ପ୍ରତି ବିପଦ' ଏବଂ ଏହା ଉପରେ ଗୁରୁତ୍ୱ ଦେଇ ତମାଖୁ ସେବନକୁ ନିରୁତ୍ସାହିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏହି ଦିବସର ମହତ୍ୱକୁ ମାନେ ପକାଇ ଏକ ଶପଥ ପାଠ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ସ୍କୁଲ ଓ କଲେଜ ସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ, ସ୍ଲୋଗାନ ପ୍ରତିଯୋଗିତାରେ ବିଜୟୀ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଡ କସ୍ତୁରୀ ମିଶ୍ର ପୁରସ୍କାର ପ୍ରଦାନ କରିଥିଲେ।

## ବିଶ୍ୱ ତମାଖୁ ଦିବସ ପାଳିତ

ଜୟପୁର,୦୧/୦୬ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ବିଶ୍ୱ ତମାଖୁ ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ସିଡିଏମ ଏଣ୍ଡ ପିଏଚଓ ଡାକ୍ତର ଅରୁଣ କୁମାର ପାଢୀ ସଭାପତିତ୍ୱ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଯେପରି ବକ୍ତୃତା, ଚିତ୍ରାଙ୍କନ ଏପରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି । ତମାଖୁ ସେବନ ସ୍ୱାସ୍ଥ୍ୟ ପ୍ରତି ଏକ ବିପଦ ଏବଂ ଯୁବ ପିଢ଼ି ଏହି ତମାଖୁ ଠାରୁ ନିଜକୁ ଦୂରେଇ ରଖିବାକୁ କହିଛନ୍ତି ଡାକ୍ତର ଶ୍ରୀ ପାଢ଼ୀ। ତମାଖୁ ସେବନ ନ କରିବା ପାଇଁ ଛାତ୍ରଛାତ୍ରୀ ଶପଥ ପାଠ କରିଛନ୍ତି ।ନିଜେ ତମାଖୁ ଠାରୁ ଦୂରେଇ ଯିବା ସହ ସମାଜକୁ କିପରି ତମାଖୁ ମୁକ୍ତ କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ । କୋରାପୁଟ ଜିଲ୍ଲାର ବିଭିନ୍ନ ଏସଏସଜି ଗ୍ରୁପର ସଦସ୍ୟ ବି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।ତମାଖୁ ସେବନ ଦ୍ୱାରା ଅନେକ ଘର ପରିବାର ଧ୍ୱଂସ ମୁଖରେ ପଡିଥିବା କହିଛନ୍ତି ଡାକ୍ତର ରେଣୁକା ଦାସ । କାର୍ଯ୍ୟକ୍ରମରେ ଜୁରୀ ମେମ୍ବର ହିସାବରେ ସହଯୋଗ କରିଥିଲେ ରବି ଶତପଥୀ । ସିଗାରେଟ, ପାନ, ଗୁଟ୍ଖା ଏବଂ ବିଡ଼ି ଠାରୁ ଦୂରରେ ରହିଲେ ଭଲ। ଏପରି ନିଶା ଦ୍ରବ୍ୟ ଠାରୁ ଦୂରରେ ରହିବା ପାଇଁ ପରିବାରର ସାହାଯ୍ୟ ସହ ଡାକ୍ତରଙ୍କ ପରାମର୍ଶ ନେବା ଭଲ । କାର୍ଯ୍ୟକ୍ରମରେ ଡିପିଏମ ଶୁଭକାନ୍ତ ଗନ୍ତାୟତ, ଏଡିପିଏଚସିଓ ଶୁଭ ନାରାୟଣ ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସହ ପରିଚାଳକ ଏନସିଡି ସତିଶ ତ୍ରିପାଠୀ, ସହ ପରିଚାଳକ ପୂର୍ଣ୍ଣଚନ୍ଦ୍ର ଭୋଇ, ସହପରିଚାଳକ ସୂର୍ଯ୍ୟ ମହାପାତ୍ର, ସହପରିଚାଳିକା ରୋଜାଲିନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଗୋଛାପଡା ଥାନା ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର

କନ୍ଧମାଳ,୦୧/୦୬ (ନି.ପ୍ର): କନ୍ଧମାଳ ଜିଲା ଗୋଛାପଡା ଥାନା ଅନ୍ତର୍ଗତ ସଲାଗୁଡ଼ା ଠାରେ କନ୍ଧମାଳ ଜିଲ୍ଲା ପୋଲିସ ପକ୍ଷରୁ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆୟୋଜିତ ଏକ ସଭାରେ ଫୁଲବାଣୀ ଏସଡିପିଓ ମହେନ୍ଦ୍ରନାଥ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା ଗୋଛାପଡା ଥାନା ଅଧିକାରୀ ରଞ୍ଜିତ୍ କୁମାର ମୁନୀ କରିଥିଲେ। ଏଥିରେ ଆଖପାଖ ଅଂଚଳର ଦୁଇଶହରୁ ଅଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ସଭାରେ ଗ୍ରାମବାସୀଙ୍କୁ ପୋଲିସ ପକ୍ଷରୁ ବିଭିନ୍ନ ପ୍ରକାର ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ଏହି ଶିବିରର ମୂଳଲକ୍ଷ ବୋଲି ଗୋଛାପଡା ଥାନା ଅଧିକାରୀ କହିଛନ୍ତି । ପୋଲିସ ଜନସାଧାରଣଙ୍କ ବନ୍ଧୁ ଭାବେ କାର୍ଯ୍ୟ କରୁଛି, ଏଣୁ ସର୍ବଦା ପୋଲିସକୁ ସହଯୋଗ କରିବାକୁ ଉପସ୍ଥିତ ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ଗ୍ରାମର ସମସ୍ତ ଜନସାଧାରଣ ଯୋଗ ଦେଇଥିଲେ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ

ଜୟପୁର,୦୧/୦୬ (ନି.ପ୍ର): ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଜୟପୁର ସ୍ଥିତ ଜିଲା ଶ୍ରମ ଅଧିକାରିଙ୍କ କାର୍ଯ୍ୟାଳୟରେ ଏହାର ଶୁଭାରମ୍ଭ ହୋଇଛି । ଉପ ଜିଲାପାଳ ବେଦବର ପ୍ରଧାନ ଏହି ରଥକୁ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ କୋରାପୁଟ ଜିଲାର ଜୟପୁର, କୋଟପାଡ, କୋରାପୁଟ ଓ ସୁନାବେଡା ଅଂଚଳରେ ବୁଲି ଲୋକଙ୍କୁ ସଚେତନ କରିବ । ଆସନ୍ତା ୧୨ ତାରିଖରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ଏହି ରଥ ଜିଲାର ପୌରାଚଂଳ, ଏନସିସି ଅଂଚଳରେ ବୁଲି ଲୋକଙ୍କୁ ସଚେତନ କରିବ । ୧୪ ବର୍ଷରୁ କମ ବୟସ ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ, ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦ ସଙ୍କୁଳ କାମରେ ନିୟୋଜନକୁ ବାରଣ କରିବା, ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଯାଏ଼ ଜୋରିମାନା ଦେବାକୁ ପଡିବ, କେବଳ ଜୋରିମାନା ନୁହେଁ ବରଂ କୌଣସି କାର୍ଯ୍ୟରେ ଶିଶୁ ଓ କିଶୋରଙ୍କୁ ନିୟୋଜନ କରୁଥିଲେ, ୨ ବର୍ଷ ଯାଏ କାରାଦଣ୍ଡରେ ଦଣ୍ଡିତ କରିବାର ବ୍ୟବସ୍ଥା ମଧ ରହିଛି । ଏପରି ଭୁଲ ଦ୍ୱିତୀୟ ଥର ହେଲେ ୩ ବର୍ଷ ଯାଏ କାରାଦଣ୍ଡ ମଧ ହୋଇପାରିବ ଆଦି ଲୋକଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଇଛି । ଶିଶୁ ଶ୍ରମ ମୁକ୍ତ ଓଡିଶା ଗଠନ କରିବାକୁ ସଙ୍କଳ୍ପ କରାଯାଇଛି । ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ଆସନ୍ତା ୩ ତାରିଖରେ ବିଶାଳ ସଚେତନତା ଶୋଭାଯାତ୍ରା ଓ ୧୦ ତାରିଖରେ ଜିଲା ସ୍ତରିୟ ସଚେତନତା ବୈଠକ ହେବା ନେଇ ସ୍ଥିର ହୋଇଛି । ଜିଲା ଶ୍ରମ ଅଧିକାରି ପ୍ରସନ୍ନ କୁମାର ପାଣିଗ୍ରାହୀ ଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହ ଶ୍ରମ ଅଧକାରି ପଦ୍ମ ଚରଣ ପଣ୍ଡା, ଚୈତନ୍ୟ ପ୍ରସାଦ ମାଝି, ପ୍ରୋଗ୍ରାମ ମ୍ୟାନେଜର ବିନାୟକ ସାନ୍ତା, ଲେବର ଇନ୍ସପେକ୍ଟର ପୁର୍ନିମା ଡୁରୁକା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଧାୟକଙ୍କ ଦ୍ୱାରା ଡୁମେରଜୋର ସାପ୍ତାହିକ ବଜାର ଉଦ୍‌ଘାଟିତ

ନୂଆପଡ଼ା,୦୧/୦୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ କେନ୍ଦୁପାଟି ଗ୍ରାମପଂଚାୟତ ଡୁମେରଜୋର ଗ୍ରାମ ଠାରେ ସ୍ୱର୍ଗତ ରାଧା ଚରଣ ବାରିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାପ୍ତାହିକ ବଜାର ପୁନଃ ଉଦ୍ଧାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବରେ ଖଡିଆଳ ବ୍ଲକ ଅଧକ୍ଷା ପୁଷ୍ପାଜଂଳୀ ନନ୍ଦ, ଖଡିଆଳ ଗୋଷ୍ଠି ଉନ୍ନୟନ ଅଧିକାରୀ ନାରାୟଣ ସାହୁ, ସ୍ଥାନୀୟ ସରପଂଚ ଚନ୍ଦ୍ର କୁମାର ଶଣ୍ଢ, ଲାଞ୍ଜି ସରପଂଚ ବୈଦେହୀ ମାଝୀ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ସମିତି ସଭ୍ୟ ବୀଣାପାଣି ନାଏକ, ଖଡିଆଳ ପାଟଣା କ୍ଷତ୍ରୀୟ ସମାଜର ବରିଷ୍ଠ ପରାମର୍ଶଦାତା ଜିତେନ୍ଦ୍ର ସିଂ ବାରିକ, ରମଣ ସିଂ ବାରିକ, ମାନବିନ୍ଦ୍ର ସିଂ ବାରିକ ମଂଚାସୀନ ଥିଲେ । ସଭାରେ ଜିତେନ୍ଦ୍ର ସିଂ ବାରିକ ମଂଚ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଥାଉକି, ଗତ ୧୯୫୨ ମସିହାରେ ସ୍ୱର୍ଗତ ସୁରେଶ ଚନ୍ଦ୍ର ବାରିକ ନିଜ ପିତା ସ୍ୱର୍ଗତ ରାଧାଚରଣ ବାରିକଙ୍କ ନାମରେ ଡୁମେରଜୋର କୁର୍ଲୁଭଟା ଠାରେ ଏକ ସାପ୍ତାହିକ ରବିବାର ବଜାର ବସାଇଥିଲେ । ଏହି ବଜାର ଦିର୍ଘବର୍ଷ ଧରି ବସି ଆସୁଥିବା ବେଳେ ଗତ କିଛିବର୍ଷ ହେଲା ବଜାର ବସିବା ବନ୍ଦ ହୋଇଯାଇଥିଲା । ଏବେ ସ୍ୱର୍ଗତ ସୁରେଶ ଚନ୍ଦ୍ର ବାରିକଙ୍କ ପୁଅ ମାନବିନ୍ଦ୍ର ବାରିକ ସମେତ କେନ୍ଦୁପାଟି ଗ୍ରାମବାସୀ ବଜାର ପୁନଃ ଉଦ୍ଧାର ଉଦ୍ୟମ କରିଛନ୍ତି । ଏହି ବଜାର ରବିବାର ପରିବର୍ତେ ମଙ୍ଗଳବାର ଦିନ ବସିବା ପାଇଁ ନିର୍ଦ୍ଧାରିତ କରାଯାଇଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଗୁରୁବାର, ଜୁନ୍ ୨, ୨୦୨୨

# ହୋମିଓପାଥି ଔଷଧ ଖାଉଥିଲେ...

କେତେକ ଲୋକ ହୋମିଓପାଥି ଔଷଧରେ ଚିକିତ୍ସା ହୋଇଥାନ୍ତି। ହେଲେ ଏହାକୁ ଖାଇବା ପୂର୍ବରୁ କିଛି ଦିଗପ୍ରତି ସାବଧାନତା ଅବଲମ୍ବନ କରିବା ଦରକାର। ନଚେତ୍ ଚିକିତ୍ସାରେ କୌଣସି ଉନ୍ନତି ଦେଖାଦେବ ନାହିଁ। କି କି




ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ ଆସନ୍ତୁ ଜାଣିବା...।

**ଖୋଲା ରଖନ୍ତୁ ନାହିଁ:** ହୋମିଓପାଥି ଔଷଧକୁ ଆଦୌ ଖୋଲା ରଖନ୍ତୁ ନାହିଁ। ଥଣ୍ଡା ସ୍ଥାନରେ ରଖନ୍ତୁ। ଔଷଧ ଖାଇ ସାରିଲା ପରେ ଡବା କିମ୍ବା ବୋତଲର ମୁହଁ ବନ୍ଦ କରିଦିଅନ୍ତୁ। କାରଣ ଖୋଲା ରହିଲେ ଏଥିରେ ଥିବା ଔଷଧୀୟ ଗୁଣ ନଷ୍ଟ ହୋଇଯାଏ।

**ଔଷଧ ହାତକୁ ନେଇ ଖାଆନ୍ତୁ ନାହିଁ:** ହୋମିଓପାଥି ଗୋଲି ଖାଇବା ପାଇଁ ହାତ ପାପୁଲିରେ ବାହାର କରନ୍ତୁ ନାହିଁ। କାରଣ ଏଥିରେ ଥିବା ସ୍ପିରିଟ ଅଂଶ ହାତ ସଂସ୍ପର୍ଶରେ ଆସି ନଷ୍ଟ ହୋଇଯାଏ। ଏହାଦ୍ୱାରା ଔଷଧର ପ୍ରଭାବ କମିଯାଏ।

**୧୦ ମିନିଟ ପର୍ଯ୍ୟନ୍ତ କିଛି ଖାଆନ୍ତୁ ନାହିଁ:** ହୋମିଓପାଥି ଔଷଧ ଖାଇବାର ୧୦ ମିଟ୍ ପୂର୍ବରୁ ଓ ୧୦ ମିନିଟ ପରେ କିଛି ଖାଆନ୍ତୁ ନାହିଁ। କାରଣ କୌଣସି ଖାଦ୍ୟ ସଂସ୍ପର୍ଶରେ ଔଷଧ ଆସିଲେ ତାର ପ୍ରଭାବ ହ୍ରାସ ପାଏ। ଫଳରେ ଉକ୍ତ ଔଷଧରେ ରୋଗ ଦୂର ହେବା ପାଇଁ କଷ୍ଟହୁଏ।

**ଅନ୍ୟ ଔଷଧ ସହିତ ରଖନ୍ତୁ ନାହିଁ:** ହୋମିଓପାଥି ଔଷଧ ସହିତ ଅନ୍ୟ କୌଣସି ଔଷଧ ଯଥା ଆୟୁର୍ବେଦିକ ଓ ଏଲୋପାଥିକ ଔଷଧ ସହିତ ମିଶାଇ ରଖନ୍ତୁ ନାହିଁ। କାରଣ ହୋମିଓପାଥି ଔଷଧର ଶକ୍ତି ହ୍ରାସ ପାଇଥାଏ। ଏହାକୁ ଖାଇବା ଦ୍ୱାରା ରୋଗ ଉପରେ କିଛି ପ୍ରଭାବ ପଡ଼ିନଥାଏ।

**ଖଟା ଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ:** ହୋମିଓପାଥି ଔଷଧ ଖାଇବା ପରେ କୌଣସି ପ୍ରକାର ଖଟା ଦ୍ରବ୍ୟ ଖାଇବା ଅନୁଚିତ। କାରଣ ଖଟାର ପ୍ରଭାବରେ ଔଷଧ ଶକ୍ତି ହ୍ରାସ ପାଇଥାଏ।



**ଅନ୍ୟ କୌଣସି ଔଷଧ ଖାଆନ୍ତୁ ନାହିଁ:** ହୋମିଓପାଥି ଔଷଧ ଖାଉଥିଲେ ଅନ୍ୟ ଔଷଧ ତଥା ଆୟୁର୍ବେଦିକ ଓ ଏଲୋପାଥି ଔଷଧ ଖାଆନ୍ତୁ ନାହିଁ। ନଚେତ୍ ହୋମିଓପାଥି ଔଷଧର କୌଣସି ପ୍ରଭାବ ପଡ଼ିବ ନାହିଁ।

**ପାଟି ଧୁଅନ୍ତୁ:** ହୋମିଓପାଥି ଔଷଧ ଖାଇବା ପୂର୍ବରୁ ଭଲ ଭାବରେ ପାଟି ଦିଅନ୍ତୁ। ଅର୍ଥାତ୍ ଭଲ ଭାବରେ କୁଳି କରି ଦାନ୍ତ ଓଜିଭକୁ ସଫା କରି ଔଷଧ ଖାଆନ୍ତୁ। ଏହାଦ୍ୱାରା ଔଷଧ ଉପଯୁକ୍ତ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

**କୌଣସି ନିଶା ଦ୍ରବ୍ୟ ଖାଆନ୍ତୁ ନାହିଁ:** ହୋମିଓପାଥି ଔଷଧ ଖାଇବା ପୂର୍ବରୁ ଓ ପରେ କୌଣସି ପ୍ରକାର ନିଶା ଦ୍ରବ୍ୟ ଯଥା ମଦ, ବିଡ଼ି, ଆଦି ଖାଆନ୍ତୁ ନାହିଁ। ଏହି ଦ୍ରବ୍ୟରେ ହାନିକାରକ ନିଶା ରହିଛି, ଯାହା ଔଷଧଣ ପ୍ରଭାବକୁ ହ୍ରାସ କରିଥାଏ। ଏରୁ ହୋମିଓପାଥି ଗ୍ରହଣ କରୁଥିଲେ ଏସବୁରୁ ଦୂରେଇ ରହନ୍ତୁ।

**ଖରାରେ ଔଷଧ ରଖନ୍ତୁ ନାହିଁ:** ହୋମିଓପାଥି ଔଷଧକୁ ଆଦୌ ଖରା ତଥା ସୂର୍ଯ୍ୟ କିରଣରେ ରଖନ୍ତୁ ନାହିଁ। ଖରା ତେଜ ସଂସ୍ପର୍ଶରେ ଆସିଲେ ଏହାର ଔଷଧୀୟ ଗୁଣ ନଷ୍ଟ ହୋଇଯାଇଥାଏ। ଯାହା ରୋଗଜ ଉପଶମ କରିପାରେ ନାହିଁ।

**ଚା' ପିଅନ୍ତୁ ନାହିଁ:** ହୋମିଓପାଥି ଔଷଧ ଖାଇବା ସମୟରେ ଅବା କିଛି ସମୟ ପର୍ଯ୍ୟନ୍ତ ଚା' କିମ୍ବା କଫି ପିଅନ୍ତୁ ନାହିଁ। କାରଣ ଔଷଧ ପ୍ରଭାବ ହ୍ରାସ ହୋଇଥାଏ।

# ମହିଳାଙ୍କୁ ପରିଚୟ ଦେଲା 'ଡ୍ରମ୍ ବ୍ୟାଣ୍ଡ'

ଏକଦା ଦିନ ମଜୁରିଆ ଭାବେ କାମ କରି ପେଟ ପୋଷୁଥିବା ବିହାରର କିଛି ମହିଳାଙ୍କର ରୋଜଗାର ଏବେ ଦିନକୁ ଏକ ହଜାରରୁ ବାରଶହ ଟଙ୍କା। ସମସ୍ତେ ଧୀବର ଗାଁର ବାସିନ୍ଦା, ମହାଦଳିତ ବର୍ଗର। ମହିଳା ଡ୍ରମ ବ୍ୟାଣ୍ଡ ଗଠନ କରି ଉତ୍ସବ ପ୍ରଦର୍ଶନ କରୁଛନ୍ତି। ଏମାନଙ୍କ ଆର୍ଥିକ ସ୍ଥିତି ମଜଭୁତ ହେଉଛି। ତୀବ୍ର ଜାତିବାଦ ଓ ପାରିବାରିକ କଟକଣା ଭାଙ୍ଗି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ବ୍ୟାଣ୍ଡର ନେତ୍ରୀ ସବିତା ଦେବୀ। ୨୦୧୨ରେ ଷୋହଳ ଜଣଙ୍କୁ ନେଇ ଦଳ ଗଠନ କରିଥିଲେ। ଆଗକୁ ବଢ଼ିବା ଏତେ ସହଜ ନଥିଲା। ଡ୍ରମ ବଜାଇବା ପୁରୁଷଙ୍କୁ ଅସହ୍ୟ ହେଲା। ବିରୋଧ ଓ ସାମାଜିକ ନିନ୍ଦା ସହି ନପାରି ଛଅ ଜଣ ଛାଡ଼ିଦେଲେ। ଏହି ସମୟରେ ସାହସ ଦେଇଥିଲେ 'ନାରୀ ଗୁଞ୍ଜନ ସଂସ୍ଥା' ନାମକ ଏକ ବେସରାକରୀ ଅନୁଷ୍ଠାନର ସାଜିକ କର୍ମୀ ସୁଧା ଭର୍ଗିଜ। ସୁଧାଙ୍କ ଯୋଗୁଁ ବ୍ୟାଣ୍ଡ ବଜାଇ ଅର୍ଥରୋଜଗାର କରିବା, ଏବେ ଏହି ମହିଳାଙ୍କ ନିୟମିତ ବୃତ୍ତିରେ ପରିଣତ ହୋଇଛି। ନିଜ ବର୍ଗର ଅନ୍ୟ ମହିଳାଙ୍କ ପାଇଁ ଏମାନେ ଆଦର୍ଶ ଓ ପ୍ରେରଣା। ଆର୍ଥିକ ଭାବେ ସଶକ୍ତ ହେବା ଏବଂ ସ୍ୱତନ୍ତ୍ର ସାମାଜିକ ପରିଚୟ ସୃଷ୍ଟିରେ ବ୍ୟାଣ୍ଡ୍‌ର ଭୂମିକା ମହତ୍ତ୍ୱପୂର୍ଣ୍ଣ ବୋଲି ସବିତା କହନ୍ତି। ବ୍ୟାଣ୍ଡର ଚାହିଦା ଓ ଲୋକପ୍ରିୟତା ବଢୁଛି। ପ୍ରଥମେ ଜଣ ପିଛା ଦିନକୁ ପାଞ୍ଚ ଶହ ଟଙ୍କା ମିଳୁଥିବା ବେଳେ ଏବେ ଏକ ହଜାର ଟଙ୍କାରୁ ଅଧିକ ମିଳୁଛି।



# ଲାପଟପ ଡେକୋରେଶନ୍




ଆଜିର ଯୁବପିଢ଼ିଙ୍କୁ ନିଜର ପୋଷାକ ଠାରୁ ଆରମ୍ଭ କରି ବିଭିନ୍ନ ଆସୋସରିଜ୍ ପର୍ଯ୍ୟନ୍ତ ସବୁ ଦରକାର ଫ୍ୟାଶନେବଲ୍। ଆଉ ଯେଉଁଥିରୁ ବାଦ୍ ପଡୁନି ସେମାନଙ୍କ ଲାପଟପ। ଅର୍ଥାତ୍ ସେମାନେ ଲାପଟପକୁ ମଧ୍ୟ ବିଭିନ୍ନ ପ୍ରକାର ଡେକୋରେଟ୍ କରି ଆକର୍ଷଣୀୟ ଲୁକ୍ ଦେବାକୁ ପଛାଉ ନାହାନ୍ତି....।

- ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ଲାପଟପ ସ୍କିନ ଠାରୁ ଆରମ୍ଭ କରି ୟୁଏସବି ଆସେସରିଜ ପର୍ଯ୍ୟନ୍ତ ପ୍ରତ୍ୟେକକୁ ନିଜ ପସନ୍ଦ ମୁତାବକ ସୁନ୍ଦର ଭାବେ ସଜାଇ ପାରୁଛନ୍ତି। ଆଉ ସେମାନଙ୍କ ଡିମାଣ୍ଡକୁ ଆଖି ଆଗରେ ରଖି ମାର୍କେଟରେ ମଧ୍ୟ ଏଭଳି ଉପକରଣ ବଢ଼ିବାରେ ଲାଗିଛି। ବିଶେଷକରି ରିମୁଭେବର ଲାପଟପ ଡେକାଲ ଏବଂ ସ୍କିନର ସୁନ୍ଦର ଡିଜାଇନ ସ୍କିନର ସର୍ବାଧିକ ଚାହିଦା ଥିବା ଦେଖିବାକୁ ମିଳୁଛି।
- କେବଳ ଲାପଟପ ଆସେସିରଜ ଶପରେ ନୁହେଁ ଅନଲାଇନ ଶପିଂ ସାଇଟ୍ ଗୁଡ଼ିକରେ ଏସବୁ ମିଳିବା ଖୁବ୍ ସହଜ ହୋଇଯାଇଛି। ବର୍ତ୍ତମାନ ବିଭିନ୍ନ ଆର୍ଟୱର୍କ ଥିବା ସ୍କିନ ସବୁବେଳେ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।
- ଏହି କଭର ଗଉଡ଼ିକ ସହଜରେ କାଢ଼ି ଦେଉଥିବାରୁ କେହି କେହି ଏକାଧିକ କଭର ମଧ୍ୟ ରଖି ଇଚ୍ଛାନୁସାରେ ବଦଳାଉଛନ୍ତି। ଏହି କଭର ସାଧାରଣତଃ ଜେଲାସ୍କିନ, ହାର୍ଡ଼ କେସ ଏବଂ ସ୍ଲିଭସ।
- ରଗଡ଼, ନିଓପ୍ରିନ ଏବଂ ଷ୍ଟାଇଲିସ ମଧ୍ୟରୁ ଲାପଟପକୁ ଅଧିକ ଆକର୍ଷଣୀରୟ ଲୁକ ଦେଉଥିବାରୁ ଷ୍ଟାଇଲିସ ସ୍ଲିଭସର ଚାହିଦା ସର୍ବାଧିକ। ତେବେ ଯୁବତୀମାନେ ଏହାକୁ ବେଶୀ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।



- ନିଜକୁ ସୁସ୍ଥ ରଖିବାକୁ ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ।
- ଅଧିକ ତେଲଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ଼ ଯେତେ କମ ଖାଇବେ ତାହା ସେତେ ଭଲ।
- ଏଭଳି ଖାଦ୍ୟ ଖାଆନ୍ତୁ, ଯାହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହେବନାହିଁ।।
- ଯଦି ଆପଣଙ୍କ ଗ୍ୟାଷ୍ଟ୍ରିକ ସମସ୍ୟା ରହିଛି ତେବେ ତାହାକୁ ଅଣଦେଖା କରନ୍ତୁ ନାହିଁ। ଏନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- କେତେଗୁଡ଼ିଏ ରୋଗର ପ୍ରାକୃତିକ ଉପଚାର ରହିଛି। ତାହାକୁ ଆପଣେଇବାକୁ ଚେଷ୍ଟା କରନ୍ତୁ।
- କୌଣସି ରୋଗକୁ ଛୋଳଟ ଭାବି ତାହାକୁ ଜଟିଳ ଆକାର ଧାରଣ କରିବାକୁ ଦିଅନ୍ତୁ ନାହିଁ।
- ପେଟଜନିତ ସମସ୍ୟା ଦୂର ପାଇଁ ପ୍ରଚୁର ପାଣି ପିଅନ୍ତୁ। ଏହା ଖାଦ୍ୟକୁ ହଜମ କରାଇବାରେ ସହାୟକ ହୋଇଥାଏ।
- ଯଦି ପ୍ରତିଦିନ ବ୍ୟାୟାମ କରୁଛନ୍ତି ତେବେ ଖାଲି ପେଟରେ ଏହାକୁ ନକରିବା ଭଲ। ବ୍ୟାୟାମ କରିବା ପୂର୍ବରୁ କିଛି ହାଲୁକା ଖାଦ୍ୟ ଖାଆନ୍ତୁ କିମ୍ବା ପାଣି ପିଅନ୍ତୁ।
- ବ୍ୟାୟାମ କରିବା ସମୟରେ ଯଦି ହାଲିଆ ଲାଗୁଛି ତେବେ ଶରୀର ଉପରେ ଅଧିକ ଚାପ ନଦେଇ କିଛି ସମୟ ବିଶ୍ରାମ ନିଅନ୍ତୁ। ତାପରେ ବ୍ୟାୟାମ ଜାରି ରଖନ୍ତୁ।
- କୌଣସି ରୋଗ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ସେ ବିଷୟରେ ଟିକିନିଖି କଥା ଡାକ୍ତରଙ୍କୁ କହନ୍ତୁ। ଯଦି ଡାକ୍ତର ସେହି ରୋଗ ବିଷୟରେ ଆପଣଙ୍କ ଠାରୁ ଅଧିକ ତଥ୍ୟ ଜାଣିବାକୁ ଚାହୁଁଛନ୍ତି ତେବେ ଲାଜ ନକରି ସେଗୁଡ଼ିକ ପ୍ରକାଶ କରନ୍ତୁ।
- ନିଜକୁ ସୁସ୍ଥ ରଖିବାର ଆଉ ଏକ ସରଳ ଉପାୟ ରହିଛି। ନିଜ ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଯଦି ଆପଣ କୌଣସି ଚାପର ବଶବର୍ତ୍ତୀ ହୋଇଛନ୍ତି କିମ୍ବା ଟେନସରେ ଅଛନ୍ତି ତେବେ ସେନେଇ ଚିନ୍ତିତ ହୁଅନ୍ତୁ ନାହିଁ। ସେଥିରୁ କିପରି ମୁକୁଳିବେ ସେଥିପାଇଁ ଉପାୟ ଚିନ୍ତା କରନ୍ତୁ।

# ଗର୍ଭାବସ୍ଥାରେ ମଧୁମେହ

କେତେକ ମହିଳାଙ୍କ ଠାରେ ଗର୍ଭାବସ୍ଥାରେ ମଧୁମେହ ବା ଡାଇବେଟିସ ଦେଖାଯାଏ। ପୂର୍ବରୁ ଡାଇବେଟିସ ନଥିଲେ ମଧ୍ୟ ଏହି ସମୟରେ ଦେଖାଯାଏ। ଏଥିପାଇଁ ଏହାକୁ ଗର୍ଭକାଳୀନ ମଧୁମେହ ବୋଲି କୁହାଯାଏ। ଜୀବନଶୈଳୀରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ହେତୁ ମହିଳାମାନେ ଗର୍ଭବତୀ ସମୟରେ ଡାଇବେଟିସର ଶିକାର ହେଉଛନ୍ତି। ଏହି ସମୟରେ ଡାଇବେଟିସ୍‌କୁ ଅବହେଳା କଲେ ଗର୍ଭାବସ୍ଥା ପରେ ମହିଳା ଜଣକ ଟାଇପ୍-୨ ଡାଇବେଟିସ୍‌ରେ ଶିକାର ହୋଇଥାଏ। ଯାହାକି ଜୀବନସାରା ଭୋଗିବାକୁ ପଡ଼ିଥାଏ।

ଏମିତି ବି ହୋଇପାରେ ଗର୍ଭାବସ୍ଥାରେ ହୋଇଥିବା ଡାଇବେଟିସ ସ୍ଥାୟୀ ଭାବେ ରହେନାହିଁ। ଏହା କିନ୍ତୁ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଇଉପରେ ପ୍ରଭାବ ପକାଏ। ଏଣୁ ଗର୍ଭଧାରଣ କରିଥିବା ପ୍ରତ୍ୟେକ ମହିଳା ଶୁଗାର ସ୍ତର ପରୀକ୍ଷା କରିବା ଦରକାର। ଏହାର ଶିକାର ହେବା ଦ୍ୱାରା ଉଭୟ ମା' ଓ ପିଲା ପ୍ରଭାବିତ ହୋଇଥାନ୍ତି। ଗର୍ଭକାଳୀନ ମଧୁମେହ ଯୋଗୁଁ ମା' ଓ ପିଲା ଉଭୟଙ୍କ ପାଇଁ ଶରୀରରୁ ଆବଶ୍ୟକ ଇନସୁଲିନ ନିର୍ଗତ ହୋଇପାରେ ନାହିଁ। ଫଳରେ ମା' ଓ ପିଲା ଅସୁସ୍ଥ ହୋଇଥାନ୍ତି। ପିଲାଜନ୍ମ ହେବା ପରେ ମା' ଠାରେ ଡାଇବେଟିସ୍ ରହିନପାରେ। ହେଲେ ଏହା ଗର୍ଭାବସ୍ଥାରେ ଦେଖାଯାଏ। ତେବେ ଗର୍ଭାବସ୍ଥରେ ମଧୁମେହ ହେବାର କାଣଣ କ'ଣ ହୋଇପାରେ।

**କାରଣ:** ଯଦିଓ ଗର୍ଭକାଳୀନ ଡାଇବେଟିସ ବଂଶଗତ ନୁହେଁ, ଏହା ଗର୍ଭବତୀ ମହିଳାଙ୍କୁ ବିଭିନ୍ନ କାରଣରୁ ପ୍ରଭାବିତ କରିଥାଏ।

- ଗର୍ଭାବସ୍ଥାରେ ଡାଇବେଟିସ୍ ହେବାର ବିଭିନ୍ନ କାରଣ ମଧ୍ୟରୁ ପ୍ରଥମ ମୁଖ୍ୟ କାରଣ ହେଉଛି ଅଧିକ ଓଜନ। ମେଦବହୁଳ ଓ ଅଧିକ ଓଜନ ହୋଇଥିବା ମହିଳାମାନେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଶିକାର ହୋଇଥାନ୍ତି। ଏଣୁ ଏପରି ମହିଳାମାନେ ଗର୍ଭବତୀ ପୂର୍ବରୁ ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ।
- ଦ୍ୱିତୀୟତଃ ଯଦି ବଂଶରେ କାହାର ଡାଇବେଟିସ୍ ହେବାର ଆଶଙ୍କା ଥାଏ।
- ତୃତୀୟରେ ଯଦି ଆପଣ ଡାଇବେଟିସ୍‌ର ଶିକାର ହୋଇନଥାନ୍ତି, କିନ୍ତୁ ରକ୍ତରେ ସୁଗାର ସ୍ତର ଅଧିକ ରହିଛି, ତାହେଲେ ଗର୍ଭାବସ୍ଥାରେ ଡାଇବେଟିସ୍ ହୋଇଥାଏ।
- ଚତୁର୍ଥରେ ପ୍ରଥମ ସନ୍ତାନ ସମୟରେ ଯଦି ଡାଇବେଟିସ୍ ନଥାଏ, ହେଲେ ଆପଣଙ୍କର ପ୍ରସବ ପିଲାର ଓଜନ ୪ କେଜି ଉପରକୁ ଥିଲେ ଦ୍ୱିତୀୟ ଥର ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ଅଧିକ ବଢ଼ିଯାଏ।
- ଶେଷରେ, ୨୫ବର୍ଷରୁ ଉର୍ଦ୍ଧ୍ୱ ବୟସରେ ଗର୍ଭବତୀ ହେଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ। ଅନ୍ୟପକ୍ଷରେ ପିସିଓଡି (ପଲିସିଷ୍ଟିକ ଓଭରିଆନ ଡିଜିଜ୍), ପିସିଓଡି ଯୋଗୁଁ ରକ୍ତରେ ଉଚ୍ଚ ଶୁଗାର ସ୍ତର ଆଦି ଥିଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ।

**ଲକ୍ଷଣ:** ଗର୍ଭାବସ୍ଥାରେ ଡାଇବେଟିସ୍ ଗର୍ଭଧାରଣର ୨୪ସପ୍ତାହ ପରେ ଶୁଗାର ପରୀକ୍ଷାରୁ ଜଣାପଡ଼େ। ଏହି ଡାଇବେଟିସ୍‌ର ଲକ୍ଷଣ ଖୁବ କମ୍ ଦେଖାଯାଏ। ଏଣୁ ଏହାକୁ ଚିହ୍ନଟ କରିବା ସହଜ ହୋଇନଥାଏ।

- ଗର୍ଭଧାରଣର ମାସେ ଭିତରେ ଯଦି ଦୁର୍ବଳ ଲାଗୁଥାଏ, ପାଟି ଶୁଖିଯାଉଥାଏ, ତାହେଲେ ରକ୍ତର ଶୁଗାର ସ୍ତର ପରୀକ୍ଷା କରିବା ଦରକାର। ଏହି ପରୀକ୍ଷା ବିଳମ୍ବ କରିବା ଅନୁଚିତ୍।
- ଗର୍ଭାବସ୍ଥା ସମୟରେ ବାରମ୍ବାର ପରିସ୍ରା ଲାଗୁଥିଲେ, ଏ ବିଷୟରେ ଡାକ୍ତରଙ୍କୁ ନିଶ୍ଚିତ ଜଣାନ୍ତୁ।



ବାରମ୍ବାର ଶୋଷ ହେଉଥିଲେ ଅବା ତଣ୍ଟି ଶୁଖିଯାଉଥିଲେ ଡାକ୍ତରଙ୍କୁ ଜଣାନ୍ତୁ। କାରଣ ଏହା ମଧ୍ୟ ଗର୍ଭାବସ୍ଥଶରେ ଡାଇବେଟିସ୍‌ର ସୂକ୍ଷ୍ମ ଲକ୍ଷଣ।

- ଯଦି ରକ୍ତରେ ଶୁଗାର ସ୍ତର ଅସାମାନ୍ୟ ହୋଇଥାଏ, ଡାକ୍ତରଙ୍କୁ ଜଣାନ୍ତୁ। କାରଣ ଅନ୍ୟାନ୍ୟ ଦିନ ଅପେକ୍ଷା ଏହି ସମୟରେ ଅଧିକ ଖାଦ୍ୟ ଗ୍ରହଣ କରୁଥିବାରୁ ଶୁଗାର ସ୍ତର ବଢ଼ିଯାଏ। ଶୁଗାର ସ୍ତର ବଢ଼ିବା ହେତୁ ଥକ୍କା ଲାଗେ, ପରିସ୍ରା ଅଧିକ ଲାଗେ ଓ ଶୋଷ ଅଧିକ ଲାଗେ।
- ଗର୍ଭାବସ୍ଥାରେ ମଧୁମେହ ବିଭିନ୍ନ ପ୍ରକାର କାରଣ ହେତୁ ହୋଇଥାଏ, ସେହିପରି ଏହା ଲକ୍ଷଣ ମଧ୍ୟ ବିଭିନ୍ନ ପ୍ରକାର ଦେଖାଯାଇଥାଏ। ଏଣୁ ଗର୍ଭାବସ୍ଥାରେ ସୁରକ୍ଷିତ ରହିବା ପାଇଁ ସମସ୍ତ ପ୍ରକାର ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ।

**ପ୍ରତିକାର:**

- ଗର୍ଭାବସ୍ଥାରେ ମଧୁମେହଠୁ ଦୂରେଇ ରହିବା ପାଇଁ ପ୍ରଥମତଃ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଡାଏଟ୍ ଚାର୍ଟ କରନ୍ତୁ। ସୁସ୍ଥ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ୩ଥର ମଧ୍ୟମ ଧରଣର ଭୋଜନ କରନ୍ତୁ। ଦୁଇଥରରୁ ଅଧିକ ଜଳଖିଆ କରନ୍ତୁ ନାହିଁ। ମିଠା ପାନୀୟ, ମିଠାଫଳ ଜୁସ ଆଦି ଠାରୁ ଦୂରେଇ ରହନ୍ତୁ। ପ୍ରୋଟିନ ଜାତୀୟ ଖାଦ୍ୟ ଖାଆନ୍ତୁ। ଦୁଗ୍ଧ ଜାତୀୟ ଖାଦ୍ୟ ଖାଆନ୍ତୁ। ତନ୍ତୁ ଜାତୀୟ ଖାଦ୍ୟ ମଧ୍ୟ ସାମିଲ କରନ୍ତୁ।
- ଆଜିକାଲି ଏପରି ହେଲାଣି ଗର୍ଭାବସ୍ଥାରେ ଡାଇବେଟିସ ରୋକିବାକୁ ବହୁ କଷ୍ଟସାଧ୍ୟ। କାରଣ ଯାହା ବି ପନିପରିବା ଖାଉଛେ, ସେଥିରେ କୀଟନାଶକ ଔଷଧ ଓ ରଙ୍ଗମିଶା ଯାଉଛି, ଯାହା ରକ୍ତରେ ଶୁଗାର ସ୍ତର ବଢ଼ାଇବାରେ ସହାୟକ ହୋଇଥାଏ। ଏଣୁ ଆମକୁ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ପାଳନ କରିବା ଦରକାର। ଏଣୁ ଖାଦ୍ୟପେୟ ପ୍ରତି ଟିକେ ସଚେତନ ହେବା ସହ ଡାକ୍ତରଙ୍କ ପରାମର୍ଶ ରହିବା ଦରକାର।
- ଗର୍ଭାବସ୍ଥା ସମୟରେ ସକାରାତ୍ମକ ପରୀକ୍ଷଣ ପରେ ଉଚିତ ଆହାର ଓ ବ୍ୟାୟାମ କରିବା ଦରକାର। କେତେକ ମହିଳା ବ୍ୟାୟାମ କରିବା ବନ୍ଦ କରିଦିଅନ୍ତି। ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଫଳରେ ୨୪ ସପ୍ତାହ ବେଳକୁ ଗର୍ଭବତୀ ମଧୁମେହର ଶିକାର ହୋଇଥାଏ। ଏଣୁ ଖାଦ୍ୟପେୟ ଓ ବ୍ୟାୟାମ ଦିଗ ପ୍ରତି ସର୍ବଦା ସତର୍କ ରହିବା ଦରକାର। କାରଣ ମା' ସୁସ୍ଥ ରହିଲେ ହିଁ ଶିଶୁ ସୁସ୍ଥ ରହିପାରିବ।
- ଯଦି ପୂର୍ବରୁ କେବେ ବ୍ୟାୟାମ କରିନାହାଁନ୍ତି, ତେବେ ଏହି ସମୟରେ ସକାଳୁ ଉଠି ୩୦/୪୫ମିନିଟ୍ ବ୍ୟାୟାମ କରନ୍ତୁ। ଅତିକମରେ ସପ୍ତାହରେ ୩ଦିନ କରନ୍ତୁ।
- ଗହମରୁ ପ୍ରସ୍ତୁତ ରୋଟି, ତନ୍ତୁଜାତୀୟ



ଖାଦ୍ୟ, ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଆନ୍ତୁ। ଯାହା ରକ୍ତରେ ଶୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ। ବ୍ୟାୟାମ ସହିତ ଶରୀରକୁ ଆବଶ୍ୟକୀୟ ଖାଦ୍ୟ ଖାଆନ୍ତୁ।
- ଯଦି ଆପଣ ଗର୍ଭାସ୍ଥା ପୂର୍ବରୁ ମୋଟା ଥାଆନ୍ତି, ତେବେ ଅସ୍ୱାସ୍ଥ୍ୟକର ପ୍ରଣାଳୀରେ ପତଳା ହୁଅନ୍ତୁ ନାହିଁ। ଏହା ଗର୍ଭସ୍ଥ ଶିଶୁକୁ ପ୍ରଭାବିତ କରିବ। ଏରୁ ସର୍ବଦା ସ୍ତ୍ରୀହରାଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଓଜନ ହ୍ରାସ କରନ୍ତୁ ଓ ଖାଦ୍ୟପେୟ ତାଲିକା କରି ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଡାଇବେଟିସକୁ ଦୂରେଇ ରହିପାରିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭବିଷ୍ୟତ ମନ୍ତ୍ର...

ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଗୁରୁତ୍ୱପୂର୍ଣ୍ଣ ସାକ୍ଷାତ ଆଲୋଚନା ହୋଇଯାଇଛି । କୁହାଯାଉଛି, ଏହା ସୌଜନ୍ୟମୂଳକ ସାକ୍ଷାତ ଥିଲା । ମାତ୍ର ପ୍ରଧାନମନ୍ତ୍ରୀଙ୍କ ସହ ବୈଠକର ଗୁରୁତ୍ୱକୁ କେହି ଲଘୁ ଭାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇନପାରନ୍ତି । ପୂର୍ବରୁ ବହୁବାର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରିଛନ୍ତି, ହେଲେ ଏଥର ସାକ୍ଷାତର ରହିଛି ଏକାଧିକ ଗୁରୁତ୍ୱ । ରାଜନୈତିକ କାରଣ ବାଦ୍ ଦେଶର ସାମ୍ପ୍ରତିକ ଘଟଣା ଏବଂ ରାଜ୍ୟର ବହୁଦିନରୁ ରହିଆସିଥିବା ଦାବି ଓ ସମସ୍ୟା ଉପରେ ଆଲୋଚନା ହୋଇଥିବା ବିଶ୍ୱାସ କରାଯାଏ । ଦ୍ୱିତୀୟ କ୍ଷମତା କେନ୍ଦ୍ର କୁହାଯାଉଥିବା ଗୃହ ମନ୍ତ୍ରୀ ଅମିତ୍ ଶାହଙ୍କ ସହିତ ନବୀନ ପଟ୍ଟନାୟକଙ୍କର ସାକ୍ଷାତ ହୋଇଛି । ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଜୁ ଜନତା ଦଳର ଭୂମିକା କଣ ହୋଇପାରେ, ତାହା ଉପରେ ପର୍ଯ୍ୟବେକ୍ଷକ ମହଲର ନଜର ଥିବା ସମୟରେ ଯେତେ ଯାହା ଲୁଚାଯାଉଥିଲେ ସୁଦ୍ଧା କଥିତ 'ସୌଜନ୍ୟମୂଳକ' ସାକ୍ଷାତ କଥାକୁ ଗ୍ରହଣ କରାଯାଇ ପାରୁନାହିଁ । ବିଜୁ ଜନତା ଦଳର ଉଭୟ ସଦନରେ ରହିଛି ନିର୍ଣ୍ଣାୟକ ଉପସ୍ଥିତି । ଯଦି ସେହି ସଂଖ୍ୟାଗତ ଉପସ୍ଥିତି ପକ୍ଷଚ୍ୟୁତ ହେଲେ ତାହା ଏପର୍ଯ୍ୟନ୍ତ ଥିବା ଏନ୍‌ଡିଏର ସ୍ଥିତିକୁ ବିଗାଡ଼ି ଦେଇପାରିବ । ଏନ୍‌ଡିଏ ଓ ଅଣ-ଏନ୍‌ଡିଏର ସଂଖ୍ୟା ସନ୍ତୁଳନ ଏଭଳି ସ୍ଥିତିରେ ରହିଛି ଯେ, ସରକାର ପାଇଁ ଗୁରୁତ୍ୱ ଯଥେଷ୍ଟ ଅଧିକ । ସୁତରାଂ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଚାହିଁବେ ନବୀନବାବୁଙ୍କ ନିଜ ସପକ୍ଷରେ ରଖିବାକୁ । ମୋଦି ସରକାରଙ୍କର ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂରିଯାଇଛି । କରୋନା ବିରୋଧୀ ଲଢ଼େଇ ହେଉ କିମ୍ବା ସନ୍ତୁଳିତ ବିଦେଶ ନୀତି ହେଉ, ସବୁଥିରେ ସଫଳ ପ୍ରଦର୍ଶନର ଛାପ ରହିଛି । ଓଡ଼ିଶା ସମେତ ରାଜ୍ୟମାନଙ୍କର କରୋନା ବିରୋଧୀ ଅଭିଯାନରୁ ଶିକ୍ଷା ନେବା ସକାଶେ ପ୍ରଧାନମନ୍ତ୍ରୀ ଅନ୍ୟମାନଙ୍କୁ ପରାମର୍ଶ ଦେବାକୁ ପଛାଇ ନାହାଁନ୍ତି । ତାହାରି ଭିତରେ କେନ୍ଦ୍ରଠାରୁ ଓଡ଼ିଶା ସରକାର ବହୁ ଦିନରୁ ରହିଯାଇଥିବା ପ୍ରାପ୍ୟ ବିଷୟ ସମୟାନ୍ତରରେ ମନେ ପକାଇବାକୁ ଭୁଲିନାହାଁନ୍ତି । ବିଶେଷ କରି ରେଳ ସମ୍ପ୍ରସାରଣ, କୋଇଲା ରୟାଲଟି ପ୍ରାପ୍ୟ ନେଇ ବାରମ୍ବାର ଜଣାଯାଇଥିଲେ ସୁଦ୍ଧା ତାହା ପ୍ରତି କେନ୍ଦ୍ରଠାରୁ ନ୍ୟାୟ ମିଳିପାରିନାହିଁ । ଓଡ଼ିଶାର ବହୁଦିନର ଦାବି ଓ ନ୍ୟାଯ୍ୟ ଦାବି ପ୍ରତି କେନ୍ଦ୍ରର କଥିତ ଅବହେଳା ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି । ମାତ୍ର ପୂର୍ବ ପ୍ରତିଶ୍ରୁତିକୁ ସୁବିଧା ଦେଖି କେନ୍ଦ୍ର ବିସ୍ମୃତ ଯାଉଥିବା ଦେଖାଯାଉଛି । ଆବଶ୍ୟକ ସମୟରେ ନିର୍ଣ୍ଣାୟକ ଭୋଟ୍ ଥିବା ବିଜେଡିକୁ ନିଜ ଶିବିରଭୁକ୍ତ କରିବା ପାଇଁ ଏନ୍‌ଡିଏ ବିମୁଖ ହେଉନାହିଁ, ମାତ୍ର ଅସଲ ଦାବି ନ୍ୟାଯ୍ୟ ପ୍ରାପ୍ୟ ଦେବା କ୍ଷେତ୍ରରେ ତାହାକୁ ଅଣଦେଖା କରିବାକୁ ପଛାଉନାହିଁ । ଏହା ଠିକ୍ ରୂପେ ନବୀନ ବାବୁ ବୁଝି ପାରିଛନ୍ତି । ତେଣୁ ପ୍ରସ୍ତାବିତ ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତି ନିର୍ବାଚନ ସମୟ ଦେଖି ଭେଟିଥାଇ ପାରନ୍ତି ବୋଲି ବିଶ୍ୱାସ କରାଯାଇପାରେ । ଅଣ-ଏନ୍‌ଡିଏ ଦଳ ସେମାନଙ୍କର ରଣନୀତି କିଭଳି ପ୍ରସ୍ତୁତି କରିବେ, ତାହା ଅଲଗା କଥା । ମାତ୍ର ବିଜେଡି କୌଣସି ମେଣ୍ଟଭୁକ୍ତ ନହୋଇ ରାଜ୍ୟର ବୃହତ୍ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଆସିଛି । ତାହା ଓଡ଼ିଶାକୁ ଆର୍ଥିକ ସ୍ୱାୟତ୍ତତା ପ୍ରସଙ୍ଗ ହେଉ କିମ୍ବା ଅନ୍ୟ ଆଞ୍ଚଳିକ ପ୍ରସଙ୍ଗ ହେଉ, ସେହିଭଳି ପ୍ରସଙ୍ଗରେ ଓଡ଼ିଶାର ସାଂସଦମାନେ ଚୁପ୍ ନରହି ଶାଣିତ ସ୍ୱର ଉଠାଇବାକୁ ପାର୍ଟି ସୁପ୍ରିମୋ ପରାମର୍ଶ ଦେଇଥାନ୍ତି । ତାହା ନିଜ ଦଳୀୟ ସାଂସଦମାନଙ୍କୁ ମିଳିତ ଲଢ଼େଇ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗୁରୁମନ୍ତ୍ର ହୋଇଆସିଛି, ରାଜ୍ୟରେ ପାଞ୍ଚ ପାଳି ପୂରଣ କରିବା ଦିଗରେ ସଫଳ ଚାବିକାଠି ହୋଇପାରିଛି । କେନ୍ଦ୍ର ସହ ରାଜ୍ୟର ସମ୍ପର୍କ ନେଇ ଏହା ମୁଖ୍ୟମନ୍ତ୍ରୀଙ୍କ ସହଯୋଗର ନବୀନ ମନ୍ତ୍ର । ପ୍ରମୁଖ ବିରୋଧୀ ଦଳଗୁଡ଼ିକ ରାଜ୍ୟ ଶାସନରେ ନିରସ୍ତ୍ର ହୋଇ ରଖିବାର ଅସଲ ସୂତ୍ର । ସମଦୂରତ୍ୱ ନୀତି ଆପଣାଇଥିବା ବିଜେଡି ସମସ୍ତ କ୍ଷେତ୍ରରେ ରାଜ୍ୟର ସ୍ୱାର୍ଥକୁ ପ୍ରାଥମିକତା ଦେଇଆସିଛନ୍ତି । ତାହାରି ଭିତରେ ଜାତୀୟ ଭୂମିକାକୁ ଭୁଲିଯାଇନାହିଁ ଆଞ୍ଚଳିକ ଦଳ । ସମୟାନ୍ତରରେ ଅନୁଗତମାନଙ୍କୁ ସଠିକ୍ ମାର୍ଗ ଦର୍ଶନ ଦେଉଥିବା ନେତୃତ୍ୱ ସବୁ କ୍ଷେତ୍ରରେ ସଠିକ୍ ପଦକ୍ଷେପ ନେବେ ବୋଲି ରାଜ୍ୟବାସୀଙ୍କ ଆଶା ଓ ଅପେକ୍ଷା ରହିଛି ଓ ରହିବ । ସହଭାଗୀ ସଂଘୀୟ ବ୍ୟବସ୍ଥାରେ ବିଶ୍ୱାସୀ ମୋଦି ସରକାର ସଦାବେଳେ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା ଉପରେ ପ୍ରାଧାନ୍ୟ ଦେଇଆସୁଛନ୍ତି । ଏହା କେବଳ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ନାହିଁ ଅପରପକ୍ଷେ ଲୋକମାନଙ୍କ ନିକଟରେ ସେହିସବୁ ବିକାଶ ଯୋଜନାର ସୁଫଳ ପହଞ୍ଚାଇବାରେ ମଧ୍ୟ ସହାୟକ ହେବ । ଅନ୍ତ୍ୟୋଦୟ ଆଦର୍ଶ ଉପରେ ମଧ୍ୟ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଉଛନ୍ତି । ତେଣୁ କେନ୍ଦ୍ର ଓ ରାଜ୍ୟଙ୍କ ମଧ୍ୟରେ ସମନ୍ୱୟର ଡୋରି ଯେତିକି ମଜଭୁତ ହେବ ସମାଜର ଶେଷତମ ବ୍ୟକ୍ତି ନିକଟରେ ଯୋଜନାର ସୁଫଳକୁ ସେତିକି ସହଜରେ ପହଞ୍ଚାଯାଇ ପାରିବ । ଏହା ବାସ୍ତବରେ ପରିଣତ ହେଉ ।

# ମୁଁ ନୁହେଁ, ଆମ୍ଭେ ! ଏହି ବିଚାର କେବେ ?



### ପଙ୍କଜ କୁମାର ପାଣିଗ୍ରାହୀ

ଏକବିଂଶ ଶତାବ୍ଦୀର ମଣିଷ ପ୍ରଗତିର ଚରମ ଶୀର୍ଷରେ ପହଂଚିବା ପରେ ବର୍ତ୍ତମାନ କେବଳ କିଏ ବଡ଼ ହୋଇପାରିବ, ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ସେହି ପ୍ରତିଦ୍ୱନ୍ଦିତା ମଧ୍ୟରେ ସମସ୍ତେ ନିଜକୁ ଅସ୍ଥିରତା ପ୍ରବଣ କରି ଅହରହ ଅଶାନ୍ତିର ବାତାବରଣ ମଧ୍ୟରେ ବଞ୍ଚୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ଦିଗରେ ବୈଜ୍ଞାନିକ ପ୍ରଗତି ହେତୁ ମଣିଷ ଏକ ରକମ ଅତିମାନବ ରୂପରେ ସଜାଇ ପ୍ରତ୍ୟେକ ମୁହୂର୍ତ୍ତରେ ନିଜକୁ ପ୍ରକାଶ କରୁଥିବା, ଗୋଟିଏ ସାମାଜିକ ପ୍ରଥାରେ ପରିଣତ ହୋଇଗଲାଣି । କହିବାକୁ ଗଲେ ବିଭିନ୍ନ ଦିଗରେ ଭିନ୍ନ ଭିନ୍ନ ମଣିଷ ନିଜର ପ୍ରତିଭା ପ୍ରଦର୍ଶନ କରିବା ଦୌଡରେ ଏତେ ନିମଜ୍ଜିତ ଯେ କାହାର କାହାପ୍ରତି ଆନ୍ତରିକ ଭାବ ରହୁନାହିଁ । ମୁଁ ମଧ୍ୟରେ ସୀମିତ ସମସ୍ତଙ୍କ ଭାବଧାରା ଏକ ପ୍ରକାର କଳୁଷିତ ବାତାବରଣ ସୃଷ୍ଟି କରିବାରେ କେବଳ ସାଧାରଣ ମଣିଷଙ୍କ ନିର୍ବୋଧତାହିଁ ଦାୟୀ । ଏହି ପରିପ୍ରେକ୍ଷୀରେ ସମସ୍ତେ କେବଳ ଅନ୍ୟକୁ ଠକି ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ କରିବା ତଥା ମିଥ୍ୟା ପରିଚୟ ସୃଷ୍ଟି କରିବାରେ ବ୍ୟସ୍ତ ରହୁଥିବା ଗୋଟିଏ ସାଧାରଣ ବିଷୟ ଆଜି ସମୟର । ଯାହା ପାଖରେ ଧନ ନାହିଁ ସେ ଧନ ଉପାର୍ଜନ କରି ବଡ ହେବା ଲକ୍ଷ ରଖିଥିବା ବେଳେ ଯାହା ପାଖରେ ପ୍ରଚୁର ଧନ ଅଛି ସେ ସମସ୍ତଙ୍କଠାରୁ ଶୀର୍ଷରେ ରହିବା ଲକ୍ଷ ରଖିଥା'ନ୍ତି । ଅନୁରୂପ ପଦମର୍ଯ୍ୟାଦା, ସାମାଜିକ ସମ୍ମାନ, କ୍ଷମତା ଇତ୍ୟାଦି କ୍ଷେତ୍ରରେ ମାରାଥନ ଦୌଡ଼ର ପ୍ରତିଯୋଗୀ ଭାବେ ଦେଖିବାକୁ ମିଳୁଛନ୍ତି ପ୍ରାୟତଃ ସମସ୍ତ ମଣିଷ ନିଜ ନିଜର କ୍ଷମତା ପରିସର ମଧ୍ୟରେ ।

ଜନ୍ମଦାତ୍ରୀ ପ୍ରକୃତି କିନ୍ତୁ ମଣିଷର ଏହି ଅପ୍ରାକୃତିକ ପାଗଳାମୀରେ ତିଳେ ହେଲେ ବିଚଳିତ ନୁହେଁ ! ବରଂ ପ୍ରାକୃତିକ ରହସ୍ୟ ଜନିତ ଯେତେଦିନ ମଣିଷ ପୃଥିବୀ ପୃଷ୍ଠରେ ଜୀବନ ଧାରଣ କରିବା ନିୟାମକ ରହିଥିଲା ସେସବୁ ମଣିଷ ନିଜ ହାତରେ ଉଜାଡ଼ିଦେଇ ସମୟ ପୂର୍ବରୁ ଜୀବଜଗତ ବିଲୀନ କରିଦେବା ପାଇଁ ରଖିଥିବା ମନ୍ଦ ଉଦେଶ୍ୟକୁ ତାସଲ୍ୟ କରିବା ଛଡା ଆଉ କିଛି ଦିଶୁନାହିଁ । ଆଜି ସମୟରେ କୌଣସି ମଣିଷ ନିଜର ଜୀବନ ରହସ୍ୟ ଜାଣିବା ଦୂରର କଥା, କେବଳ ନିଜ ବିଷୟରେ ସମ୍ପୂର୍ଣ୍ଣ ଭାବେ ଜାଣିବା କ୍ଷମତା ରଖିନଥିବା ଅତ୍ୟନ୍ତ ଦୁଃଖଦଃ ବିଷୟ । ହେଲେ ଏମିତି ହେବା ପଛରେ ରହିଥିବା ରହସ୍ୟ କ'ଣ, ନା କେହି ବୁଝିଛନ୍ତି, ନା ବୁଝିବା କ୍ଷମତା ରଖିଛନ୍ତି !! ବାସ୍ତବିକ ସାମାଜିକ ସଂସ୍କାର ବଦଳରେ ଭ୍ରଷ୍ଟାଚାର, ଦୁର୍ନୀତି, ଈର୍ଷାଭାବ ଏବଂ ବ୍ୟକ୍ତିଗତ ସ୍ୱାର୍ଥନ୍ୱେଷୀ ଚିନ୍ତାଧାରା କାରଣରୁ ଏମିତି ଅମାନବୀୟ ଚରିତ୍ର ଗୁଡିଏ ମଣିଷ ମନରେ ଜାଗ୍ରତ ହେଉଥିବା ନିରାଟ ସତ୍ୟ । ହେଲେ ଏହିଭଳି ଅମାନବୀୟ ଚିନ୍ତନ ମଣିଷ ମନରେ ଜାଗ୍ରତ କରାଇ ସେମାନଙ୍କୁ କ୍ଷୀଣ କରିଦେବା ପଛରେ ରହିଥିବା ରହସ୍ୟ କ'ଣ, ତର୍ଜମା କଲେ ଜାଣିହେବଯେ....

କେତେକ ଅମାନବୀୟ ଅସାମାଜିକ ଚିନ୍ତାଶୀଳ ବ୍ୟକ୍ତି ସମାଜରେ କୁସଂସ୍କାର ବିତରଣ କରି ସମାଜକୁ ତଳିତଳାନ୍ତ କରିବାରେ ଯଥେଷ୍ଟ ସହାୟକ ହୋଇଥା'ନ୍ତି । ସେମାନେ ବିଭିନ୍ନ କୁସଂସ୍କାର ତଥା ଭ୍ରଷ୍ଟାଚାର ଜନିତ ପ୍ରଦୂଷଣ ମଣିଷ ସମାଜରେ ସୃଷ୍ଟି କରି ନିଜର ସ୍ୱାର୍ଥ ହାସଲ କରିବାରେ ଲାଗି ପଡନ୍ତି । ସେମାନଙ୍କ ସେହି ଛଳନାତ୍ମକ ପ୍ରେରଣାରେ ନିମଗ୍ନ ସମସ୍ତ ଶିକ୍ଷିତ, ଅଶିକ୍ଷିତ ବଶବର୍ତ୍ତୀ ହୋଇ ନିଜକୁ ନିର୍ବୋଧତାର ଅନ୍ଧାର ମଧ୍ୟରେ ରଖି ସେମାନଙ୍କ ଦ୍ୱାରା ପ୍ରେରିତ ମିଥ୍ୟା କୁହେଳିକାରେ ନିଜକୁ ହଜାଇ ଦେଇଥା'ନ୍ତି । ତେଣୁ ସାମାଜିକ କୁସଂସ୍କାର, ଭ୍ରଷ୍ଟାଚାର ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ସମସ୍ତଙ୍କ ପ୍ରାୟତଃ ଭାବନା ରହିଛି ଯେ ସମାଜରେ କାର୍ଯ୍ୟରତ ରାଜନେତା ଏବଂ ସରକାରୀ କର୍ମଚାରୀଙ୍କ ଯୋଗୁଁ ସାମାଜିକ ଭ୍ରଷ୍ଟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି ! କିନ୍ତୁ ଏହି ଆକଳନ କିଛି ମାତ୍ରାରେ ସତ୍ୟତା ପ୍ରତିପାଦନ କରୁଥିଲେହେଁ ତାହାର ମୂଳ, ଚେର କେତେଦୂର ଲମ୍ବିଛି ଏବଂ ତାହା କେଉଁଠାରୁ ସୃଷ୍ଟି ହୁଏ ସେସବୁ ଜାଣିବା କ୍ଷମତା ବହିର୍ଭୂତ ବିଷୟ ସାଧାରଣ ଲୋକଙ୍କ ପାଇଁ । ଅର୍ଥାତ ଏହି ଦୁଇ ଗୋଷ୍ଠୀ ବ୍ୟତୀତ କେଉଁ ଲୁକାୟିତ ଶକ୍ତି ଅଦୃଶ୍ୟ ଭାବେ କାର୍ଯ୍ୟ କରୁଛି ସାମାଜିକ, କୁସଂସ୍କାର ଓ ଭ୍ରଷ୍ଟାଚାର ବୃଦ୍ଧି କରିବାରେ, ନିରୀକ୍ଷଣ କରି ବିଶ୍ଳେଷଣ କଲେହିଁ ଜାଣିହେବ ଯାହା କେହି କରନ୍ତି ନାହିଁ । ଅତଏବ ସାଧାରଣ ଲୋକଙ୍କ ଆଖି ଖୋଲି ସତ୍ୟକୁ ପଦାକୁ ଆଣିବାକୁ ଚେଷ୍ଟା ଆମର ଏହାଯେ....

ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ଜଡିତ ବ୍ୟକ୍ତିବିଶେଷ ପରୋକ୍ଷରେ ସମାଜରେ କୁସଂସ୍କାର ବିତରଣ କରୁଥିବାବେଳେ ବ୍ୟବସାୟୀ ମାନେହିଁ ସାମାଜିକ ଭ୍ରଷ୍ଟାଚାରର କେନ୍ଦ୍ରବିନ୍ଦୁ ଭଳି କାର୍ଯ୍ୟ କରିଥା'ନ୍ତି ! ମୁଁ ଜଡିତ ଥିବା ଧର୍ମାନୁଷ୍ଠାନ କିମ୍ବା ବ୍ୟବସାୟୀକ ସଂସ୍ଥା ସେମିତି ନୁହନ୍ତି, ଆଉ କିଏ ହୋଇଥାଇପାରେ ବୋଲି ଭାବିବା ନିରର୍ଥକ ! ସେମାନେ ସମସ୍ତେ ଗୋଟିଏ ବାଟର ବାଟୋଇ । କେତେ ଉପର ଚିକ୍କଣ ଥିଲେ ମଧ୍ୟ ଭିତର ଅଙ୍ଗାର ସୁନିଶ୍ଚିତ, ଯାହା ସାଧାରଣ ଚକ୍ଷୁକୁ ଅଦୃଶ୍ୟ ହୋଇଥାଏ । ସେମାନଙ୍କ ରହସ୍ୟ ବୁଝିବା ଜଟୀଳରୁ ଜଟିଳତର ହୋଇଥାଏ । ଏହି କଥାଟି ସାମାନ୍ୟ ଅପ୍ରୀତିକର ଅନୁଭବ ହେବା ସହିତ ଅବିଶ୍ୱସନୀୟ ହେଉଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ସତ୍ୟ ଯାହା ଗଭୀର ଭାବେ ନିରୀକ୍ଷଣ କରି ଗବେଷଣା କଲେହିଁ ଜାଣିହେବ । ସାଧାରଣ ଲୋକଙ୍କ କ୍ଷମତା ବହିର୍ଭୂତ ବିଷୟ ଏହା ଯେ ସେମାନେ କେବେ ବୁଝିପାରିବେ ନାହିଁ ସେସବୁ ହୁଏ କେମିତି । କିନ୍ତୁ ତାହାହିଁ ବାସ୍ତବ ସତ୍ୟ !! ଆଭ୍ୟନ୍ତରୀଣ ବ୍ୟାପାରୀ ଠାରୁ ଆରମ୍ଭ କରି ଆନ୍ତର୍ଦେଶୀୟ ବ୍ୟପାରୀଙ୍କ ଆଶାତୀତ ଲମ୍ବା ଷଡଯାନ୍ତ୍ରିକ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ଜ୍ଞାନ, ଭାବ ବହିର୍ଭୂତ ବିଷୟକୁ ନେଇ ରଚିତ, ଗଠିତ ଏହି ସାମାଜିକ ଭ୍ରଷ୍ଟାଚାରକୁ ଏତେ ସହଜରେ ବୁଝିହେବନହିଁ ! ସେମାନଙ୍କ କପଟ ପସାର କଳା କାର୍ନାମା ଠାରୁ ନିଜକୁ ଦୁରେଇ ରଖିବା ଅତ୍ୟନ୍ତ କଷ୍ଟକର ବିଷୟ ହୋଇପଡିଛି ଆଜି ସମୟରେ । ତଥାପି ଆମକୁ କରିବାକୁ ହେବ । କିନ୍ତୁ ଏହା ପଛରେ ରହିଥିବା ଷଡଯନ୍ତ୍ରକୁ ସାଧାରଣ ମଣିଷ ବୁଝିବା ଦୂରର କଥା, ଯେଉଁ ରାଜନେତା ତଥା ଶିକ୍ଷିତ ସରକାରୀ କର୍ମଚାରୀ ମାନେ ସେମାନଙ୍କ ସହିତ ହାତ ମିଶାଇ ବଳି ପଡ଼ିଥା'ନ୍ତି ସେମାନେ ମଧ୍ୟ ସେମାନଙ୍କ କଳା କାରୁକାର୍ଯ୍ୟକୁ ବୁଝି ପାରୁନାହାନ୍ତି ! ତେଣୁ ଏହି ମାନଙ୍କ କାନ୍ଧରେ ବନ୍ଧୁକ ରଖି ସାଧାରଣ ଲୋକଙ୍କୁ ଶିକାର କରିଚାଲିଥିବା ସେହି ଧର୍ମାନୁଷ୍ଠାନିକ ଏବଂ ବ୍ୟବସାୟୀକ ଶିକାରୀ ଗୋଷ୍ଠୀଙ୍କୁ ଚିହ୍ନିବା ଏତେ ସହଜ ନୁହେଁ ଯାହା ସାଧାରଣ ଲୋକେ କରିପାରନ୍ତି ନାହିଁ !

ଅତଏବ ସାଧାରଣ ଲୋକଙ୍କୁ ସତ୍ୟର ଉନ୍ମୋଚନ କରି ବାସ୍ତବକୁ ଆପଣେଇବାକୁ ହେଲେ ଉପସ୍ଥିତ କୁହେଳିକାର କୁହୁଡ଼ିରୁ ବାହାରକୁ ଆସି ବିଚାରଶୀଳ ଭାବେ ତର୍ଜମା କରିବାକୁ ହେବ ସତ୍ୟ, ଅସତ୍ୟକୁ ! କେବଳ ଲେଖା ଏବଂ ବିକା ମଧ୍ୟରେ ସନ୍ନିବେଶିତ ସଭ୍ୟ ମଣିଷ ସମାଜ ଯେଉଁଠି ଏହି ଦୁଇଟି ବିଷୟ ପ୍ରତି କାହାର ନଜର ନାହିଁ କିମ୍ବା କୌଣସି ସାମାଜିକ ପ୍ରତିବନ୍ଧକ ନାହିଁ ! ଯିଏ ଯାହା ଲେଖିଲା, ଯିଏ ଯାହା ବିକିଲା, ସବୁଥିରେ ବିଶ୍ୱାସ ଆମର, ଆମକୁ ସଂସ୍କାର ପରିବର୍ତ୍ତେ ତଳିତଳାନ୍ତ କରୁଥିବା ସାଙ୍ଘାତିକ ସାମାଜିକ ଅଭାବନିୟତାକୁ ସାଧାରଣ ମଣିଷ କାହିଁକି ଆଛା ଆଛା ଶୀର୍ଷକ ଶିକ୍ଷିତ ମଧ୍ୟ ବୁଝିବା କଷ୍ଟକର ବ୍ୟାପାର ! ତେଣୁ ସଭ୍ୟ ସମାଜ ଯେ ବ୍ୟାପକ ଅସଭ୍ୟତାର ପରିଚୟ ଦେବାରେ କୁଣ୍ଠାବୋଧ କରୁନାହିଁ ତାହା ବୁଝିବା କାଠିକର ପାଠ । ଏହି ଗଭୀରତମ ବିଷୟକୁ ଏହିଭଳି ସଂକ୍ଷିପ୍ତ ପର୍ଯ୍ୟାୟରେ ବିଶ୍ଳେଷଣ କରି ସମ୍ପୂର୍ଣ୍ଣ କରିବା ସମ୍ଭବ ନୁହେଁ ! ଏହାର ବାସ୍ତବତା ଉପରେ କର୍ମଶାଳା କରାଯାଇ ସଚେତନତା ସୃଷ୍ଟି କରାଯାଇପାରେ । କିନ୍ତୁ କାହାରି ଆଗ୍ରହ ସୃଷ୍ଟି ହେବା ଅନ୍ଦାଜ ହେଉନାହିଁ, କାରଣ ସମସ୍ତେ ବୁଝିଛନ୍ତି ଆଜିସମୟର ପରିସ୍ଥିତି । ତଥାପି ଆମ କର୍ତ୍ତବ୍ୟରୁ ପଶ୍ଚାତ୍‌ପଦ ନହୋଇ ଜାରିରହିଛି ଆମ ସଂଗ୍ରାମ ଯାହା ଶେଷ ପର୍ଯ୍ୟନ୍ତ ନିର୍ଦ୍ଦ୍ୱନ୍ଦରେ ଚାଲିବ । ଯାହା ହେବ ନହେବ ସମୟ କହିବ । ଲେଖା ଏବଂ ବିକା ମଧ୍ୟରେ ସୀମିତ ସଭ୍ୟତାକୁ ସମ୍ପୂର୍ଣ୍ଣ ଭାବେ ନବୁଝି କେବଳ ସ୍ୱାର୍ଥାନ୍ଧ ହୋଇ ସମସ୍ତେ ଅଗ୍ରଗତି କଲେ ଯେ ମଣିଷ ସମାଜ ସମୟ ପୂର୍ବରୁ ସଂକୁଚିତ ହୋଇ ସମଗ୍ର ପୃଥିବୀ ସମୟ ପୂର୍ବରୁ ଜନଶୂନ୍ୟ ହୋଇଯିବାରେ କେବଳ ଆମେହିଁ ଦାୟୀ ରହିବା ଛଡା କାହାରିକୁ ଦୋଷାରୋପ କରିପାରିବା ନାହିଁ ବୋଲି ଆମ ବିଚାରରେ ଆପଣଙ୍କ ଭାବ ବ୍ୟକ୍ତ କରିବେ ବୋଲି ଆଶା !


ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ମୋ: ୯୪୩୭୩୨୪୯୧୭.


# ଆର୍ଥିକ ସଙ୍କଟରେ ମଧ୍ୟମବର୍ଗ



### ଗୋପାଳ ମହାପାତ୍ର

ଆମେରିକାର ଏକ ସଂସ୍ଥା ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ମଧ୍ୟମ ବର୍ଗର ଲୋକଙ୍କ ସଂଖ୍ୟା ହ୍ରାସ ପାଇଥିବା କଥା କୁହାଯାଇଛି। ଏହି ରିପୋର୍ଟ ଅନୁସାରେ କରୋନା ମହାମାରୀ କାରଣରୁ ଦେଖାଦେଇଥିବା ଆର୍ଥିକ ସଙ୍କଟ ବର୍ଷେ ପର୍ଯ୍ୟନ୍ତ ଲାଗି ରହିଥିଲା। ଆର୍ଥିକ ସଙ୍କଟ କାରଣରୁ ଭାରତରେ ଥିବା ମଧ୍ୟମବର୍ଗର ଲୋକ ସଂଖ୍ୟା ୯.୯ କୋଟିରୁ ଏବେ ୬.୬ କୋଟିକୁ କମି ଆସିଛି। ଏହି ରିପୋର୍ଟ ପ୍ରସ୍ତୁତ କରିଥିବା ସଂସ୍ଥା ରିସର୍ଚ୍ଚସେଣ୍ଟର ସର୍ବେକ୍ଷଣ କରିବା ସମୟରେ ପ୍ରତିଦିନ ୭୦୦ଟଙ୍କାରୁ ୧୫୦୦ଟଙ୍କା ରୋଜଗାର କରୁଥିବା ଲୋକଙ୍କ ସମ୍ପର୍କରେ ଅନୁଧ୍ୟାନ କରି ଏଭଳି ତଥ୍ୟ ପ୍ରକାଶ କରିଛି। ରିପୋର୍ଟରେ ଏକଥା ମଧ୍ୟ କୁହାଯାଇଛି ଯେ ଚୀନରେ କରୋନା ସଂକ୍ରମଣ କାରଣରୁ ବିଗତ ବର୍ଷକ ମଧ୍ୟରେ ମଧ୍ୟମ ବର୍ଗର ଲୋକଙ୍କ ସଂଖ୍ୟା ଏକ କୋଟିରୁ ଅଧିକ ମିଛି। କରୋନା କାରଣରୁ ଦେଶରେ ମଧ୍ୟମବର୍ଗର ଲୋକଙ୍କ ସଂଖ୍ୟା କମିଛି ଓ ସେପଟେ ଭାରତୀ ପରିବାରମାନଙ୍କ ଉପରେ ଋଣର ବୋଝ ବଢିଛି। ଏ ପ୍ରସଙ୍ଗରେ ମଧ୍ୟ ଅନ୍ୟ କେତେକ ସଂସ୍ଥା ପକ୍ଷରୁ ଅଧ୍ୟୟନ କରାଯାଇଛି। କୁହାଯାଇଛି ଯେ, ମହାମାରୀ କାରଣରୁ ଅଧିକ ଲୋକ ରୋଜଗାର ହରାଇଛନ୍ତି। ୱାର୍କ ଫ୍ରମ୍ ହୋମ୍ କାରଣରୁ ଟିକସ ରିହାତି ମଧ୍ୟ କମିଛି। ଅନ୍ୟପକ୍ଷରେ ଅଧିକ ସଂଖ୍ୟକ ଲୋକଙ୍କର ଡିଜିଟାଲ ଟେକନିକ୍, ବ୍ରଡବ୍ୟାଣ୍ଡ, ବିଦ୍ୟୁତ୍ ବିଲ୍ ଭଳି ବ୍ୟୟ ବଢିଛି କିନ୍ତୁ ସେପଟେ ଲୋକଙ୍କର ଆ କମିଛି। ବିଗତ ଏକ ବର୍ଷରେ ଦେଶରେ ମଧ୍ୟମ ବର୍ଗର ଲୋକଙ୍କ ପାଇଁ ସଂଚୟ ଯୋଜନା ଏବଂ ବ୍ୟାଙ୍କର ସ୍ଥାୟୀ ଜମା (ଫିକ୍ସ ଡିପୋଜିଟ୍) ଉପରେ ସୁଧ ଦର ହ୍ରାସ ଚିନ୍ତା ବଢ଼ାଇ ଦେଇଛି। ଯେହେତୁ ଦେଶରେ ମଧ୍ୟମ ବର୍ଗୀୟ ଲୋକଙ୍କ ସୁରକ୍ଷା ପାଇଁ ଠୋସ୍ କିଛି ବ୍ୟବସ୍ଥା ନାହିଁ ସେହି କାରଣରୁ କରୋନା କାଳ ସେମାନଙ୍କ ସମସ୍ୟା ବଢାଇ ଦେଇଛି।

ଦେଶର ଆର୍ଥିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ୧୯୯୧ରେ କେନ୍ଦ୍ର ସରକାର ଯେଉଁ ଯୋଜନା କରିଥିଲେ ତାର ଫଳସ୍ୱରୂପ ବିକାଶ ହାର ବଢ଼ିଥିଲା। ଏପରିକି ସହରୀକରଣର ବୃଦ୍ଧି କାରଣରୁ ମଧ୍ୟମବର୍ଗର ଲୋକଙ୍କର ଆର୍ଥିକ ସ୍ଥିତି ବଢିଥିଲା। ଏଥିପାଇଁ ୨୦୦୮ରେ ବିଶ୍ୱସ୍ତରରେ ଆର୍ଥିକ ସଙ୍କଟ ଦେଖାଦେଇଥିଲେ ମଧ୍ୟ ତାର ପ୍ରଭାବ ଭାରତ ଉପରେ ଅଧିକ ଭାବରେ ପଡିନଥିଲା। ୨୦୨୦ରେ କରୋନା ସଙ୍କଟ କାଳର ଆର୍ଥିକ ସ୍ଥିତିକୁ କିଛି ପରିମାଣରେ କମାଯାଇ ପାରିଥିଲା। କିନ୍ତୁ ବିକାଶର ହାର ବୃଦ୍ଧି ପାଉଥିବାବେଳେ କରୋନା ଓ ଏହାର ଦ୍ୱିତୀୟ ଲହର ଭାରତ ପାଇଁ ଚିନ୍ତାର କାରଣ ପାଲଟିଛି। ଉପଭୋକ୍ତା ବଜାର ଏବଂ ଭାରତର ଅର୍ଥବ୍ୟବସ୍ଥାର ବିକାଶ ପାଇଁ ମଧ୍ୟମ ବର୍ଗର ଲୋକମାନଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ମଧ୍ୟମବର୍ଗର ଲୋକମାନେ ଏବେ ସାମାଜିକ-ଆର୍ଥିକ ଅବ୍ୟବସ୍ଥାର ସାମ୍ନା କରୁଛନ୍ତି। କରୋନାର ପ୍ରଥମ ଲହର କିଛି ମାତ୍ରାରେ କମିବା ଓ ସଂକ୍ରମଣକୁ ରୋକାଯାଇ ପାରିଥିବାବେଳେ ୨୦୨୧ର ପ୍ରାରମ୍ଭରୁ ଦେଶରେ ଦ୍ୱିତୀୟ ଲହର କାରଣରୁ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏଥିପାଇଁ ନାଇଟ୍ କର୍ଫ୍ୟୁ କେତେକ ସହରରେ ଲଗାଯାଇ ସାରିଲାଣି। ଅନେକ ଲୋକଙ୍କ ମନରେ ଆଶଙ୍କା ପ୍ରକାଶ ପାଇଲାଣି ଯେ ପୁଣି ଥରେ ଲକଡାଉନ୍ ଭଳି ଅବସ୍ଥା ସୃଷ୍ଟି ହୋଇପାରେ। ଏସବୁକୁ ଦେଖି ମଧ୍ୟମବର୍ଗଙ୍କ ଚିନ୍ତା ବଢିଯାଇଛି।

ସାମାଜିକ ପ୍ରତିଷ୍ଠା ହେଉ ଅଥବା ଜୀବନ ସ୍ତର ପାଇଁ ହେଉ ମଧ୍ୟମ ବର୍ଗର ଲୋକମାନେ ଗୃହ ଋଣ, ଅଟୋ ଋଣ ଏପରିକି କଞ୍ଜ୍ୟୁମର ଋଣ ନେଇଥାନ୍ତି। କିନ୍ତୁ ବର୍ତ୍ତମାନ ସମୟରେ ଦରଦାମ ବୃଦ୍ଧି, ପିଲାଙ୍କ ଶିକ୍ଷା, ରୋଜଗାର ଋଣ ଉପରେ ସୁଧ ହାର ବୃଦ୍ଧି ଭଳି ଅନେକ ସମସ୍ୟା ମଧ୍ୟମବର୍ଗର ଲୋକଙ୍କ ପାଇଁ ଚିନ୍ତାରକାରଣ ପାଲଟିଛି। ସବୁଠାରୁ ବଡ଼ କଥା ହେଉଛି ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀକରଣ କାରଣରୁ ପିଲାଙ୍କ ଶିକ୍ଷା ଏହି ବର୍ଗର ଲୋକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ୨୦୨୧ ଏପ୍ରିଲ ୧ ଠାରୁ ଆରମ୍ଭ ହୋଇଥିବା ଆର୍ଥିକ ବର୍ଷ ପାଇଁ ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବୁନିଆଦି ଢାଞ୍ଚାର ବିକାଶ ପାଇଁ ଅର୍ଥବରାଦ କରିଛନ୍ତି। ଏହାର ଲାଭ ମଧ୍ୟମବର୍ଗୀୟ ଲୋକଙ୍କୁ ଅବଶ୍ୟ ମିଳିବ। କିନ୍ତୁ ବଜେଟରେ ଛୋଟ ଆୟ କରଦାତା ଏବଂ ମଧ୍ୟମ ବର୍ଗର ଲୋକଙ୍କର ଆଶା ପୂରଣ ହୋଇପାରିବ ନାହିଁ। କରୋନା କାରଣରୁ ସୃଷ୍ଟି ହୋଇଥିବା ଆର୍ଥିକ ଅବ୍ୟବସ୍ଥାର ମୁକାବିଲା କରିବା ପାଇଁ ସରକାର ଯେଉଁ ଆତ୍ମ ନିର୍ଭର ଭାରତ ଯୋଜନାର ଆରମ୍ଭ କରିଛନ୍ତି ସେହି ଯୋଜନାରୁ ଅଧିକ କିଛି ଲାଭ ଏହି ବର୍ଗଙ୍କୁ ମିଳିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। ଏଣୁ ସରକାର କିଛି ସ୍ୱତନ୍ତ୍ର ଯୋଜନା କରିବାର ଆବଶ୍ୟକତା ରହିଛି।

ଏହି ପରିପ୍ରେକ୍ଷୀରେ ସରକାର କିଛି ଠୋସ୍ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ମଧ୍ୟମବର୍ଗର ଲୋକଙ୍କ ସ୍ଥିତି ସୁଧାରିବାପାଇଁ ସରକାର ଡାଇରେକ୍ଟ ଟ୍ୟାକ୍ସ ବୋର୍ଡ଼ ଏବଂ ନୂଆ ଆୟକର ଆଇନ ପ୍ରଣୟନ କରିବାର ଆବଶ୍ୟକତା ସମ୍ପର୍କରେ ଅନେକ ଅର୍ଥ ବିଶାରଦମାନେ ମତ ଦେଇଛନ୍ତି। କେନ୍ଦ୍ର ସରକାର ୨୦୧୭ ମସିହା ନଭେମ୍ବର ମାସରେ ପ୍ରତ୍ୟକ୍ଷ କର (ଟିକସ) ସଂହିତା ପାଇଁ ଅଖିଳେଶ ରଂଜନଙ୍କ ଅଧ୍ୟକ୍ଷତାରେ ଏକ ଟାକ୍ସଫୋର୍ସ ଗଠନ କରିଥିଲେ। ଅଖିଳେଶ ରଂଜନଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ବିଭିନନ ଦେଶର ପ୍ରତ୍ୟକ୍ଷ କର (ଟିକସ) ପ୍ରଣାଳୀ ଏବଂ ଆନ୍ତର୍ଜାତୀୟ ସ୍ତରରେ ଲାଗୁ ହେଉଥିବା ପ୍ରତ୍ୟକ୍ଷ କର ସମ୍ପର୍କରେ ତୁଳନାତ୍ମକ ଅଧ୍ୟୟନ କରି ୨୦୧୯ ମସିହା ଅଗଷ୍ଟ ୧୯ତାରିଖରେ ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟରେ ପ୍ରତ୍ୟକ୍ଷ ଟିକସ ଆଇନରେ ବ୍ୟାପକ ପରିବର୍ତ୍ତନ ଏବଂ ବର୍ତ୍ତମାନର ଆୟକର ଆଇନକୁ ହଟାଇ ତା ସ୍ଥାନରେ ସରଳ ଏବଂ ପ୍ରଭାବୀ ଆୟକର ଆଇନ ପ୍ରଣୟନ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ସରକାର ଅଖିଳେଶ ରଂଜନ କମିଟିଙ୍କ ସୁପାରିସକୁ ଲାଗୁ କରିପାରିଲେ ମଧ୍ୟମବର୍ଗଙ୍କ ସ୍ଥିତି ସୁଧୁରି ଯାଇପାରନ୍ତା ବୋଲି ଅର୍ଥ ବିଶାରଦମାନଙ୍କ ମତ।

ସରକାର ଏ ଦିଗରେ ଚିନ୍ତାକରିବା ଆବଶ୍ୟକ। ଚଳିତ ଆର୍ଥିକ ବର୍ଷ ୨୦୨୧-୨୨ରେ କରୋନା ମହାମାରୀ କାରଣରୁ ଆର୍ଥିକ ଅବ୍ୟବସ୍ଥା ମଧ୍ୟରେ ଥିବା ଏହି ମଧ୍ୟମବର୍ଗର ଲୋକଙ୍କ ଅବସ୍ଥାକୁ ସୁଧାରିବା ଦିଗରେ କିଛି ଆର୍ଥିକ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରିବା ଦିଗରେ ସରକାର ମଧ୍ୟ ବ୍ୟବସ୍ଥା କରିବା ଆବଶ୍ୟକ। ଏହାଦ୍ୱାରା ମଧ୍ୟମବର୍ଗର ଲୋକଙ୍କ କ୍ରୟ ଶକ୍ତି ବଢିବ, ଲୋକଙ୍କ ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇବ ଏପରିକି ଦେଶର ଅର୍ଥବ୍ୟବସ୍ଥା ମଧ୍ୟ ଗତିଶୀଳ ହୋଇପାରିବ।


ରାମଚନ୍ଦ୍ରପୁର
ରଣପୁର, ୯୪୩୮୪୮୫୦୯୪


କବିତା କୋଣାର୍କ



## ମୋ ଘରର କାନ୍ଥ

### କୃଷ୍ଣା ମିଶ୍ର

ଦାଗ ଭରା କାନ୍ଥ କୁ ପଚାରିଲି,
କହିଲୁ !
ଏଇ କୁତ୍ସିତ ରଙ୍ଗ,
ଆଞ୍ଚୁଡା, ରାମ୍ପୁଡା...
କିଏ ତୋତେ, କେବେ ଛୁଇଁଲା ?
କଦକାର କଳା ?
କେମିତି, କାହିଁକି ଏ ହୀନିମାନୀ ଦଶା
ହେଲା !!

ସେ, ଉତ୍ତର ଦେଲା..
'ମୁଁ ତ ଗୋଟାପଣେ ପଥର,
ନିର୍ଜୀବ, ନିଥର !
ଯିଏ, ଯେତେବେଳେ, ଚାହାଁନ୍ତି,
ଯେମିତି ହେଉ,ନିଜର ରଙ୍ଗକୁ ଲେସି
ଦିଅନ୍ତି ମୋ'ପରେ,
ପର୍ବାଣୀରେ ଦେଖାଣିଆ ଭାବ !
ସବୁକୁ ଛାଟି ଦେଇ ନୂତନ ରଙ୍ଗରେ !
ଉଲ୍ଲସିତ ହୁଅନ୍ତି,
ଏଇ ପଥୁରିଆ ଢାଞ୍ଚା ଉହାଡରେ ନିଜକୁ
ବେଶ ସୁରକ୍ଷିତ ମଣନ୍ତି.....

ପୁଣି, କଣ୍ଟା ବାଡ଼େଇ
କ୍ୟାଲେଣ୍ଡର ଝୁଲାଇ
ତାରିଖ ବଦଳାଇ, ଦିନ ଗଣନ୍ତି !
ପଥର ଢାଞ୍ଚାରେ ରଙ୍ଗର ବୟସ ମାପନ୍ତି,
ନୂଆଁ ପୁଟ ଦେଇ, ଧୋବ ଧାଉଳିଆ
କରିଦେବା ପାଇଁ ଯୋଜନା କରନ୍ତି..


♥ଡି/୩, ଜିନ୍ଦଲ ସ୍କୁଲ ହାଉସିଙ୍ଗ କଲୋନୀ,
ରାୟଗଡ଼, ଛତିଶଗଡ
ମୋ - ୯୩୦୧୦୧୨୩୩୩


## କନ୍ୟା ନୁହଁନ୍ତି ନ୍ୟୂନ

### ପ୍ରଦୀପ୍ତ ଆଚାର୍ଯ୍ୟ

ଶୃତି ଓ ଅଙ୍କିତା, ଯାମିନୀ ଐଶ୍ୱର୍ଯ୍ୟା,
ରଖିଲେ କନ୍ୟାଙ୍କ ନାମ,
ପୁତ୍ର ଆଶାୟୀ ଏ, ପିତା ମାତାଙ୍କର,
ଉଦୟ ହେଉ ଚୈତନ୍ୟ।
ସିଭିଲ ସର୍ଭିସ, ପରୀକ୍ଷା ଫଳରେ,
ପ୍ରଥମୁ ଚତୁର୍ଥ ସ୍ଥାନ,
ଏହି ଚାରି କନ୍ୟା, ଝାମ୍ପି ନେଇଗଲେ,
ପୁତ୍ରଙ୍କୁ କରିଲେ ନ୍ୟୂନ।
କନ୍ୟା ସନ୍ତାନଙ୍କୁ, ଯେଉଁ ପିତା ମାତା,
କରନ୍ତି ସର୍ବଦା ଘୃଣା,
ଜାତ ହେଲେ କନ୍ୟା,
ଯେଉଁ ମାନଙ୍କର,
ମନ ହୋଇଯାଏ ଉଣା।
ଲଭନ୍ତୁ ଏ ଜ୍ଞାନ, କନ୍ୟା ନୁହେଁ ନ୍ୟୂନ,
ପୁତ୍ରଙ୍କ ଠାରୁ ଅଧିକ,
କନ୍ୟାଭୃଣ ହତ୍ୟା, ନକରିବା ପାଇଁ,
ଜାଗ୍ରତ ହେଉ ବିବେକ।
ପୁଅ ପିଣ୍ଡ ଦେଲେ, ଆତ୍ମା ହେବ ମୁକ୍ତ,
ବଦ୍ଧ ଧାରଣା ରହିଛି,
ମିଳିବନି ମୁକ୍ତି, କନ୍ୟା ଦେଲେ ପିଣ୍ଡ,
କେଉଁ ଶାସ୍ତ୍ରେ ଲେଖା ଅଛି ?
ପୁତ୍ର ସନ୍ତାନ ଠୁଁ, କନ୍ୟା ସନ୍ତାନଟି,
କେଉଁ ଗୁଣେ ଉଣା ନୁହେଁ,
ପରିବର୍ତନ ଏ, ମାନସିକତାର,
ଆଜିର ସମାଜ ଚାହେଁ !
ସମ୍ପାଦକ, ସମ୍ବାଦ ସାହିତ୍ୟ ଘର ।


♥କିଶନନଗର,କଟକ
ମୋ-୬୩୭୧୫୯୩୨୨୦


## ସଂଜ୍ଞାହୀନ ସମୟ

### ସିଦ୍ଧେଶ୍ୱର ତ୍ରିପାଠୀ

ନାଁ ଶୈଶବର ଚପଳାମି ଅଛି
ନାଁ କୈଶୋରର କୋଳାହଳ
ନାହିଁ ଯୌବନର ଉନ୍ମାଦନା
ଆସିନାହିଁ ଏବେବି ବାର୍ଦ୍ଧକ୍ୟ

ନିଦାଘର ତାତି ବର୍ଷାଭିଜା ରାତି
ଶୀତରସେ ଶେଷ ଶିହରଣ
ବନ୍ଧନ ବସନ୍ତ ଆଉ ଫିକା ଫଗୁଣରେ
କେଉଁ ଏକ ଅଜଣା ମୁହୂର୍ତ୍ତ ଭିତରେ
ସ୍ମୃତି ନେଇ ଜୀଇଁଛି ଜୀବନ ।

ବନ୍ଧୁତା ଆଉ ବନ୍ଧୁ
ସପନ ଆଉ ସୁଖ
ଆଶା ଆଉ ଆକାଶ
ଏସବୁ ଦେଢ଼ସୁର ନାଁ ଭଳି
କାହିଁ କେତେ ଦୂରେ

ଆଖି ଖୋଲା ଅଛି
ଖାଲି ଯାହା ଦେହ ଦେଇ
ବହୁଛି ପବନ ।

କିଏ ଖୋଜା ପଡୁନି
କିଏ ବି ଖୋଜୁନି
ନିର୍ବାସିତ ନାଁ ନିର୍ବାଣ
କେତୁଙ୍କ ପ୍ରଭାବ
ନାଁ କେତେକଙ୍କ ଲୋଭ
ଅବୁଝା ଅଙ୍କ ପରି
କସି ଚାଲିଛି ସମୟ

ସମାଧାନ କି ଶେଷାନ୍ୱ
ଏବେବି ଆସିନି
କିଏ ଜଣେ ଗଣି ଚାଲିଛି ଦିନ
ଏଠି ସବୁ ବିଲୁପ୍ତ
ଲହୁ ଆଉ ଲୁହ
ମହୁ ଆଉ ମୋହ ।


♥ଖୋର୍ଦ୍ଧା




## ନିହାତି ଥରେ ଆସ

### ଦିନେଶ ମେହେର

ତମେ ଥରେ ଆସ
ବୁଝିବାକୁ ମୋ ସମଗ୍ରସତ୍ତା ଟିକୁ,
ବୁଝି ପାରିବ ତ ?
ମୋ ଅସହାୟ ମନର ବେଦନା !

ଚେଷ୍ଟା କରିଦେଖ
କାଳେ ତୁମ ପ୍ରଚେଷ୍ଟା
ସଫଳ ହୋଇଯାଇ ପାରେ !
କେବେ ଚେଷ୍ଟା କରିଛ କି ?
ନା ଉପର ଛଳକୁ ଚେଷ୍ଟା କରିବାର
ମିଛ ପ୍ରହସନ ଦେଇ ଚାଲିଛ,
ଏବଂ ଅନ୍ତରାଳେ କଟାକ୍ଷ ଭାବନା !

ତେବେ ନିହାତି ଥରେ ଆସ
ଦେଖିଯାଅ ମୋ ଅନ୍ତରରେ
ଉଙ୍କିମାରୁଥିବା ଅଜସ୍ର ପ୍ରଶ୍ନକୁ
ପଢ଼ି ଦିଅ ମୋ ଅନ୍ତର ଭାବନା କୁ
ପାରିବ ତ ଯଦି ଦେଇ ଦେବ ଉତ୍ତର !
ମୁଁ ଉତ୍ତର ଜିଜ୍ଞାସୁ ନୁହେଁ।

ବରଂ ମୁଁ ବି ଦେଖିବି
ତମ ତୋଷାମଦି
ମଣିଷତ୍ୱ ପରଖି ପାରେ,
ନା କେବଳ କପଟ କରି
ପର ଦୁର୍ଦ୍ଦଶା ଦେଖି ଖୁସି ହେଇ ପାରେ !


♥ପଳାସ, କଳାହାଣ୍ଡି


## ପ୍ରୀତି ଆମନ୍ତ୍ରଣ

### ସୁବ୍ରତ କୁମାର ଜେନା

ଆଙ୍କିବାକୁ ଦିଅ ତୁମ ଗଣ୍ଡ ଅଧରରେ
ମୋ ପ୍ରେମର କଅଁଳ ଛାପ,
ହଜିବାକୁ ଚାହେଁ ତୁମ ପ୍ରୀତି ସାଗରରେ
ସଖୀ କାହିଁକି ମଣୁଛଗୋ ପାପ।

ଏ ପ୍ରେମର ରାତି ସରି ସରି ଯାଏ
ରତି କ୍ରୀଡା କର ଶେଷ,
ଆବୁଡା ଜାବୁଡା ଅନେକ ଲାଞ୍ଛନା
ତଥାପି ମେଂଟୁନି ଶୋଷ ।

ଅଙ୍ଗର ସ୍ପର୍ଶରେ ଅଙ୍ଗଲାଗି ହୋଇ
ବାସିବ ଏ ରାତି ମହ ମହ,
କାମଳ କୋମଳ ଯନ୍ତ୍ରଣାର ଜୁଇ
ଝରିବ ଆନନ୍ଦ ଅସରା ଲୁହ ।

ଜଳାଇ ଦିଅଗୋ କାମନାର ଦୀପ
ହାତେ ପ୍ରେମ ସର ଧରି,
ପ୍ରେମର କସ୍ତୁରୀ ଅନ୍ତରରେ ଲେପ
ଜଳି ଯିବ ରାତି ଝୁରି ।

ପାହାନ୍ତି ତାରଟା ଯିବ ଯିବ ବୋଲି
ଦୂରେ ଜୁଳୁ ଜୁଳୁ କରେ,
ପାହାନ୍ତି ପ୍ରହର ଆସି ଯିବ ବୋଲି
ଥର ତୁମେ ଲାଜ ଡରେ ।


♥ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦






# କ୍ଷତ




ଜୟଶ୍ରୀ ପଟ୍ଟନାୟକ




ଦାଣ୍ଡ କବାଟଟା ସାହାଣ ମେଲା ହୋଇଛି। ଘରଦ୍ୱାର ଶୁନ୍‌ଶାନ୍ ଲାଗୁଛି। ବୁଢୀ ବୋଧହୁଏ କଳରୁ ପାଣି ଆଣିବାକୁ ଯାଇଛି। ସୂର୍ଯ୍ୟ ଭାଲେରି ଉହାଡରେ ମେଲାଣି ନେବାକୁ ବସିଲେଣି। ପାଖ ମନ୍ଦିରରୁ ଆଳତି ଘଂଟି ବାଜିଲାଣି। ସାହି ମାଇପିଏ ସଂଜବତୀ ଜାଳିବାକୁ ତରତର ହେଲେଣି। ଘରେ ଚହଳ ଗହଳ କିଛି ଶୁଭୁନାହିଁ। ଡାକ ପକାଇଲା ବୁଢା ଭିତର ଅଳିନ୍ଦରୁ ଛବି! ଛବି! ଘରେ କଣ ଆଜି ଚହଳଗହଳ କିଛି ଶୁଭୁନାହିଁ ତ? ପୁଣି ଡାକ ପକାଇଲା ବୁଢା, ଭିତର ଅଳିନ୍ଦରୁ ବାହାର ଚବୁତରା ଯାଏଁ ପଡୋଶୀ ଘର ଠାରୁ ସାଙ୍ଗ ଘର ଯାଏଁ। ଛବି! ଛବି! ଆଲୋ ହେ! କୁଆଡେ ଗଲୁ କିଲୋ ଛବି! ବେଳ ବୁଡିଗଲାଣି।ଭାବିଲା କୁଆଡେ ଗଲା କେଜାଣି ସଞ୍ଜ ପ୍ରହରୁ? ବୁଢୀଟା ବୋଧହୁଏ ପାଣି ଆଣିବାକୁ ଗାଁ ଶେଷମୁଣ୍ଡ କଳକୁ ଯାଇଛି। ବେଗେ ଆସିଲେ ସିନା ସଂଜ ଦିଅନ୍ତା। ବେଳ କେତେ ଉଛୁର ହେଲାଣି ସେ କଥା କଣ କିଏ ବୁଝୁଛି? ବୁଢୀ ସେପଟୁ ବଡ ବଡ ଧାପ ପକାଇ ପାଣିଗରା ଧରି ଆସି କହିଲା- କାହାକୁ ଖୋଜୁଛ ଛବି ବାପା! ସିଏ ପରା ବଜାର ଯାଇଛି। ଘରେ ସଉଦା ପତ୍ର ନାହିଁ। ତୁମର ତ ଦେହପା ଭଲ ରହୁନାହିଁ। ମୁଣ୍ଡ ବୁଲଉଛି। ଥରେ ଦୁଇଥର ରାସ୍ତାରେ ବି ପଡିଗଲଣି। ସେଥିପାଇଁ ସେ କହିଲା ମୁଁ ଏଥର ଘରର ହାନିଲାଭ କଥା ସବୁ ବୁଝିବି। ବାପାଙ୍କୁ ଆଉ କିଛି ବୁଝିବାକୁ କହିବୁନି ଲୋ ବୋଉ।

ପ୍ରତିଦିନ ସଂଧାରେ ପ୍ରାୟତଃ ତାକୁ ବଜାରକୁ ଯିବାକୁ ପଡେ। ବାପା ନିଇତି ତାଗିଦା କରନ୍ତି ବୋଉକୁ। ଭୂଆଶୁଣୀ ଝିଅଟିକୁ କାହିଁକି ରାତିରେ ଏଣେତେଣେ ପଠଉଛ କହିଲ? ଆଉ କଣ ଗାନ୍ଧୀ ରାଇଜର କଥା ଚଳୁଛି? ଏଇଟା ପରା ଆଧୁନିକ ଯୁଗ। ଏଠି ଝିଅ ବୋହୁ ମାନେ ବାହାରକୁ ଗୋଡ କାଢିଲେ ଅପବାଦ ମୁଣ୍ଡେଇବାକୁ ପଡେ ଯେ। ଖଳ ଲୋକ ମାନଙ୍କର ଯାଏ ଆସେ କେତେ? ତୁମର ତ ସବୁ ସରି ଯାଇଥିବ ନା। ମୁହଁ କଳା କରି ଦାଣ୍ଡରେ ବଂଚି ପାରିବ ତ? ଏ କଥା ଶୁଣି ବୁଢ଼ୀ କହିଲା-କାହିଁକି ସେ ଅଶୁଭ, ଅମଂଗଳିଆ କଥା ତୁଣ୍ଡରେ ଧରୁଛ କହିଲ? ସେ ତ ଆମର ସବୁ କିଛି।ଘରକୁ ଝିଅ ଆଉ ଦାଣ୍ଡକୁ ପୁଅ। ତା ବ୍ୟତୀତ ଆମର କିଏ ଅଛି ଯେ ମନକଥା ବୁଝିବ, ଆଉ ଘର ସମ୍ଭାଳି ଦେବ କହିଲ? ସାଇକେଲଟା ତ ନେଇକି ଯାଇଛି ବଜାର ସଉଦା କରି ଜଲ୍‌ଦି ଫେରିଆସିବନି ନା? ତମେ ସବୁ କଥାରେ ଏମିତି ବ୍ୟସ୍ତ ହେଲେ ହେବ କେମିତି?

ବୁଢା କହିଲା- ମୁଁ ଯାଏ, ଅଧବାଟ ଯାଏଁ ଟିକିଏ ବୁଲି ଆସିବି। ଯଦି ସେ ଆସିଯାଇଥିବ ମୁଁ ସାଙ୍ଗରେ ନେଇଆସିବି। ମନଟା କାହିଁକି ଘଂଟି ଚକଟି ହେଉଛି।ଆଜିକାଲି ଯୁଗଟା ପରା ଖରାପ। କିଏ କାହିଁକି ଜାଣିବ କେଉଁ ପରିସ୍ଥିତିରେ, ଘରର କେଉଁ ଅସୁବିଧାକୁ ସାମନା କରିବାକୁ ଝିଅଟି ବଜାରକୁ ଯାଏ? ବୁଢା ଠୁକେଇ ଠୁକେଇ ଲଣ୍ଠନଟି ଧରି ଆଗକୁ ଲିଲା ଭାବିଲା- ବୁଢୀ ସଂଜ ଦେଇ ବସିଚି ଠାକୁର ଘରେ। ଭାଗବତ ଅଧ୍ୟାୟେ, ଗୀତା ଅଧ୍ୟାୟେ ପଢି ଠାକୁର ଘରୁ ବାହାରିଲା ବେଳକୁ, ରାତି ହୋଇ ସାରିଥିବ। ଆଗକୁ ଲିଥାଏ ବୁଢା। ପନ୍ଦର ଦିନ ହେବ ମୁଣ୍ଡରେ ତେଲ ଟିକେ ଲାଗିନାହିଁ। ଧୋତିରେ ସାବୁନ କି ସର୍ଫ ବି ଟିକେ ଲାଗିନାହିଁ। ପ୍ରଧାନ ଘରର ବିଲ ଖଣ୍ଡେ ଭାଗ ଷରେ ନେଇଥିଲା ଯେ, ତାହା ବି ଏ ସନ ବନ୍ୟାରେ ବାଲିଚର ମାଡିଗଲା। ସ୍ୱପ୍ନରେ ପଡିଗଲା ଭଙ୍ଗା। ଖାଇବ କଣ ଦୁଇ ଓଳି? ତିନି ପ୍ରାଣୀର କୁଟୁମ୍ବ। ପୁଅଟେ ଥିଲା ଯେ, ଜ୍ୱର ହୋଇ ମୁଣ୍ଡକୁ ଚଢିଗଲା। ମେଡିକାଲ ନେବାକୁ ପାଖରେ କଉଡିଟାଏ ନ ଥିଲା। ବଂଚିବାର ଦୁର୍ବାର ଆଶା ରଖିକି ବି ଔଷଧ ପତ୍ର ନ ଦେଇ ପାରିବାରୁ ସେ ଆଉ ପାରିକୁ ଲିଗଲା। ଏକଲା ପଡିଗଲା ବୁଢା। ମଲାବେଳେ ତୁଣ୍ଡରେ ଗଙ୍ଗା ପାଣି, ନ ହେଲେ ତୁଳସୀ କି ନିର୍ମାଲ୍ୟ ଟିକିଏ ତ ଦେଇ ଥାଆନ୍ତା। ଭଗବାନ ତାକୁ ବି ନେଇଗଲେ। କହୁ କହୁ ଭାବବିହ୍ୱଳ ହୋଇ କାନ୍ଦି ପକାଇଲା। କାନିରେ ଲୁହ ପୋଛିଲା। ଲଥ କରି ତଳେ ବସି ପଡିଲା। ଆଉ ଦେହରେ ତାକତ ଲାଗୁନି। ଭାବିଲା ବୁଢା। ଝିଅଟି ଅଂଟା ଭିଡିଛି। ସିଲେଇ ଦୋକାନଟି କରି ଯାହା ପଇସା ରୋଜଗାର କରୁଛି ତାକୁ ତିନି ପ୍ରାଣୀ ଖାଇବାକୁ ଚଳିଯାଏ। ପଇସାଟିଏ ସଂଚୟ କରି ହୁଏନାହିଁ। ତା ସାଂଗକୁ ଆଜି କାଶ ତ କାଲି ଜ୍ୱର। ଔଷଧ କିଣାରେ ପଇସା ଲିଯାଏ। ସରକାରୀ ଭତା ମାତ୍ର ତିନିଶହ ଟଂକା ତ ସମୁଦ୍ରକୁ ଶଂଖେ ପରି ଲାଗେ। ନା ଜୀଇଁହୁଏ ନା ମରିହୁଏ। ବି.ପି.ଏଲ, ଅନ୍ତଦ୍ୟୋ ଯୋଜନାରେ ଭଳ ସରକାର ଦେଉଛନ୍ତି ବୋଲି ଯାହା ଯେମିତି କଷ୍ଟେ ମଷ୍ଟେ ଚଳିଯାଉଛି। ଆଜିକାଲି ଯଉତୁକ ବତାଶ ଏମିତି ଦୋହଲେଇ ଦେଉଛି ମଣିଷର ମେରୁଦଣ୍ଡକୁ ଯେ, ସେଠାରୁ ମୁକୁଳିବାର ଯୁ ନାହିଁ। ଶେଷକୁ କେଉଁଠି ଝିଅ ଶାଶୁଘରୁ ଆସି ବେକରେ ବଂଧାହୁଏ ନଚେତ୍ ସିଆଡୁ ସିଆଡୁ ଶ୍ମଶାନ ଘାଟ। ଭାଗ୍ୟ ଟାଣରେ କେହି କେହି ଯଦି ସୁଖରେ ଦିନ କାଟୁଥିବେ ନହେଲେ ନାହିଁ। ସୁନା ଦର ଆକାଶ ଛୁଆଁ ହେଲାଣି। କାନଫୁଲ ହଲେ କଥା ଭାବିଲା ବେଳକୁ ରାହା ପାଏ ନାହିଁ। ଅଣନିଶ୍ୱାସୀ ଲାଗେ। ହାରଟେ, ମୁଦିଟେ। ପୁଣି ଜୋଇଁର ଚେନ୍, ମୁଦି। ଅତି କମ୍‌ରେ ଲକ୍ଷେ ଟଂକା ବି ପାଇବନି। ଭାବୁ ଭାବୁ ମୁଣ୍ଡଟା ଚିନ୍ତାରେ ଭାରି ହୋଇଗଲା ବୁଢାର। ବସିପଡିଲା ବରଗଛ ତଳ ଢିନୀ ଉପରେ। ଆଉ ହୋଇପାରିବନି। ଗାମୁଛାରେ ଝାଳ ପୋଛି ହେଲା। ଆଉ ଲି ହବନି ଜମାରୁ। ଝିଅଟା କେତେବେଳେ ଆସୁଛି ଆସୁ ଭାବି ପୁଣି ଫେରି ଆସିଲା ଘରକୁ। ଘରେ ବି ସ୍ଥିର ହୋଇ ରହିପାରିଲାନି। ଝିଅଟି ଗଲା କୁଆଡେ ତା ହେଲେ? ସେଦିନ ବିଳମ୍ବିତ ରାତି ଯାଏଁ ନ ଫେରିବାରୁ ମନରେ ଶଙ୍କା ଲାଗିଲା। ଗାଁ ର କେତେ ଜଣ ଲୋକଙ୍କ ସହ ରାତିରେ ଥାନାରେ ଯାଇ ଅଭିଯୋଗ କଲା। ସକାଳୁ ସକାଳୁ ପୁଲିସ ଖୋଜାଖୋଜିରେ ଲାଗି ପଡିଲେ। ଗାଁ ଲୋକେ ଜାଣିଲେଣି। ରିଆଡେ ଏ କଥା ହୁରି ପଡିଗଲାଣି। ସେତିକିବେଳେ ନଈ ବନ୍ଧ ଉପରେ ସାଇକେଲ ଟିଏ ଓ ଚପଲ ପଡିଥିବାର ଦେଖ ଲୋକେ କହିବାରୁ ପୁଲିସ ବାବୁ,ଖୋଜା ଖୋଜି କରି କହିଲେ-ଚିହ୍ନିଲ, ଏ ସାଇକେଲ ଓ ଚପଲ। ତମ ଝିଅର ନା ଆଉ କାହାର?

ଏ କଥା ଶୁଣି ବୁଢା ବହୁତ ଭୟ ପାଇ ଥିଲା ସେଦିନ। ଘର ପୋଡି ହୋଇ ସବୁ ଜିନିଷ ପତ୍ର, ଧାନଗଦା ପୋଡି ଯିବା ଦିନ ବି ଏତେ ଭୟ କରି ନ ଥିଲା। ପୁଅ ମରିଯିବା ଦିନ ବି ଏତେ ଭୟ କରି ନ ଥିଲା। ଯେମିତି ଦେଖି ଦେଇଛି ସାଇକେଲ ଆଉ ଚପଲ କହିଲା- ପୁଲିସ ବାବୁ! ଏଇଟା ମୋ ଝିଅର। ତା ହେଲେ ଝିଅଟା ଗଲା କୁଆଡେ? ଆଗକୁ ଯାଉ ଯାଉ ମିଳିଲା ଆଉ ହଳେ ଚପଲ ଆଉ ପଶ ମିଟର ଯାଇଛି ମିଳିଲା ପିନ୍ଧିଥିବା ପୋଷାକ। ତା ହେଲେ ମୋ ଝିଅକୁ କଣ ମାରି ଦିଆ ଯାଇଛି? ନା, ନା। ଏତେ ଅଶୁଭ କଥା ତୁଣ୍ଡରେ ଧରିବା ଉଚିତ୍ ହେବନାହିଁ। ନିତି ଦିନିଆ ଖବର କାଗଜରେ କଣ ଗୋଟାଏ ଧର୍ଷଣ, ଦୁଷ୍କର୍ମ କଥା ପଢୁଥିଲା। ନର ରାକ୍ଷସ ମାନଙ୍କର ହାବୁଡରେ କେମିତି ଝିଅମାନେ ବଳି ପଡୁଛନ୍ତି ତାହା ପଢୁଥିଲା। ହେଲେ ତା ଝିଅ ତ କୁଆଡେ ଯାଏନାହିଁ। ଖାଲି ଯାହା ସଉଦା କରିବାକୁ ବଜାରକୁ ଯାଏ। ଗରୀବ ଝିଅଟେ, ତା ଉପରେ ପୁଣି କାହା ଆଖି ଗଲା ଏଡେ କର୍ମ କରିବାପାଇଁ? ଆଉ ଆଗକୁ ଭାବି ପାରୁ ନ ଥିଲା ବୁଢା। ମା, ତାରିଣୀ ଲୋ ମୋ ଝିଅର ସେମିତି କିଛି ନ ହୋଇ ଥାଉ। ପାଖରେ ଗାଁ ନଈଟା ଅଣ ଓସାରିଆ ହୋଇ ଲମ୍ବି ଯାଇଛି। ପୁଲିସ, ସାଇଂଟିଫିକ୍ ଦଳ, ସନ୍ଧାନୀ କୁକୁର, ଦମକଳ ବାହିନୀ, ନଦୀକୁ ଫିଙ୍ଗି ଦେଇଥିବା ସନ୍ଦେହ କରି ଗାଁ ଲୋକ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରାୟ କୋଡିଏ ମିନିଟ୍ କାଳ ଖୋଜା ଖୋଜି କଲେ। ମିଳିଲା ଗୋଟିଏ ଉଲଗ୍ନ ଶରୀରର ଶବଟିଏ। ଜୀବନ ନାହିଁ ଅଥଚ ବହୁତ କାହାଣୀ ଆପେ ଆପେ ଗଢି ଉଠୁଥିଲା ଶବଟିକୁ ଦେଖି। କିଏ କହିଲା-ଶାରିରୀକ ସଂପର୍କରୁ ହତ୍ୟା, କିଏ କହିଲା ପ୍ରେମ କରୁଥିଲା ବୋଧେ ଟୋକୀ ଏବେ ବଢ଼ିଆ ମଜା ଖିଲା। ଆଉ କିଏ କହିଲା ଝିଅକୁ ପଠେଇ ଦେଇ ଶଳା ବୁଢା ଘରେ ବସିଛି। ଅନେକ ଜାଗାରେ କ୍ଷତ,କାମୁଡା ଦାଗ, ମୁଣ୍ଡରୁ ରକ୍ତସ୍ରାବ ଏବଂ ଉଲଗ୍ନ ଶରୀର ଏସବୁ ପାରିପାର୍ଶ୍ୱିକ ଅବସ୍ଥା ଦେଖି ସଂନ୍ଦେହ ଦୂର ହୋଇଗଲା ଯେ ଏକାଧିକ ଲୋକଙ୍କ ସଂପୃକ୍ତି ଥାଇ, ଧର୍ଷଣ କରାଯାଇ ପ୍ରମାଣ ନଷ୍ଟ କରିବାପାଇଁ ନଦୀକୁ ଫିଙ୍ଗି ଦିଆ ଯାଇଛି। ବୁଢା ବାପାଟା ନିଜ ଝିଅକୁ ଏମିତି କୁତ୍ସିତ ଅବସ୍ଥାରେ ଦେଖିବାକୁ ପାଇବ ବୋଲି ଆଶା କରି ନ ଥିଲା। ବାହାଘର କରିବ ବୋଲି ପଚିଶ ବର୍ଷର କୁଆନ୍ ଝିଅଟାକୁ ନିଜର ଆର୍ଥିକ ଅପାରଗତା ଦୃଷ୍ଟିରୁ କରି ପାରି ନ ଥିଲା। ଝିଅଟା ଘରକୁ ଝିଅ, ଆଉ ବାହାରକୁ ପୁଅ ପରି ଚଳଉଥିଲା। ଗୋଟାଏ ମରଦ ପୁଅ ବି ସେମିତି ଚଳେଇ ପାରିବନାହିଁ। ଗଣ୍ଡେ ଆହାର ଖାଇବାକୁ ଯାହା ମିଳୁଥିଲା ସବୁ ତା ରି ପ୍ରଚେଷ୍ଟାରେ। ସିଲେଇ କରି ଘର ଚଳଉଥିଲା। ଏବେ କେତେ ବେସାହାରା ହୋଇଗଲେ ଉଭୟ ପ୍ରାଣୀ? କାହାର ବିଷ ଦୃଷ୍ଟି ପଡି ପରିବାରଟା ଛାରଖାର ହୋଇଗଲା। ଆଉ କୋହ ସମ୍ଭାଳି ପାରିଲାନି ବୁଢା ଭୋ ଭୋ ହୋଇ କାନ୍ଦି ଉଠିଲା। ଭାବପ୍ରବଣତାରେ କହିଲା- ପୁଲିସବାବୁ! ମୋର ସେହି ଗୋଟିଏ ବୋଲି ଝିଅ ଆଉ କେହି ନାହାନ୍ତି। ଘରର ଅନ୍ଧି କନ୍ଦି ଦରାଣ୍ଡି ଆଣିଲେ ବି ପାଖରେ କଉଡିଟିଏ ନାହିଁ ଅଂଟି ଭରିବାକୁ। ତଥାପି ବାଢୁଅ ଝିଅ ବୋଲି ପଚିଶି ହଜାର ଟଙ୍କା ରଖିଥିଲି ତାକୁ ଏ ସନ୍ ମଗୁଶୀରକୁ ବାହା ଦେବି ବୋଲି। ତମେ ଟିକିଏ ଭଲ କରି ଦେଖ। ସିଏ ମୋ ଝିଅ ହୋଇ ନ ଥିବ। ମାଛିକୁ ମ ନ କହିବା ଝିଅଟି। ଲିଗଲେ ରାସ୍ତାରେ ତଳ ମୁଣ୍ଡ ଉପରକୁ ବି କରେନା। ଗାଁ ଲୋକେ ତାକୁ ବହୁତ ଭଲ ପାଆନ୍ତି ତାର ପୁଣି ଏ ଦୁର୍ଦ୍ଦଶା? ଆଖିକୁ ଠିକ୍‌ରେ ଦିଶୁନାହିଁ, କାନକୁ ଶୁଭୁନାହିଁ ଏ ବୟସରେ ପୁଣି ଏତେ ହାହାକାର? ଏତେ ନିଃସ୍ୱ ପଣ? ଏତେ ବଡ କ୍ଷତ? ବୁଢୀ ପରିଲେ କଣ କହିବ? କଣ କହି ତା ହୃଦୟକୁ ସାନ୍ତ୍ୱନା ଦେବ? ଦିନେ ହେଲେ ମାରି ନ ଥିବା ଝିଅଟିରଏତେ ବଡ ଦୁଃଖ କଥା ଶୁଣିଲେ ବୁଢୀ ଛାତି ଫଟେଇ କାନ୍ଦିବ।

ପରଦିନ ତଦନ୍ତକାରୀ ଅଫିସର ଆସିଲେ। କହିଲେ ଯେ ନିଶ୍ଚେ ପ୍ରେମ ଘଟଣାରୁ ଘଟିଛି। ଗତାନୁଗତିକ ସ୍ୱରରେ କହିଲେ, ପ୍ରଥମେ ପ୍ରେମ ତାପରେ ସଂପର୍କ ଏବଂ ଶେଷରେ ହତ୍ୟା। ବୁଢା କହିଲା, ନାଇ ସାର୍ ମୋ ଝିଅ କାହାକୁ ପ୍ରେମ କରିନି କରିଥିଲେ ପଚିଶ ବର୍ଷ ଅଭିଆଡି ରହିଥାଆନ୍ତା କେମିତି? ଏ କଥା ଶୁଣିଲା ପରେ ବିଷ ପରି ଲାଗୁଥିଲା ବୁଢାକୁ। ଇଚ୍ଛା ହେଉଥିଲା ଟାଙ୍ଗିଆରେ ଦି ଟେ ପକାନ୍ତା କି ଶଳାଟା ଉପରକୁ ସିଧା ପଳାନ୍ତା। ତରବରିଆ ତଦନ୍ତ ସାରିଦେଇ ଖସିଯିବାକୁ ବସିଛି। ଅଭିଯୁକ୍ତ ଧରାପଡିଲେ ଯାଇ ସିନା ପ୍ରକୃତ ଘଟଣା ଜଣାପଡନ୍ତା।

ପରଦିନ ଧରାପଡିଲା ଅଭିଯୁକ୍ତ। ଗୋଟାଏ କଙ୍କାଳସାର ଶରୀର। ଦେହସାରା ଅଣ୍ଡାଳି ଦେଲେ ପୁଳାଏ ମାଉସ ହାତକୁ ଲାଗିବନି। ଆଖି ଦୁଇଟି ଭିକ ମାଗି ଚଳୁଥିବା ବିକଳାଙ୍ଗ ଭିକାରୀ ପରି। ଏବେ ଯାଏଁ ମଦର ଉତ୍କଟ ଗନ୍ଧ ଦେହରୁ ବାରି ହୋଇପଡୁଥାଏ। ଯାକୁ ଏଇ ବର୍ଷେ ହେବ ଆଉ ସାହିରେ ରହୁଥିବାର ବୁଢା ଦେଖିଛି ଯାହା। କୋଉ କଂପାନୀରେ କିରୀ କରୁଥିଲା ସେଠାରୁ ଫେରି ଆସି ଗାଡି ଚଳଉଥିଲା। ତାକୁ ବୁଢା ଘର ଆଗ ପାନ ଦୋକାନରେ ଭିଡ ଜମେଇବାର ଯାହା ଦେଖିଥିଲା। ଝିଅ ଛବିକୁ ଦେଖିଲେ ବେଳେବେଳେ ଲୋଭନୀୟ ନଜରରେ ଦେଖୁଥିଲା। ଯେମିତିକି ପ୍ରେମ ନିବେଦନ କରୁଛି। ଛବି ତାକୁ ଦେଖିଲେ ବିଷେଇଯାଏ। ପିଲାଟିର ଢଙ୍ଗ ଢାଙ୍ଗ ଭଲ ଲାଗେନାହିଁ। ଥରେ କି ଦୁଇଥର ହେବ ଛବିକୁ ବାହାହେବ ବୋଲି ପଡିଶାଘର ର ପୁଅ ହାତରେ ପ୍ରସ୍ତାବ ପକାଇଥିଲା। ଛବି ତାକୁ ବାହାହେବନାହିଁ ବୋଲି ସଫା ସଫା ମନା କରିଦେଇଥିଲା। ତାପରେ ଛବିକୁ ଉଠେଇ ନେବ ବୋଲି ଧମକ ଚମକ ଦେଇଥିଲା। ଗାଁରେ ଫଂଚୁଆଡି ବସିଥିଲା। ଆପୋଷ ବୁଝାମଣା ବି ହୋଇଥିଲା। ତା ପରେ ସିଏ ତା ବାଟରେ ଛବି ତା ବାଟରେ। ତା ହେଲେ ଇୟେ ଏତେ କାଣ୍ଡ ଭିଆଇଛି? ମେଂଚଡ ଟୋକା ଖଣ୍ଡିକ କୋଉଠିକାର। ଇଚ୍ଛା ହେଉଥାଏ ଦି ଟେ ପକାଇ ମୁଣ୍ଡ ଗଣ୍ଡି ଅଲଗା କରି ଦିଅନ୍ତା।ଝିଅର ହତ୍ୟାକାରୀକୁ ହାତେ ହାତେ ସଫା କରିଦିଅନ୍ତା। କିନ୍ତୁ ପାରିଲାନାହିଁ। କୁକୁର କାମୁଡିଛି ବୋଲି ସେ କଣ କୁକୁରକୁ କାମୁଡି ପାରିବ? ନା, ଝିଅ ବଂଚିଛି ଯେ ତା ମୁହଁରୁ ଆଉ ବାପା ଡାକ ଶୁଣିବ?

ତା ଛଡା ମଣିଷ ଯଦି ଆଇନ୍ କାନୁନର ଶିକୁଳିରେ ବଂଧା ହୋଇ ନ ଥାଆନ୍ତା ତେବେ ସମାଜରେ ଏତେ କଥା ଘଟେଇବା ଆଗରୁ ହତ୍ୟାକାରୀ ମାନେ ନିଶ୍ଚୟ ଭୟ କରିଥାଆନ୍ତେ। ତାହା କିନ୍ତୁ ହୋଇ ପାରେନା। ଯାହାକୁ ସାପ କାମୁଡିଛି ସେ ପାଳ ଦଉଡି ଦେଖିଲେ ଡରୁଛି। କିଂ କର୍ତବ୍ୟ ବିମୂଢ ହୋଇ ବୁଢାଟା ବସିପଡିଲା। ପୁଲିସ ଏ ସଂକ୍ରାନ୍ତରେ ଦଫା ଉପରେ ଦଫା ଲଗାଇ ଜେଲକୁ ହାତକଡି ପକେଇ ଅଭିଯୁକ୍ତକୁ ପଠେଇଦେଲା ପୁଲିସର ଉପସ୍ଥିତିରେ ଛବିର ଶବ ଫଂଚନାମା ହୋଇଗଲା। ହେଲେ ବୁଢା ଓ ବୁଢୀର ଆଖିର ଲୁହ ଆଉ ଶୁଖିପାରିଲାନି। ବୁଢୀ ଆଖିରୁ ଝରୁଥିବା ଲୁହକୁ ଗାମୁଛାରେ ପୋଛିଦେଇ କହିଲା- ତୁନି ହୁଅ। ଆଉ କାନ୍ଦିଲେ ସେ କଣ ଫେରିଆସିବ ନା ଆମ ପାଇଁ ସାହାରା ହେବ? ଏହା ବିଧିର ଲିଖନ ତାକୁ କେ କରିବ ଆନ? ବଂଚିଥିଲେ ସିନା ଯାହା ହୋଇଥାଆନ୍ତା।

ମଣିଷ ହୋଇ ଯଦି ପଶୁ ପାଲଟିବ। ଏ ସମାଜରେ ସଂସ୍କାର କିଏ ଆଣିବ? ବଂଚିଥିଲେ ହୁଏତ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠେଇ ଥାଆନ୍ତା। ଲାଜ ସରମକୁ ପଛରେ ପକାଇ ସଂଗ୍ରାମ କରିଥାଆନ୍ତା। ଏସବୁ ଠାରୁ ତ ସିଏ ବହୁତ ଦୂରରେ। ଆମ କଥା କିଏ ଶୁଣିବ? ଏ ବୁଢା ବୟସର ଖାଲି ଯାହା ଘାଂଟି ଚକଟି ହେବା କଥା। କାଲି ସେହି ଲୋକ ପ୍ରମାଣ ଅଭାବରୁ ଜେଲରୁ ମୁକୁଳି ଆସିବ। ରାଜ ରାସ୍ତାରେ ଚାଲିବ। ଓକିଲ କହିବ ଝିଅଟି ଚରିତ ହୀନା ଥିଲା। ତାକୁ ପ୍ରେମ କରୁଥିଲା, ତା ସହିତ ଶାରୀରିକ ସଂପର୍କ ରଖିଥିଲା। ଆଉ ସେ ବାହା ହେବାକୁ ରାଜି ନ ହେବାରୁ ଆତ୍ମହତ୍ୟା କରିଦେଲା। ସମାଜ ହେଉ କି ସରକାର କଣ ବୁଝନ୍ତି ପ୍ରକୃତ ସତ୍ୟ ର ଉନ୍ମୋଚନ କଥା? ତାପରେ କଥା ଶେଷ। କିନ୍ତୁ ଜନମ କରିଥିବା ବାପା,ମାଆର ଛାତିରେ ଯେଉଁ କ୍ଷତ ମଲାଯାଏଁ ଉପଶମ ହୋଇ ପାରୁ ନ ଥାଏ ତାକୁ କିଏ ବୁଝିବ? ସଭ୍ୟ ସମାଜ ନା ବଳାତ୍କାରୀ ନା ଧର୍ମ ବୋଲାଉ ଥିବା ଭଗବାନ? ଯାହାକୁ ମଣିଷ ମାନି ଆସିଛି କୋଉ ଆବାହମାନ କାଳରୁ? ସିଏ ତ ଅନ୍ତତ: ବୁଝିବ ଧର୍ମ ଅଧର୍ମ କଥା।


♥ ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪


# ଭାଇ ଭାଇର ବିଶ୍ୱାସ ବନାମ ବିବାଦ

## ସମ୍ପର୍କର ରିଙ୍ଗ


ଶ୍ୱେତା ରାଉତ୍




ଆଜିକାଲି ସମସ୍ତଙ୍କ ଭିତରେ ଅନେକ ବ୍ୟତିକ୍ରମ ଦେଖିବାକୁ ମିଳୁଛି ଯାହା ସାମାଜିକ ଜୀବନ ଧାରାକୁ ପ୍ରଭାବିତ କରୁଛି। ଓଡିଆରେ ଗୋଟେ ଲୋକକଥା ରହିଛି- 'କ୍ଷୀର ଯଦି ଖାଇ ବସିବ ଘରେ ଥିବ ଗାଇ, କଳି ଯଦି କରି ବସିବ ସାଙ୍ଗେ ଥିବ ଭାଇ'। ଏକଥାଟି ଏହି ଉଦ୍ଦେଶ୍ୟରେ କୁହାଯାଇଥିଲା, ଯେମିତି ମନଭରି କ୍ଷୀର ଖାଇବାର ଇଚ୍ଛା ଥିଲେ ଘରେ ଗାଇଟିଏ ଥିବା ଜରୁରୀ, ଠିକ୍ ସେମିତି ଅଯଥା କଳି ତକରାଳରୁ ବର୍ତ୍ତିବା ପାଇଁ ସାହସ ଦେଇ ସାଙ୍ଗରେ ଠିଆ ହେବାକୁ ଭାଇଟିଏ ଥିବା ନିହାତି ଦରକାର।ବୋଧହୁଏ ସେଥିପାଇଁ ଈଶ୍ୱର ସବୁ ଅବତାରରେ ତାଙ୍କ ଭାଇକୁ ସାଙ୍ଗରେ ରଖି ମଣିଷକୁ ଭାଇର ମହତ୍ତ୍ୱ, ଗୁରୁତ୍ତ୍ୱ ଓ ସମ୍ପର୍କର ନିବିଡତା ବୁଝାଇଛନ୍ତି। କିନ୍ତୁ ଏବେ ଆମେ ପ୍ରତି ଘରେ ଘରେ ଖୋଜିଲେ ବି ଭାଇ ଭାଇର ସେ ନିବିଡ ସମ୍ପର୍କ ଦେଖିବାକୁ ମିଳୁନାହିଁ। ସାମାଜିକ ଗଣମାଧ୍ୟମରେ ପ୍ରତିଦିନ ଦେଖିବାକୁ ମିଳୁଛି ଭାଇ ଭାଇର ବିବାଦ।ଭାଇ ଭାଇକୁ ହାଣୁଛି, ମାରୁଛି, ହତ୍ୟା କରୁଛି।ପରସ୍ପର ଭିତରେ ଶ୍ରଦ୍ଧା କମ୍ ବିବାଦ ଅଧିକ, ସହଯୋଗ କମ୍ ସ୍ୱାର୍ଥ ଅଧିକ, ସ୍ନେହ କମ୍ ଛଳନା ଅଧିକ।ଏଭଳି ମନୋମାଳିନ୍ୟ ଭାବ ଯେଉଁ ପରିବାରରେ ଭାଇ ଭାଇ ଭିତରେ ରହିଥାଏ ସେଠି ପିଲାମାନେ ଶିଖିବେ କଣ? ସେମାନେ ବି ପିଲାଦିନରୁ ସେହି ସ୍ୱାର୍ଥ ଛଳନା ବାଦ-ବିବାଦ ହିଁ ଶିଖିବେ ଏବଂ ନିଜ ଭାଇ ଭଉଣୀ ସହିତ ତାହାହିଁ ଘଟାଇବେ।

ସମୟ ଏମିତି ଥିଲା, ବଡ ଭାଇଟିଏ ସାନଭାଇକୁ ପୁଅ ଭଳି ଦେଖୁଥିଲା।ନିଜ ଖୁସିଠୁ ଅଧିକ ସାନଭାଇର ଖୁସିକୁ ପ୍ରାଧାନ୍ୟ ଦେଉଥିଲା।କିନ୍ତୁ ଏବେ ବଡଭାଇ ସ୍ୱାର୍ଥପର ହୋଇ କେବଳ ନିଜ କଥା, ନିଜ ସ୍ତ୍ରୀ ପିଲାଙ୍କ କଥା ଭାବୁଛି, ନିଜେ କେମିତି ଧନୀ ହେବ, ପ୍ରତିଷ୍ଠିତ ହେବ ଆତ୍ମ ସ୍ୱାର୍ଥରେ ଲିପ୍ତ ରହୁଛି। ପୁଅ ସମାନ ସାନଭାଇକୁ ଠକି ପୈତୃକ ସମ୍ପତ୍ତିକୁ ହଡପ କରୁଛି। ଫଳରେ ଭାଇ ଭାଇ ଭିତରେ ସମ୍ପତ୍ତିକୁ ନେଇ ଅନେକ ବିଭ୍ରାଟ ଘଟୁଛି ଓ ହଣାମରା ଯାଏ କଥା ଯାଉଛି।ସେମିତି ସାନଭାଇ ମଧ୍ୟ ଆଜିକାଲି ପିତା ସମାନ ବଡଭାଇକୁ ସମ୍ମାନ କରୁନାହାନ୍ତି। ବଡଭାଇର ଆକଟକୁ ଅଯଥା ହସ୍ତକ୍ଷେପ କହି ନିଜ ଇଚ୍ଛାରେ ବେଲଗାମ ଜୀବନ ବଞ୍ଚିବାକୁ ଚାହୁଁଛନ୍ତି। ଅନେକ ଅସାମାଜିକ କାମରେ ଲିପ୍ତ ରହୁଥିବା ବେଳେ ବଡଭାଇର ପରାମର୍ଶକୁ ହେଜ୍ଞାନ କରି ନିଜ ଢଙ୍ଗରେ ସ୍ୱାଧୀନ ଭାବେ ରହିବାକୁ ଭଡଭାଇଠୁ ଦୂରେଇ ଯାଉଛନ୍ତି। ଯୁଆଡେ ଦେଖିଲେ ଆମେ ଗୋଟିଏ କଥା ସବୁଆଡେ ଦେଖିବାକୁ ପାଇବା, ଏବେ ଭାଇ ଭାଇ ଭିତରେ ସେ ଶ୍ରଦ୍ଧା କି ବିଶ୍ୱାସ ନାହିଁ, ପରସ୍ପରକୁ ବୁଝି ପାରିବା ଭଳି ଆପଣାପଣ ବା ନିବିଡତା ନାହିଁ।

ପିଲାଦିନରୁ ଯେଉଁ ଭାଇ ଭାଇ ଏକାଠି ଜୀବନର ମଜା ନିଅନ୍ତି, ପରିପକ୍ୱ ହେବା ପରେ ବିଚାର ଶକ୍ତି ବଢିବା ପରିବର୍ତ୍ତେ ବିଭ୍ରାଟ ବଢେ କାହିଁକି?ଏମିତି କଳି ତକରାଳ, ହିଂସା ବାଦରୁ ପ୍ରକୃତରେ ମିଳେ କଣ? କେହି କିଛି ଦୁନିଆକୁ ଆଣିନଥିଲା, ମଲା ବେଳେ କେହି ସାଙ୍ଗରେ ବି ନେଇ ଯିବ ନାହିଁ, ଯଦି କିଛି ସାଙ୍ଗରେ ନେଇ ଯାଏ, ତାହା କେବଳ ଆପଣା କର୍ମ।କିନ୍ତୁ ଏକଥା କିଏ ବୁଝୁଛି! ବଡଭାଇ ହେଉ କି ସାନଭାଇ ପରସ୍ପର ଭିତରେ ଯେମିତି ପ୍ରତିଯୋଗିତା ଚାଲିଛି ନିଜ ନିଜର ଖୁସି ଓ ଅଧିକାରକୁ ହାତେଇବା ପାଇଁ।

ଆନନ୍ଦ ଓ ଅଧିକାର ପାଇଁ ଜରୁରୀ ନୁହେଁ ଯୁଦ୍ଧ କରିବା। ଏ ଯୁଦ୍ଧରେ ଯିଏ ହାରୁ ସେ ତ ନିଜର। ଏତିକି ମାନବିକତା ରଖିବା ଦରକାର, ଯାହାକୁ ଆମେ ଶତ୍ରୁ ଭାବୁଛନ୍ତି ସେ ନିଜର ସେଇ ଭାଇ, ପିଲାଦିନରୁ ଯାହା ସହିତ ହସଖେଳରେ ଦିନଯାଏ, ଯେଉଁ ଭାଇକୁ ପଦେ କିଏ କହିଲେ ଆଉ ଜଣେ ଭାଇ ଝଗଡା କରିଦିଏ, ସେ ଭାଇ ସହିତ କଳି କରନ୍ତୁ ନାହିଁ। ବଡ ହୁଅନ୍ତୁ କି ସାନ ହୁଅନ୍ତୁ, ନିଜ ଭାଇକୁ ବୁଝନ୍ତୁ, ଭଲପାଆନ୍ତୁ, ପିଲାଦିନକୁ ମନେ ପକେଇ ଖୁସିରେ ଆଲିଙ୍ଗନ କରନ୍ତୁ, ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଦେଖି ନିଜ ସମ୍ପର୍କକୁ ସେଭଳି ମଧୁର କରନ୍ତୁ।ସଂସାର କରିଛନ୍ତି ଯେତେବେଳେ ଭାଇ ଭାଇର ମତଭେଦ ରହିବ, ହେଲେ ଏ ମତଭେଦ ମହା ବିବାଦ ନହେଉ।ଈଶ୍ୱରଙ୍କ ଏ ଅନନ୍ୟ ସୃଷ୍ଟିକୁ ମନେପକେଇ ଭାଇକୁ ଶ୍ରଦ୍ଧା କରନ୍ତୁ, ସମ୍ମାନ କରନ୍ତୁ।


+ ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍,
ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


## ତୁମେ ଓ ମୁଁ


ସଙ୍ଗୀତା ପଟ୍ଟନାୟକ




ତୁମେ ବିସ୍ତୀର୍ଣ୍ଣ ଆକାଶ,
ବିସ୍ତୃତ ତୁମର ଜ୍ଞାନର ପରିଧି
ମୁଁ ଗୋଟିଏ ଛୋଟ ତାରକା,
କିନ୍ତୁ ଖୁ ଉଜ୍ଜ୍ୱଳ
ତୁମର ସୀମା ଅନ୍ତଃହୀନ,
ବିସ୍ତାର ତୁମର ଅକଳନୀୟ
ସେଥିପାଇଁ ମୁଁ ତୁମ କୋଳରେ
ନିଶ୍ଚିନ୍ତ ହେଇ ଥାଏ
ତୁମେ ସହକାର ବୃକ୍ଷର ସୁଠାମ ପ୍ରାଚୀର
ଆଉ ମୁଁ ଏକ କୋମଳ ମାଳତୀଲତା
ତୁମ ଦେହର ସାହାରାରେ
ମୁଁ ମହକାଇଛି ଏଇ ମୋର
ଛୋଟ ସଂସାର
ସମ୍ପର୍କର ସ୍ନେହ ବନ୍ଧନରେ
ମୋ ସ୍ୱତନ୍ତ୍ର ପୃଥିବୀରେ ମୁଁ ବାନ୍ଧି ହୋଇଛି
ମୁଁ ସୋହାଗିନୀ ତୁମ ପାଖରେ
ବିହ୍ୱଳ ତୁମ ପ୍ରେମର ମିଠା ପରଶରେ
ମୁଁ ତୁମ ଦେହର କବିତା
ଲେଖିହୁଏ ଆପେ ଆପେ
ତୁମ ଲେଖନୀରେ
ପ୍ରଣୟର ଶେଫାଳି ମୁଁ
ନିଇତି ରାତିରେ ଫୁଟି ଝରିଯାଏ
ତୁମ ବିରହରେ
ମୋ ମନର ଆରିଶିରେ
ତୁମେ ଏକା ମୋ ଚିତ୍ରପଟ
ସବୁବେଳେ ଦେଖିଲେ ବି ଲାଗେ
ନିତ୍ୟ ନୂତନ
ରୂପସୀ ମାନସୀ ମୁଁ
ମନ ସରସୀରେ କଇଁପରି
ଫୁଟେ ତୁମ ପାଇଁ
ଅନ୍ଧାରର ଦୀପ୍ତି ତୁମେ
ପ୍ରତିଦିନ ଜାଳେ ତୁମ ପାଇଁ
ଅମ୍ଳାନ ପ୍ରୀତିର ଦୀପାଳି


♥ ଭାଷାକୋଷ ଲେନ୍ , କଟକ


## ତୁମ ପାଇଁ


ବିଜୟଲକ୍ଷ୍ମୀ ପାଣିଗ୍ରାହି




ସାଗର ଛାତିରେ ଜାଗାଟେ କିଣିଲି
ଘରଟେ ଗଢିବା ପାଇଁ
ମନ ଶାମୁକାରେ ତୁମ ସ୍ମୃତି ଯେବେ
ରହିଲା ମୁକୁତା ହୋଇ।

ପାଣିରେ ଚହଲେ ଅଭୁଲା ଅତୀତ
କଡ଼ ଲେଉଟାଏ ସ୍ମୃତି
ବୋହୁଚୋରି ଅବା ବାଲିଘର ଗଢ଼ା
ସବୁ ମୋ ପ୍ରେୟସୀ ପ୍ରୀତି
କେତେ ଝଡ଼ ଏଠି ଉଠିଛି ଥମିଛି
ଆଖି ଯାଇ ନାହିଁ ଶୋଇ।

ସାଗର ଛାତିରେ......

ମୋ ଆଖିରେ ତୁମେ କରିଥିଲ ଘର
ଭାବନାରେ ଥିଲ ଭିଜି
ଚନ୍ଦ୍ରମା ତୁମେ ତୁମ ଚାନ୍ଦିନୀରେ
ଏକାନ୍ତ ମୋ ଗଲା ହଜି
ପ୍ରତି ପଲକରେ ତୁମେ ସମାହିତ
ଜୋଛନାର ନୀଳ ନଇ।


♥ ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦


## ପହଞ୍ଚି ଯିବାର ଅଛି


ସ୍ନିଗ୍ଧା ପଣ୍ଡା




ବରଷା ଟୋପାରେ ଟୁପୁରୁ ଟୁପୁରୁ ଗୀତ ଭଲ ପାଇବାର,
ଶୁଭିଯିବ ଯେବେ ଭିଜି ମୁଁ ସେଥିରେ ଆସିବି ପାଖକୁ ତୋର ?
ମାଟିର ପ୍ରେମରେ ଫୁଲିଥିବ ମେଘ ଆଷାଢୀ ଓଠରେ ନିଶା,
ଚଢି ଗଲା ପରେ ଉତୁରି ଆସିବା ବେଳେ ବତୁରିବ ଭାଷା ?

ଧୀରେ ଧୀରେ ଚାରି ଦିଗ ଘେରୁଥିବ ନିବିଡ ଅନ୍ଧାର ଯାକ,
ମତେ ଲାଗିବ ତୁ ଖୋଜୁଛୁ ଆତୁରେ ମୋ ଠାରୁ ମୁଁ- ତକ ?
ସଜବାଜ ହୋଇ ବାହାରିବା ପାଇଁ ଟିକେ ତର ସହିବିନି,
ଦରଫୁଟା ଭାତ ଗାଳିବା ପାଇଁ ବି ଚୁଲି ପାଖେ ରହିବିନି ?

ଗଲା ସନ କିଣା ଆକାଶି ଶାଢୀ ତ ସେମିତି ରହିଛି ନୂଆ,
ସତେ କି ଯେମିତି ଅନେଇ ରହିଛି କେବେ ମିଳିବ ତୋ ଛୁଆଁ ?

ଜାଣିଛି ଆକାଶି ରଙ୍ଗରେ ତୁ ବେଶି ହଜିଯାଉ କାଳେ କାଳେ,
ସେଇ ରଙ୍ଗ ତେଣୁ ମୋ ଭିତରେ ପଦ୍ମ ତୋଳାର କମ୍ପନ ତୋଳେ ?

କିଏ କଣ କହୁ ଭାବିବାରେ ମିଛ ହିସାବ ନ କରି କିଛି,
ବର୍ଷା ଛାଡିଯିବା ଆଗରୁ ତୋ ପାଖେ ପହଞ୍ଚି ଯିବାର ଅଛି ?


♥ ଗଣ୍ଡମୁଣ୍ଡା, ଭୁବନେଶ୍ୱର
ମୋ: ୯୮୬୧୩୨୩୬୫୦

## ବିଧାୟକମାନଙ୍କ ବାସଭବନ ପରିସରରୁ ଗଛକଟାକୁ ପ୍ରେରଣା ପକ୍ଷରୁ ବିରୋଧ ଓ ବିକ୍ଷୋଭ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ଭୁବନେଶ୍ୱରସ୍ଥିତ ୪ ନମ୍ବର ବିଧାୟକମାନଙ୍କ ବାସଭବନ କଲୋନୀ ପରିସରରୁ ପ୍ରାୟ ୧ହଜାର ପାଖାପାଖି ୪୦/୫୦ ବର୍ଷର ପୁରୁଣା ଗଛକୁ କାଟି ସରକାର ବିଧାୟକମାନଙ୍କ ପାଇଁ ନୂଆ ବାସଭବନ ନିର୍ମାଣ କରିବା ପାଇଁ ଯେଉଁ ଅଭିଯାନ ଜାରି ରଖିଛନ୍ତି, ଆଜି ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ତାର ଘୋର ବିରୋଧ କରାଯାଇଛି। ପ୍ରେରଣାର ଅଧକ୍ଷ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଗଛକୁ ଧରି ଓ ଗଛମୂଳେ ଶୋଇ ପ୍ରତିବାଦ ଜଣାଇବା ସହ କହିଥିଲେ ଯେ, ଏହି ଗଛଗୁଡ଼ିକ କଟାଯିବା ଦ୍ୱାରା ଭୁବନେଶ୍ୱର ସହର ପ୍ରଥମତଃ ଶ୍ରୀହୀନ ହେବ, ଦ୍ୱିତୀୟତଃ ଏହାର ଉତାପ ବୃଦ୍ଧି ପାଇବ, ତୃତୀୟତଃ ସହରର ବାୟୁମଣ୍ଡଳ ଅତିମାତ୍ରାରେ ପ୍ରଦୂଷିତ ହେବ। ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା ବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ ଯେ, ସମଗ୍ର ଭାରତବର୍ଷର ଭୁବନେଶ୍ୱର ହିଁ ହେବ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ରାଜଧାନୀ। କାରଣ ଭୁବନେଶ୍ୱରର ସବୁଜିମା ଓ ବୃକ୍ଷଲତା ଦ୍ୱାରା ସେ ବିମୁଗ୍ଧ ହୋଇଥିଲେ। ବର୍ତମାନର ସରକାର ଭୁବନେଶ୍ୱର ଏକନମ୍ବର ସ୍ମାର୍ଟସିଟି କହୁଥିବା ବେଳେ ଅଧିକ ଗଛ ଲଗାଇବା ପରିବର୍ତ ଗଛ କାଟିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ କଥା। ଯଦି ସରକାର ଏହି ଗଛକଟାରୁ ନିବୃତ ନରୁହନ୍ତି, ଆଗାମୀ ଦିନରେ ପ୍ରେରଣା ପକ୍ଷରୁ ଜୋରଦାର ବିପ୍ଳବ କରାଯିବା ସହ ପ୍ରୟୋଜନ ହେଲେ ଆଇନର ଆଶ୍ରୟ ନେଇ ଗ୍ରୀନ୍ ଟ୍ରିବୁନାଲ, ହାଇକୋର୍ଟରେ ପିଆଇଏଲ୍ ଫାଇଲ୍ କରାଯିବା ସହ ସୁପ୍ରିମକୋର୍ଟର ମଧ ଆଶ୍ରୟ ନିଆଯିବ। ଅନ୍ୟମାନଙ୍କ ମଧ୍ୟରେ ପ୍ରେରଣା ଗ୍ରୀନ୍ ଆର୍ମିର ଯୁବ ସଂଯୋଜକ ମୀର ଅହମ୍ମଦ ଅଲ୍ଲୀ, ଅନ୍ୟତମ ସଂଯୋଜକ ଡଃ ନିରୋଦ ଖୁଂଟିଆ, ମନୋରଞ୍ଜନ ବାରିକ ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ଏଥିରେ ଯୋଗଦାନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ନୋ ଟବାକୋ ଡେ ୱେବିନାର: ତମାଖୁ ମୁକ୍ତ ଓଡିଶା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ତମାଖୁ ମୁକ୍ତ ଓଡିଶା ତଥା ଦେଶ ଗଠନ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ । ବ୍ୟାପକ ଜନସଚତନତା ସହିତ ତମାଖୁ ନିୟନ୍ତ୍ରଣ ପାଇଁ ଥିବା କୋଟପା ଆଇନ ଯେଭଳି କଡାକଡି ଭାବେ କାର୍ଯ୍ୟକାରୀ ହେବ ସେଥିପାଇଁ ସବୁ ସ୍ତରରେ ଉଦ୍ୟମ କରିବାକୁ ମତପ୍ରକାଶ ପାଇଛି । "ନୋ ଟବାକୋ' ଦିବସ ଅବସରରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ପିପୁଲସ କଲଚରାଣ ସେଣ୍ଟର (ପିକକ), ଇକୋସେଭର ୟୁଥ ନେଟୱାର୍କ ଓଡିଶା, କୋଆଲିସନ ଫର ଟବାକୋ ଫ୍ରି ଓଡିଶା ପକ୍ଷରୁ ଆୟୋଜି ଏକ ୱେବିନାରରେ ବିଶେଷଜ୍ଞମାନେ ଉପରୋକ୍ତ ମତ ଦେଇଛନ୍ତି । ଇକୋ ସେଭର ୟୁଥ ନେଟୱାର୍କର ସଭାପତି ସ୍ମୃତି ରଞ୍ଜନ ପ୍ରଧାନଙ୍କ ପୌରହିତରେ ଆୟୋଜିତ ଏହି ୱେବିନାରରେ ପିକକର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କହିଥିଲେ ଯେ କେବଳ ସିଗାରେଟ ଟାଣିବା ଯୋଗୁଁ ଗୋଟିଏ ମିନିଟରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ସିଗାରେଟରେ ପ୍ରାୟ ୪୦୦୦ ପ୍ରକାରର କ୍ଷତିକାରକ ରସାୟନିକ ସାମଗ୍ରୀ ରହୁଥିବାରୁ ସିଗାରେଟ ସେବନକାରୀଙ୍କ ସହିତ ସେମାନଙ୍କ ଆଖପାଖରେ ରହୁଥିବା ଲୋକେ ଅଧିକମାତ୍ରାରେ କ୍ଷତିଗ୍ରସ୍ତ ହେଉଛନ୍ତି । ତମାଖୁ ଏବେ ପରିବେଶସୁରକ୍ଷା ପାଇଁ ବଡ ଆହ୍ୱାନ ହୋଇଛି । ତେଣୁ ସୁସ୍ଥ ପରିବେଶ ପାଇଁ ସମ୍ପୂର୍ଣ୍ଣ ତମାଖୁ ବର୍ଜନ ସହିତ କୋଟପା ଆଇନକୁ କଡାକଡି ସହିତ ତମାଖୁ ଖରିଦ ପାଇଁ ଥିବା ବୟସସୀମାକୁ ୧୮ରୁ ୨୧ ବର୍ଷ କରିବାପାଇଁ ଶ୍ରୀ ମହାନ୍ତି କହିଥିଲେ। ବିଶେଷଜ୍ଞ ଦୀପକ ମିଶ୍ର କହିଥିଲେ ଯେ ଯେଉଁ ପରିମାଣରେ ତମାଖୁ ପାଇଁ ଚାଷ ହେଉଛି ସେହି ପରିମାଣରେ ଶସ୍ୟ ଉତ୍ପାଦନ ହେଲେ ୧୦ ରୁ ୧୨ ନିୟୁତ ଲୋକଙ୍କୁ ଖାଦ୍ୟ ଯୋଗାଯାଇ ପାରନ୍ତା । ଧୂଆଁପତ୍ର ଭଳି ଚାଷ ଦ୍ୱାରା କେବଳ ମାଟିର ଉର୍ବରତା ନଷ୍ଟ ହେଉନାହିଁ ଜଳସ୍ତର ମଧ ହ୍ରାସ ହେଉଛି । ଏଥି ସହିତ ବିଶ୍ୱରେ ଯେତିକି ଗଛ କଟାଯାଉଛି ତାହାର ୫% କେବଳ ତମାଖୁ ପ୍ରସ୍ତୁତ ପାଇଁ ହେଉଛି । ଇ-ସିଗାରେଟ ଏବେ ସାମୁଦ୍ରିକ ପରିବେଶ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଥିବା ଶ୍ରୀ ମିଶ୍ର କହିଛନ୍ତି । ଏନସିଡିର ଷ୍ଟେଟ ନୋଡାଲ ଅଫିସର ଡାକ୍ତର ସୁଶାନ୍ତ କୁମାର ସ୍ୱାଇଁ କହିଥିଲେ ଯେ ୯୫ ପ୍ରତିଶତ ଅଣସଂକ୍ରାମକ ରୋଗର କାରଣ ହେଉଛି ତମାଖୁ ସେବନ । ୬୩% ଅଣ ସଂକ୍ରାମକ ରୋଗରେ ମୃତ୍ୟୁର କାରଣ ହେଉଛି ତମାଖୁ । ତେଣୁ ପିଲାମାନେ ଯେଭଳି ତମାଖୁ ଠାରୁ ଦୂରେଇ ରହିବେ ସେଥିପାଇଁ ବ୍ୟାପକ ସଚେତନତା ଉପରେ ସେ ଗୁରୁତ୍ୱ ଦେଇଥିଲେ । ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ତମାଖୁ ସେବନର ଭୟାବହତା ସଂକ୍ରାନ୍ତରେ ଉଲ୍ଲେଖ କରିବା ସହିତ ଏହାକୁ ନିୟନ୍ତ୍ରଣ ପାଇଁ ବ୍ୟାପକ ଜନସଚେତନତା ଓ କୋଟପା ଆଇନକୁ କଡାକଡି ଲାଗୁ ପାଇଁ କହିଥିଲେ । ଓଡିଶାର ବିଭିନ୍ନ ଅଂଚଳରୁ ୱେବିନାରରେ ଯୋଡିହୋଇଥିବା ଯୁବଗୋଷ୍ଠି ଓ ସ୍ୱେଚ୍ଛାସେବୀ ସଂଗଠନ ତମାଖୁ ନିୟନ୍ତ୍ରଣ ଓ ନିଷେଧ ଉପରେ ବିଶେଷଜ୍ଞମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ସୁଚିନ୍ତିତ ପରାମର୍ଶମାନ ଦେଇଥିଲେ । ପିକକର ହରିହର ବଳବନ୍ତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ପିକକର ଅଞ୍ଜନା ଦାସ, ଜ୍ୟୋତି ଶଙ୍କର ମହାନ୍ତି ପ୍ରମୁଖ ୱେବିନାର ପରିଚାଳନାରେ ସହାୟତା କରିଥିଲେ।

### ବରିଷ୍ଠ ଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକ ପାଇଲେ ଧର୍ମପଦ ପୁରସ୍କାର

## ସର୍ବଭାରତୀୟ ସ୍ତରରେ ଓଡ଼ିଆ ଶିଳ୍ପୀମାନଙ୍କ କଳାକୃତିର ବହୁ ଚାହିଦା ରହିଛି : ମନ୍ତ୍ରୀ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀର ସର୍ବୋଚ୍ଚ 'ଧର୍ମପଦ' ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକଙ୍କୁ ୨୦୨୧ ବର୍ଷ ପାଇଁ 'ଧର୍ମପଦ' ପୁରସ୍କାର ପ୍ରଦାନ କରିଛନ୍ତି। ଶିଳ୍ପୀ ଶ୍ରୀ ପଟ୍ଟନାୟକଙ୍କୁ 'ଧର୍ମପଦ' ପୁରସ୍କାର ବାବଦରେ ୫ ଲକ୍ଷ ଟଙ୍କା, ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇଛି। ସେହିପରି ବିଶିଷ୍ଟ ଚିତ୍ରଶିଳ୍ପୀ ଶ୍ରୀମତୀ ଜ୍ୟୋର୍ତିମୟୀ ମହାନ୍ତି, ବଳଦେବ ମହାରଥା, ଦୁର୍ଗାଚରଣ ପଣ୍ଡା, ପଂଚାନନ ସୁର ଓ ଭାସ୍କର୍ଯ୍ୟ ଶିଳ୍ପୀ ଦେବେନ୍ଦ୍ର ମିଶ୍ରଙ୍କୁ ଶିଳ୍ପୀ ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରାଯାଇଛି । ସେମାନଙ୍କୁ ୧ ଲକ୍ଷ ଟଙ୍କା, ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ କଳା ଓ କଳାକାରମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ବଦ୍ଧପରିକର। ଚିତ୍ରଶିଳ୍ପୀମାନଙ୍କର ସ୍ୱପ୍ନ ଚାରି ଏକାଡେମୀ ମାଧ୍ୟମରେ ସାଧିତ ହେବ। ଓଡ଼ିଶାର ଶିଳ୍ପୀମାନେ କେବଳ ଓଡ଼ିଶାର ସମ୍ପତି ନୁହନ୍ତି ସେମାନେ ସାରା ଭାରତର ସମ୍ପତି। ସର୍ବଭାରତୀୟ ସ୍ତରରେ ଓଡ଼ିଆ ଶିଳ୍ପୀମାନଙ୍କର କଳାକୃତିର ବହୁ ଚାହିଦା ରହିଛି । ଓଡ଼ିଶାର ସମସ୍ତ ଶିଳ୍ପୀ ସଫଳତାର ଶୀର୍ଷରେ ପହିଞ୍ଚି ପାରୁ ନାହାନ୍ତି। ତେଣୁ ମୁଖ୍ୟତଃ ଯୁବଶିଳ୍ପୀମାନଙ୍କ ପାଇଁ ଏକ ନିୟମିତ ରୋଜଗାର ବ୍ୟବସ୍ଥା କରିବାକୁ ବିଭାଗ ଚେଷ୍ଟା କରୁଛି। ଚିତ୍ର ଓ ମୂର୍ତ୍ତିଗୁଡ଼ିକର ଚାହିଦା ବଢ଼ିଲେ ହିଁ ଶିଳ୍ପୀମାନେ ଉପକୃତ ହେବେ। ସରକାର ଓ ବିଭାଗ ସହିତ ଆମ ସମସ୍ତଙ୍କର ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଅତିରିକ୍ତ ଶାସନ ସଚିବ ମଧୁସୂଦନ ପାଢ଼ୀ ଉଲ୍ଲେଖ କରିଛନ୍ତି । ୧୯୪୮ ମସିହାରେ ଖୋର୍ଦ୍ଧା ଜିଲ୍ଲାର ହରିପୁର ଶାସନରେ ଜନ୍ମଗ୍ରହଣ କରି ଚିତ୍ରକଳା ତଥା ଡିଜାଇନ୍‌ରେ ଶୀର୍ଷ ସ୍ଥାନରେ ଶ୍ରୀ ପଟ୍ଟନାୟକ ପହଂଚି ପାରିଛନ୍ତି । ସେ ଓଡ଼ିଶାର ବୁଣାକାରମାନଙ୍କୁ ନୂଆ ପଦ୍ଧତି, ନୂଆ ରଙ୍ଗ, ନୂଆ ନକ୍‌ସା ପ୍ରୟୋଗର ମାର୍ଗଦର୍ଶନ ଦେଇ ଅନୁପ୍ରାଣିତ କରି ଆସୁଛନ୍ତି । ଶିଳ୍ପୀ ଶ୍ରୀମତୀ ମହାନ୍ତି ଜଣେ କଳା ଶିକ୍ଷୟିତ୍ରୀ ଭାବରେ ଅନେକ ଉଚ୍ଚକୋଟୀର ଚିତ୍ର ଆଙ୍କିବା ସହିତ ଅନ୍ୟମାନଙ୍କ ଦ୍ୱାରା ଚିତ୍ର ଅଙ୍କନ କରାଇ ନାରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି । ଶ୍ରୀ ମହାରଥା ବି.କେ. ଚାରୁକଳା ମହାବିଦ୍ୟାଳୟରେ ଦୀର୍ଘ ଦିନ ଶିକ୍ଷାଦାନ ଦେଇ ଅନେକ ଶିଳ୍ପୀ ସୃଷ୍ଟି କରିବା ସହିତ ସମସାମୟିକ କଳା ପୃଷ୍ଠଭୂମିରେ ଜଣେ ଅଗ୍ରଣୀ ଚିତ୍ରଶିଳ୍ପୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେହିପରି ଶିଳ୍ପୀ ଶ୍ରୀ ପଣ୍ଡା ଚିତ୍ରକଳା ବ୍ୟତୀତ ଓଡ଼ିଶାର ସ୍ଥାପତ୍ୟ, ମନ୍ଦିର ଭାସ୍କର୍ଯ୍ୟ ଉପରେ ଅନେକ ଉପାଦେୟ ପୁସ୍ତକ ରଚନା କରିଛନ୍ତି। ତାଙ୍କ ଚିତ୍ରଗୁଡ଼ିକରେ ବହୁଳ ଭାବରେ ଲୋକକଳା ଏବଂ ଲୋକସଂସ୍କୃତିର ଝଲକ ଦେଖିବାକୁ ମିଳେ। ଶ୍ରୀ ସୁର ଖଲ୍ଲିକୋଟସ୍ଥିତ ସରକାରୀ କଳା ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ ଅନେକ ଛାତ୍ରଙ୍କ ଜୀବନ ଗଢ଼ିଛନ୍ତି । କୋଲାଜରେ ନିଜର ଏକ ସ୍ୱତନ୍ତ୍ର ଚିତ୍ରଶୈଳୀ ସୃଷ୍ଟି କରି ସୁଖ୍ୟାତି ଅର୍ଜନ କରିଛନ୍ତି । ପୁରୀର ଶିଳ୍ପୀଗୁରୁ ଦେବେନ୍ଦ୍ର ମିଶ୍ର ପାରମ୍ପରିକ ପ୍ରସ୍ତର ଭାସ୍କର୍ଯ୍ୟରେ ନିଜ କଳା ଦକ୍ଷତାକୁ ପ୍ରତିପାଦନ କରିବା ସହିତ ଜଣେ ଦକ୍ଷ ପାରମ୍ପରିକ କଳା ଗୁରୁ ଭାବରେ ବେଶ୍ ପରିଚିତ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ଏକାଡେମୀର ସଭାପତି ଆନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପୁରସ୍କାର ଚୟନ କମିଟିର ଅଧକ୍ଷ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ଏକାଡେମୀର ଉପସଭାପତି ଶ୍ରୀନିବାସ ପଢ଼ିହାରୀ ପ୍ରମୁଖ ଉପସ୍ଥିତ ରହି ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ ।

### ଗୋଟିଏ ଦିନରେ ୧୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୪୫୪ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୧୯୬ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୯ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୮ ଜଣ ସଂଗରୋଧରୁ ଓ ୬ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୯ ତଥା ସୁନ୍ଦରଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ରାଜଭବନରେ ୧୪ ଚିତ୍ରଶିଳ୍ପୀ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ରାଜଭବନରେ ଦୁଇଦିନିଆ ଚିତ୍ରଶିଳ୍ପୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସିଦ୍ଧ ଚିତ୍ରଶିଳ୍ପୀ ରାମହରି ଜେନା, ବଳଦେବ ମହାରଥା, ରବିନାରାୟଣ ରଥ, ପ୍ରବୋଧ କୁମାର ସାହୁ, ଚକ୍ରଧର ବେହେରା, ପ୍ରବୀର ଦଳାଇ, ଜନାର୍ଦ୍ଦନ ପରମଗୁରୁ, ମାନସ ରଞ୍ଜନ ଜେନା, ଚନ୍ଦ୍ରଶେଖର ସେଠୀ, ଶଶୀକାନ୍ତ ରାଉତ, ସୁବାସ ପୂଜାହାରୀ, ଅତସୀ ବସୁ, ବିଦ୍ୟୁତଲତା ପାଟ୍ଟଶାଣୀ ଓ ମୋନାଲିସା ବିଶ୍ୱାଳ ଅଂଶଗ୍ରହଣ କରିଥିଲେ । ରାଜଭବନରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଶିଳ୍ପୀମାନଙ୍କ ସର୍ଜନା ପ୍ରକ୍ରିୟା ଓ ଅବବୋଧ ସଂପର୍କରେ ପ୍ରଚାରି ବୁଝିଥିଲେ । ଶିଳ୍ପୀମାନଙ୍କୁ ସମ୍ବୋଧିତ କରି ରାଜ୍ୟପାଳ କହିଲେ ଯେ ଓଡ଼ିଶା ମାଟିର ମହକରେ ବିପୁଳ ଆନନ୍ଦ ଓ ପୁଲକ ରହିଛି ଯାହା କଳା ମାଧମରେ ସାରା ବିଶ୍ୱକୁ ପ୍ରସାରିତ ହେବା ଦରକାର । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ରାଜ୍ୟପାଳଙ୍କ ଲୋକସଂପର୍କ ଅଧିକାରୀ ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଅତିରିକ୍ତ ସଚିବ ବେଦବନ୍ଧୁ ମିଶ୍ର, ଚିତ୍ତରଞ୍ଜନ ମହାନ୍ତି, ଗୌତମ ଚୌଧୁରୀ ପ୍ରମୁଖ ରାଜଭବନର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସୂଚନା ଓ ଲୋକସଂପର୍କ ବିଭାଗରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର,୦୧/୦୬ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗରେ କାର୍ଯ୍ୟରତ ତିନିଜଣ ଅଧିକାରୀ ଏବଂ କର୍ମଚାରୀ ଆଜି ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ସଭା ବିଭାଗର ସମ୍ମିଳନୀ କକ୍ଷରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଯୁଗ୍ମ ଶାସନ ସଚିବ ଦୁର୍ଯ୍ୟୋଧନ ବେହେରା, ଡିଜାଇନର ତଥା ଆର୍ଟିଷ୍ଟ ମାନସ ରଞ୍ଜନ ନାୟକ ଓ କନିଷ୍ଠ ଡାଏରିଷ୍ଟ ଅକ୍ଷୟ କୁମାର ଦାସ ଆଜି ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ସମ୍ବର୍ଦ୍ଧନା ଗ୍ରହଣ ପରିପ୍ରେକ୍ଷୀରେ ଯୁଗ୍ମ ଶାସନ ସଚିବ ଶ୍ରୀ ବେହେରା ତାଙ୍କ ଚାକିରି ଜୀବନ କାଳରେ ବିଭିନ୍ନ ବିଭାଗରେ ସୁଚାରୁ ରୂପେ କାର୍ଯ୍ୟ ସଂପାଦନ କରିଥିବା ଅନୁଭୂତି ପ୍ରକାଶ କରିଥିଲେ। କାର୍ଯ୍ୟ ସଂପାଦନ କଲାବେଳେ ନିଜର ଅବହେଳାରୁ ଯେପରି କୌଣସି କର୍ମଚାରୀ ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଦୃଷ୍ଟିଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରିବା ଉପରେ ଶ୍ରୀ ବେହେରା ଗୁରୁତ୍ୱାରୋପ କରିଥିଲେ । ଡିଜାଇନର ତଥା ଆର୍ଟିଷ୍ଟ ଶ୍ରୀ ନାୟକ ବିଭାଗର ଜଣେ ଉଚ୍ଚକୋଟୀର ଡିଜାଇନର ଥିଲେ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପ୍ରକାଶନ, ସରକାରୀ ବିଜ୍ଞାପନ ଓ ପ୍ରଦର୍ଶନୀ ଡିଜାଇନ୍ ଆଦି ପ୍ରସ୍ତୁତିରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ରହିଥିଲା ବୋଲି ଅତିଥି ଭାବେ ଯୋଗଦେଇ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି ପ୍ରକାଶ କରିଥିଲେ। ଅବସର ଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟସଂପାଦନା ଶୈଳୀ, କର୍ତବ୍ୟନିଷ୍ଠା ସଂପର୍କରେ ଆଲୋକପାତ କରି ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ଶ୍ରୀମଦ ଭଗବତ ଗୀତା ପ୍ରଦାନପୂର୍ବକ ସମସ୍ତଙ୍କର ଅବସରକାଳୀନ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ । ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ସେବାନିବୃତ ଅଧିକାରୀ ଓ କର୍ମଚାରୀମାନଙ୍କର ବିଭାଗୀୟ କାର୍ଯ୍ୟ ସଂପାଦନରେ ରହିଥିବା ସହଯୋଗ ସଂପର୍କରେ ବର୍ଣ୍ଣନା କରିଥିଲେ। ବିଭାଗର କର୍ମଚାରୀ କଲ୍ୟାଣ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡ଼ା, ଯୁଗ୍ମ ଶାସନ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ବିଭାଗର ବିଭିନ୍ନ ଶାଖାର ବରିଷ୍ଠ ପଦାଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ମାହାଙ୍ଗାରେ 'ବିଶାଳ ଗରିବ କଲ୍ୟାଣ ସଭା'

## ୨୦୨୪ ସୁଦ୍ଧା ଓଡ଼ିଶାରେ ଶତପ୍ରତିଶତ ଗରିବଙ୍କ କଲ୍ୟାଣ ହେବା ପର୍ଯ୍ୟନ୍ତ ଆମେ ବିଶ୍ରାମ ନେବା ନାହିଁ-ଧର୍ମେନ୍ଦ୍ର ପ୍ରଧାନ

■ ମାହାଙ୍ଗା ଠାରେ 'ସେବା ପ୍ରକୋଷ୍ଠ' ଉଦଘାଟନ କଲେ



ମାହାଙ୍ଗା/ଭୁବନେଶ୍ୱର,୦୧/୦୬ (ନି.ପ୍ର): ଗରିବଙ୍କୁ ଶତପ୍ରତିଶତ ସୁବିଧା ହେଲେ ହିଁ ସମାଜର କଲ୍ୟାଣ ହେବ । ଏଥିପାଇଁ ଆମେ ବିଜେପି କାର୍ଯ୍ୟକର୍ତାମାନେ ୨୦୨୪ ସୁଦ୍ଧା ଓଡ଼ିଶାରେ ଶତପ୍ରତିଶତ ଗରିବଙ୍କ କଲ୍ୟାଣ ହେବା ପର୍ଯ୍ୟନ୍ତ ଆମେ ବିଶ୍ରାମ ନେବା ନାହିଁ ବୋଲି କାର୍ଯ୍ୟକର୍ତା ମାନଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ମୋଦି ସରକାରଙ୍କ ସୁଶାସନର ୮ ବର୍ଷ ପୂର୍ତି ଉପଲକ୍ଷେ କଟକ ମାହାଙ୍ଗା ପୋଡାମରାଇ ଠାରେ ଆୟୋଜିତ 'ବିଶାଳ ଗରିବ କଲ୍ୟାଣ ସଭା'କୁ ସମ୍ବୋଧିତ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଆଜି ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଓ ବିଶ୍ୱର ଅଦ୍ୱିତୀୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ କରିଛନ୍ତି "ଯେ ପର୍ଯ୍ୟନ୍ତ ଭାରତବର୍ଷର ସବୁ ଗରିବ ଲୋକଙ୍କ ଜୀବନରେ ମୂଳଭୂତ ପରିବର୍ତନ ଅଣାନଯାଇଛି, ସେ ପର୍ଯ୍ୟନ୍ତ ଆମେ ବିଶ୍ରାମ କରିବା ନାହିଁ । ଜନତାଙ୍କ ଆଦେଶରେ ମୋଦି ଦେଶର ସେବା କରୁଛନ୍ତି ଏବଂ କାମରେ ଲାଗିବା ପାଇଁ ଆମକୁ ଆହ୍ୱାନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଅହ୍ୱାନ କ୍ରମେ ଓଡ଼ିଶାରେ ସବୁ ଗରିବଙ୍କୁ ପକ୍କା ଘର, ଶୌଚାଳୟ, ପିଇବା ପାଣି, ବିଜୁଳି, ବ୍ୟାଙ୍କ ଖାତା, ରନ୍ଧନ ଗ୍ୟାସ, ୱାନ ନେସନ-ଓାନ୍ ରାସନ କାର୍ଡ ସହ ସମସ୍ତ ମୌଳିକ ସୁବିଧା ଉପଲବ୍ଧ କରାଇବା ପର୍ଯ୍ୟନ୍ତ ଆମ ଦଳର କାର୍ଯ୍ୟକର୍ତାମାନେ ଅକ୍ଳାନ୍ତ ପରିଶ୍ରମ କରିବାର ସଙ୍କଳ୍ପ ନେବା ଦରକାର । ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାଧୀନତୋର ଭାରତରେ ଅନେକ ପ୍ରଧାନମନ୍ତ୍ରୀ ରହିଥିଲେ ବି ନରେନ୍ଦ୍ର ମୋଦି ହେଉଛନ୍ତି ଅନନ୍ୟ । ଅତୀତରେ ଓଡ଼ିଶାର ବିକାଶ ପାଇଁ ତାଙ୍କ ଭଳି କେହି ଦାୟିତ୍ୱ ନେଇନାହାନ୍ତି । ମୋଦି ସରକାରରେ ପୂର୍ବାପେକ୍ଷା ପକ୍କା ଘର ପାଇଁ ଅନୁଦାନ ବୃଦ୍ଧି ପାଇଛି। ୮ ବର୍ଷରେ ରାଜ୍ୟ ଓ ଦେଶର ଲୋକସେବାର ଜନସହଭାଗିତାର ଆନ୍ଦୋଳନ ନରେନ୍ଦ୍ର ମୋଦିଙ୍କ ନାଁରେ ପୂରଣ ହୋଇଛି । 'ସବ୍ ?କା ସାଥ,ସବ୍ କା ବିକାଶ, ସବ୍ କା ବିଶ୍ୱାସ, ସବ୍ କା ପ୍ରୟାସ'ର ମନ୍ତ୍ର ଦେଶର ବିକାଶକୁ ଗତିଶୀଳ କରୁଛି । ମନ୍ କି ବାତ୍ ଓ ପଦ୍ମ ପୁରସ୍କାର ଦ୍ୱାରା ଓଡ଼ିଶାର ସମ୍ମାନ ଜାତୀୟ ସ୍ତରରେ ବଢ଼ିଛି । ମୋଦି ସରକାରରେ ଗରିବ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି । ଓଡ଼ିଶାର ମାନ ମର୍ଯ୍ୟାଦା,ମହିଳାଙ୍କ ପାଇଁ ଯୁବକ, ଜନଜାତି, ଦଳିତଙ୍କ ସମ୍ମାନ ପାଇଁ ନିରନ୍ତର ମୋଦି ସରକାର କାମ କରିଛନ୍ତି । ସେହିପରି ଜାତୀୟ ରାଜପଥ, ରେଳ, ବନ୍ଦର, ଶିକ୍ଷାୟନ, କରୋନା ଟିକା, ବ୍ୟାଙ୍କ୍ ଖାତାରେ ସିଧାସଳଖ ଟଙ୍କା, କରୋନା ସମୟରେ ଗରିବ କଲ୍ୟାଣ ଅନ୍ନ ଯୋଜନା ଭଳି ଜନକଲ୍ୟାଣକାରୀ ପଦକ୍ଷେପ ଗୁଡ଼ିକ ନିଆଯାଇଛି । ଗୋଟିଏ ପଟେ ମୋଦି ସରକାରଙ୍କ ୮ ବର୍ଷର ସୁଶାସନ ଏବଂ ଅନ୍ୟପଟେ ୨୨ ବର୍ଷର ଅହଙ୍କାରୀ ଶାସନ । ଯେଉଁ ଶାସନରେ ଓଡ଼ିଆ ଲୋକ ପଛେ କଷ୍ଟରେ ରୁହନ୍ତୁ, କିନ୍ତୁ ଆମେ ମୋଦିଙ୍କ ନାଁ ଓଡ଼ିଶାରେ କରାଇଦେବୁ ନାହିଁ, ଏହି ଭାବନା ରହିଛି । ଓଡ଼ିଶାର ଭିତିଭୂମି ଓ ଜନସାଧାରଣଙ୍କ ବିକାଶ ପାଇଁ ଆସୁଥିବା ପ୍ରଚୁର ଟଙ୍କା ବାଟମାରଣା ହେଉଛି । ମୋଦି ସରକାରଙ୍କ ପଇସାକୁ ଶାସନ ବସିଥିବା କିଛି ଲୋକ ଅହଙ୍କାରର ଲୁଟ କରି ଚାଲୁଛନ୍ତି । ଆୟୁଷ୍ମାନ ଭାରତ ଯୋଜନାରେ ଗରିବଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ରହିଥିବା ବେଳେ ଏହି ଯୋଜନା ଲାଗୁ ହୋଇନାହିଁ । ମାହାଙ୍ଗା ଭଳି ବିଭିନ୍ନ ଅଂଚଳରେ ଯୁବକଙ୍କ ରୋଜଗାର ମିଳୁନାହିଁ । ଓଡ଼ିଶା ସରକାର ନିଜ ଦଳୀୟ ଲୋକଙ୍କୁ କାମ ଦେବା ପାଇଁ ପିଡବ୍ଲ୍ୟୁଡି କୋଡକୁ ବଦଳାଇଛନ୍ତି । ଯେଉଁ ସରକାର ଓଡ଼ିଆ ଲୋକଙ୍କୁ ରୋଜଗାର ଦେଇପାରେନାହିଁ, ଓଡ଼ିଆ ଲୋକଙ୍କ ପଇସାରେ ମୌଜ କରେ ସେ ସରକାରକୁ ବଦଳାଇବାର ସମୟ ଆସିଛି । ଓଡ଼ିଶାରେ ଶାସନ ଗାଦିରେ ବସିଥିବା ଲୋକଙ୍କ ମୋଦିଙ୍କ ପ୍ରତି ଇର୍ଷା ପରାୟଣତା ବଢୁଥିବା ବେଳେ ବିପରୀତରେ ଓଡ଼ିଶାବାସୀଙ୍କର ମୋଦିଙ୍କ ପ୍ରତି ସମର୍ଥନ ବୃଦ୍ଧି ପାଉଛି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆମେ ଗରିବ କଲ୍ୟାଣ ପାଇଁ ଲୋକଙ୍କ ପାଖକୁ ଯିବା ଓ ମୋଦିଙ୍କ ଟଙ୍କାକୁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଁଚାଇବା ପାଇଁ ସେତୁ ଭାବେ କାମ କରିବା । ଆମ ଦାୟିତ୍ୱ, ସମସ୍ତେ ସାମୂହିକ ଉଦ୍ୟମରେ ପ୍ରଧାନମନ୍ତ୍ରୀ ଦେଖିଥିବା ଓଡ଼ିଶାର ୧ କୋଟି ପରିବାରଙ୍କ ଘରେ ସମ୍ପନ୍ନତା, ସ୍ୱାଭିମାନକୁ ପହଁଚାଇବାର ଦାୟିତ୍ୱକୁ ପୂରଣ କରିବା । ମାହାଙ୍ଗା ଭଳି ସାରସ୍ୱତ ଭୂମିରେ ଲୋକଙ୍କ ଅଧିକାର ପାଇଁ ଲଢ଼େଇ କରିବାରୁ ଆମ ଦଳର ନେତା କୁଳମଣି ବରାଳ,ଦିବ୍ୟସିଂହ ବରାଳଙ୍କୁ ଦୁଇ ବର୍ଷ ତଳେ ହତ୍ୟା କରାଗଲା, ଏହା ଆମେ ଭୁଲିବା ଅନୁଚିତ୍ । ଗରିବ ମାନଙ୍କ ପ୍ରତି ଅନ୍ୟାୟ ଓ ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତୋଳନ କରିଥିବା ଏହି ଦିବଙ୍ଗତ ବିଜେପି ନେତାଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଲ୍ଲେଖନୀୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମାହାଙ୍ଗା ଠାରେ 'ସେବା ପ୍ରକୋଷ୍ଠ' ଉଦଘାଟନ କରିବା ସହ ଏକ ଶୋଭାଯାତ୍ରାରେ ଯୋଗ ଦେଇଥିଲେ ।

## ଜୁନ୍ ୫ରେ ଜଗା ପାଇଁ ଗଛଟିଏ ଲଗା ଅଭିଯାନ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ଆସନ୍ତା ଜୁନ୍ ମାସ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ରାଜ୍ୟସ୍ତରୀୟ ବୃକ୍ଷପ୍ରେମୀ ସମାବେଶ, ଜଗା ପାଇଁ ଗଛଟିଏ ଲଗା ଅଭିଯାନର ଉଦ୍‌ଘାଟନ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ସାମାଜିକ ଅନୁଷ୍ଠାନ ପ୍ରେରଣା, ସ୍ମାଇଲ୍ ପ୍ଲିଜ୍, ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଏକାମ୍ର କ୍ଷେତ୍ର ଓ ସୁଧାନନ୍ଦ ଶିକ୍ଷାନୁଷ୍ଠାନର ମିଳିତ ସହଯୋଗରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ସମସ୍ତ ବୃକ୍ଷପ୍ରେମୀ, ପ୍ରକୃତିମିତ୍ର, ପ୍ରକୃତିବନ୍ଧୁ, ପ୍ରେରଣାର ସଦସ୍ୟ, ଗ୍ରୀନ୍ ଆର୍ମି, ଜାତୀୟ ସେବା ଯୋଜନା, ସ୍କାଉଟ୍, ଗାଇଡ୍, ଏନ୍‌ସିସି, ରେଡ଼କ୍ରସ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ବିଭିନ୍ନ ସ୍କୁଲ୍, କଲେଜର ଛାତ୍ରଛାତ୍ରୀମାନେ ଯୋଗଦାନ କରିବେ। ଏଥିସହିତ ଚଳିତ ବର୍ଷ ପ୍ରେରଣା ଗ୍ରୀନ୍ ମ୍ୟାନ୍ ସମ୍ମାନ ବିଶିଷ୍ଟ ପରିବେଶବିତ୍, ସ୍ତମ୍ଭକାର ଡକ୍ଟର ଭଗବାନ ପ୍ରକାଶଙ୍କୁ ଏକଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଥି ସହିତ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ମାନଙ୍କୁ ମଧ ସମ୍ମାନିତ କରାଯିବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରେରଣା ଗ୍ରୀନ ଆର୍ମିର ଚିଫ୍ କମାଣ୍ଡର ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ଏକାମ୍ରକ୍ଷେତ୍ରର ସଭାପତି ଡକ୍ଟର ଅଚ୍ୟୁତାନନ୍ଦ ପଟ୍ଟନାୟକ ଓ ସୁଧାନନ୍ଦ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ସୁନିଲ କୁମାର ପଟ୍ଟନାୟକ ଏହି ସୂଚନା ପ୍ରଦାନ କରିଛନ୍ତି। ଏଥିରେ ବିଶିଷ୍ଟ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ଯୋଗଦାନ କରି ଜଗା ପାଇଁ ଗଛଟିଏ ଅଭିଯାନର ଲୋଗୋ ଉନ୍ମୋଚନ କରିଥିଲେ।

## ସଫେଇ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ଓ ସାମାଜିକ ସୁରକ୍ଷା ଦାବିରେ ଶ୍ରମ କମିଶନଙ୍କୁ ଦାବିପତ୍ର

ଭୁବନେଶ୍ୱର,୦୧/୦୬ (ନି.ପ୍ର):ଏଆଇସିସିଟିୟୁ ନିବନ୍ଧିତ ଅଖିଳ ଭାରତ ମୁନିସିପାଲ ୱାର୍କସ ଫେଡ଼େରେସନ ପକ୍ଷରୁ ଦେଶବ୍ୟାପୀ ସଫେଇ କର୍ମଚାରୀ ଅଧିକାର, ସମ୍ମାନ ଅଭିଯାନ ଓ ସଫେଇ କର୍ମଚାରୀମାନଙ୍କୁ ସର୍ବନିମ୍ନ ମଜୁରୀ ଏବଂ ସାମାଜିକ ସୁରକ୍ଷା ଦାବିରେ ଶ୍ରମ କମିଶନଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ସଫେଇ କର୍ମଚାରୀଙ୍କୁ ମାସିକ ୩୫ ହଜାର ଟଙ୍କା ଦରମା, ସାମାଜିକ ସୁରକ୍ଷା, ଶ୍ରମକୋଡ଼ ବାତିଲ ଓ ଘରୋଇକରଣକୁ ବନ୍ଦ କରିବା ଲାଗି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଶ୍ରମ କାର୍ଯ୍ୟାଳୟକୁ ଘେରାଉ କରି ରଖିବା ପରେ ପତ୍ରିନିଧିମାନେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଘେରାଉ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାଧାକାନ୍ତ ସେଠି, ସଫେଇ ମଜଦୂର ସଂଘର ସଭାପତି ମହେନ୍ଦ୍ର ପରିଡ଼ା, ଏଆଇସିସିଟିୟୁର ଉପସଭାପତି ବଂଶୀଧର ପରିଡ଼ା, ସଫେଇ ସଂଘର ସମ୍ପାଦକ ଶଙ୍କର ନାଏକ, ବିଜୟ ବେହେରା ଓ ଜାନକୀ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ବଂଶୀଧର ପରିଡ଼ା, ଲିଙ୍ଗରାଜ ଚୌଧୁରୀ, ଜାନକୀ ରାଓ ଓ ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ୬ ଦଫା ଦାବି ପତ୍ର ଶ୍ରମ କମିଶନଙ୍କୁ ପ୍ରଦାନ କରାଯାଇଥିଲା। ସମସ୍ତ ପୌରାଞ୍ଚଳ ଓ ମହାନଗର ନିଗମରେ ସଫେଇ କର୍ମଚାରୀମାନଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ଲାଗି ନିର୍ଦ୍ଦେଶ ଦିଆଯିବ ବୋଲି ଶ୍ରମ କମିଶନ ପ୍ରତିଶ୍ରୁତି ଦେଇଥିଲେ।

## ୭ ସିଫ୍ଟ ଶାଗୁଆନ କାଠ ସହ ୨ଟି ସାଇକେଲ ଜବତ, ଜଣେ ଗିରଫ

ନୀଳଗିରି, ୦୧/୦୬ (ନି.ପ୍ର): ବୁଧବାର ଭୋର ୪.୪୫ମି. ସମୟରେ ବିଶେଷ ସୂତ୍ରରୁ ଖବରପାଇଁ କୁଲଡିହା ରେଂଜର ଅନନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶରେ ଝରଣାଘାଟି ବିଟ୍ ହାଉସର ବନ କର୍ମଚାରୀମାନେ ୨ଟି ସାଇକେଲରେ ଚୋରାରେ ନେଇ ଯାଉଥିବା ସମୟରେ ଶାଗୁଆନ କାଠକୁ ଜବତ କରିଥିଲେ । ଘଟଣାସ୍ଥଳରୁ ଜଣେ ସାଇକେଲ ଆରୋହୀ ଫେରାର ହୋଇଯାଇଥିବା ବେଳେ କପ୍ତିପଦା ଥାନା ଅଧିନସ୍ଥ ସାନବିଶୋଳ ଗ୍ରାମର ବୃନ୍ଦାବନ ବିନ୍ଧାଣୀ (୫୨) କୁ ଗିରଫ କରିବା ସହ୨ଟି ସାଇକେଲ ଜବତ କରିଛନ୍ତି । ଜବତ କାଠ ୭ସିଫ୍ଟ ହେବା ସହ ଏହାର ଆନୁମାନିକ ମୂଲ୍ୟ ୧୫ହଜାର ଟଙ୍କା ହେବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

## ସର୍ବଭାରତୀୟ ଯୋଗ ପ୍ରତିଯୋଗିତାରେ ଅଂଶ ଗ୍ରହଣ କଲେ ମୁକ୍ତିକାନ୍ତ

ଖଇରା, ୦୧/୦୬ (ନି.ପ୍ର): ପଶ୍ଚିମବଙ୍ଗର ଫୁଲଘାଟ ଠାରେ ସର୍ବ ଭାରତୀୟ ଯୋଗ ପ୍ରତିଯୋଗିତା ର ରୌପ୍ୟଜୟନ୍ତୀ ଉତ୍ସବରେ ଖଇରା ବ୍ଲକର ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ଅଂଶ ଗ୍ରହଣ କରି ଖଇରା ପାଇଁ ଗୌରବ ଆଣି ଦେଇଛନ୍ତି । ସର୍ବଭାରତୀୟ ଯୋଗ ଫେଡେରସନ ଆନୁକୂଲ୍ୟରେ ୨୫ ତାରିଖରୁ ୨୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୫ବର୍ଷରୁ ୧୦୦ବର୍ଷ ର ୫ଶହରୁ ଉର୍ଦ୍ଧ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ଦଳଗତ ଭାବେ ପଶ୍ଚିମବଙ୍ଗ ପ୍ରଥମ, ଝାଡଖଣ୍ଡ ଦ୍ୱିତୀୟ, ଗୁଜୁରାଟ ତୃତୀୟ, କର୍ନାଟକ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ଏଥିରେ ବାଲେଶ୍ୱର ଜିଲାରୁ ମୁକ୍ତିକାନ୍ତଙ୍କ ସମେତ ଦିବ୍ୟରଞ୍ଜନ ମହାନ୍ତି ବିଚାରକ ରୁପେ ଏବଂ ସିତାଂଶୁ ଶେଖର ବେହେରା କୋଚ ରୁପେ ଅଂସ ଗ୍ରହଣ କରିଥିଲେ । ଏହି ରୌପ୍ୟ ଜୟନ୍ତୀରେ ଅଂଶ ଗ୍ରହଣ ସବୁଦିନ ପାଇଁ ସାଇତି ରଖିବା ଭଳି ଘଟଣା ବୋଲି ଖଇରା ବ୍ଲକ ଭୋଗୁପୁର ଗ୍ରାମର ମୁକ୍ତିକାନ୍ତ ପ୍ରକାଶ କରିଛନ୍ତି ।

# ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲର ୪ ଶିକ୍ଷକଙ୍କ ଅବସର : ପୁରାତନ ଶିକ୍ଷାର୍ଥୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା




ଜଳେଶ୍ୱର, ୦୧/୦୬ (ନି.ପ୍ର): ଶ୍ରଷ୍ଟା ଠାରୁ ସୃଷ୍ଟି ଅଧିକ କ୍ରିୟାଶୀଳ, କୃତିତ୍ୱ ଅର୍ଜନ କଲେ ଶ୍ରଷ୍ଟା ଅଧିକ ଆନନ୍ଦିତ ହୋଇଥାଏ । ତେଣୁ ଚେତନାର ପ୍ରାୟୋଗଶାଳା ବିଦ୍ୟାଳୟରେ ଶିକ୍ଷକ ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଛାତ୍ରଛାତ୍ରୀଙ୍କୁ ଜ୍ଞାନି, ଗୁଣି ମଣିଷପାଣିଆର ଶ୍ରେଷ୍ଠ ନିଦର୍ଶନ କରାଇପାରିଲେ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରେ ବୋଲି ଏକ ବର୍ଣ୍ଣାଢ୍ୟ ପରିବେଶରେ ଦୀନକୃଷ୍ଣ ନୋଡାଲ ବିଦ୍ୟାଳୟ ଓ ପୂର୍ଣ୍ଣଚନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଅବସରକାଳୀନ ସଭାରେ ମତପ୍ରକାଶ ପାଇଛି । ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜନ୍ମସ୍ଥାନ ମୁଣ୍ଡୁତୁଣିଆ ଗାଁରେ ଅବସ୍ଥିତ ଏହି ବିଦ୍ୟାଳୟର ୪ ଶିକ୍ଷକଙ୍କ ଅବସର ଗ୍ରହଣ ଅବସରରେ ପ୍ରଧାନ ଶିକ୍ଷକ ହିମାଂଶୁ ସେଖର ଘୋଷ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ଅନ୍ୟତମ ବିନ୍ଧାଣୀ ପୂର୍ବତନ ପ୍ରଧାନ ଶିକ୍ଷକ ମନ୍ମଥ କୁମାର ଖାଟୁଆ ଉତ୍ସବକୁ ଉଦ୍‌ଘାଟନ କରି ଏହା ସେ ଅଂଚଳର ଏକ ଶ୍ରେଷ୍ଠ ଶ୍ରୀକ୍ଷେତ୍ର ଭାବେ ଅଭିହିତ କରି ଶିକ୍ଷକଙ୍କ ସ୍ନେହ, ମମତା, ଅନୁଶାସନ ଆଜିବି ଅବିସ୍ମରଣୀୟ ବୋଲି କହିଥିଲେ । ବିଶିଷ୍ଟ କଣ୍ଠ ଶିଳ୍ପୀ ସୌରଭ ନାୟକଙ୍କ ଦ୍ୱାରା ଭଜନ ଓ ଶାସ୍ତ୍ରୀୟ ସଂଗୀତ ଅବସରକାଳୀନ ସଭାକୁ ଋଦ୍ଧିମନ୍ତ କରିଥିଲା । ୨ୟ ଅଧିବେଶସନର ଅଷ୍ଟାର ପ୍ରାକ୍ତନ ଯୁଗ୍ମ ସାଧାରଣ ସଂପାଦକ ଅକ୍ଷୟ କୁମାର ମିଶ୍ର ସଭାପତିତ୍ୱ କରି ସୂଚନା ଓ ସ୍ୱାଗତ ଜଣାଇଥିଲେ । ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର, ମୁଖ୍ୟବକ୍ତାଭାବେ ବିଶିଷ୍ଟ ଚଳଚିତ୍ର ନିର୍ଦ୍ଦେଶକ ହରପ୍ରସାଦ ବାରିକ, ସମ୍ମାନୀତ ଅତିଥିଭାବେ ଓଷ୍ଟାର ପ୍ରାକ୍ତନ ରାଜ୍ୟ ସଭାପତି ଇନ୍ଦୁମାଧବ ମହାନ୍ତି, ଜିଲା ସଭାପତି ବାଦଲଚନ୍ଦ୍ର ଦାସ, ଜିଲା ସଂପାଦକ ମନୋରଂଜନ ଦାସ, ବଂଶୀଧର ବାରିକ, ପରିଚାଳନା କମିଟି ସଭାପତି ସପନ ଘୋଷ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ଐତିହ୍ୟ, ସଂସ୍କୃତି ଏବଂ ଛାତ୍ରଛାତ୍ରୀଙ୍କ ମହନୀୟତା ସଂପର୍କରେ କହିଥିଲେ । ଅବସର ନେଉଥିବା ଶିକ୍ଷକ ହିମାଂଶୁ ଶେଖର ଘୋଷ, ହରିଶ୍ଚନ୍ଦ୍ର ଦାସ, ଜଗଦୀଶ ଚନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ଶିଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ସେ ଅଂଚଳର ବହୁ ନେତୃସ୍ଥାନୀୟ ବ୍ୟକ୍ତି, ଶିକ୍ଷାବିତ୍, ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ଏବର ପ୍ରଧାନ ଶିକ୍ଷକ ସୁକୁମାର ପ୍ରଧାନ ମଂଚ ଆହ୍ୱାନ କରିଥିବା ବେଳେ ମୋ ସ୍କୁଲ ଅଭିଯାନର ଜିଲା ସଂଯୋଜକ ସନ୍ଦିପ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ, ଶିର୍କ୍ଷୀକା, କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଶିଷ୍ଟ ଚିତ୍ରଶିଳ୍ପୀ ଅଜୟ ଘୋଷଙ୍କ ଦ୍ୱାରା କଳାକୃତିର ରଙ୍ଗୋଲି ପ୍ରଦର୍ଶନ କରାଯାଇଥିଲା ।

## ପୂର୍ବତନ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଓ ସ୍କୁଲ ଶୌଚାଳୟ ସଫେଇ

ଖଇରା, ୦୧/୦୬ (ନି.ପ୍ର): ସିମୁଳିଆ ନିର୍ବାଚନ ମଣ୍ଡଳୀର ୪ଥରର ବିଧାୟକ ତଥା ବିଶ୍ୱକର୍ମା ଭାବେ ଘରେ ଘରେ ପରିଚିତ ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀଙ୍କ ୭ମ ଶ୍ରାଦ୍ଧବାର୍ଷିକୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ମଙ୍ଗଳବାର ଦିନ ନିର୍ବାଚନ ମଣ୍ଡଳୀରେ ପାଳିତ ହୋଇ ଯାଇଛି । ଖଇରା ବ୍ଲକ କୁପାରୀସ୍ଥିତ ଅମ୍ବିକା ମନ୍ଦିର ପରିସରରେ କିର୍ତ୍ତନ ବିହାରୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭାରେ ସ୍ୱର୍ଗତ ବିଧାୟକଙ୍କୁ ଭଲ ପାଉଥିବା ବ୍ୟକ୍ତି ବିଶେଷ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ । ପୁତ୍ର ତଥା ବର୍ତ୍ତମାନର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସିମୁଳିଆ ବ୍ଲକ ଜାମୁଝାଡି ପଞ୍ଚାୟତ ଅଧୀନ କୁପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶୌଚାଳୟ ସଫା କରି ଏହି ପୁଣ୍ୟତିଥିର ଶୁଭାରମ୍ଭ କରିଥିଲେ ।



ଓଡିଶା ମୋ ପରିବାର ଆନୁକୂଲ୍ୟରେ ୫୯ ପଞ୍ଚାୟତର ବିଭିନ୍ନ ସ୍କୁଲରେ ଥିବା ଶୌଚାଳୟକୁ ସ୍ୱେଚ୍ଛାସେବୀ ମାନେ ସଫା କରିଥିଲେ । ପ୍ରହ୍ଲାଦ ପତିଙ୍କ ସଂଯୋଜନାରେ ଅମ୍ବିକା ମନ୍ଦିର ପରିସରରେ ଆୟୋଜିତ ରକ୍ତଦାନ ଶିବିର ରେ ମୋଟ ୧୦୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସ୍ୱର୍ଗତ ବିଧାୟକ ସମସାୟିକ ଭାବେ ପ୍ରତି ପଞ୍ଚାୟତରୁ ଆସିଥିବା ୫ଜଣଙ୍କୁ ଲେଖାଏଁ ବର୍ଷିଆନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଙ୍ଗୀତ ମହାବିଦ୍ୟାଳୟ କରାକାର ମାନଙ୍କ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ଫଟୋ-ଖଇରା୩-ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀଙ୍କ ସମସାୟିକ ତଥା ଓତପ୍ରୋତ ଭାବେ ଜଡିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ଅବସରରେ । ଖଇରା୪-ଜଣେ ରକ୍ତଦାତାଙ୍କୁ ପ୍ରାମାଣପତ୍ର ବଣ୍ଟନ କରାଯାଉଛି ।

## ରାଇରଙ୍ଗପୁରରେ ହୋଲଡିଂ ଟ୍ୟାକ୍ସ ବୃଦ୍ଧି ନେଇ କଂଗ୍ରେସ ପକ୍ଷରୁ ଧାରଣା

ବାରିପଦା, ୦୧/୦୬ (ନି.ପ୍ର): ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେଲା କରୋନା ମହାମାରୀ ଯୋଗୁଁ ସବୁଠାରୁ ଦୁଃଖ, କଷ୍ଟରେ ଗରୀବ ଏବଂ ମଧ୍ୟବିତ ତଥା ନିମ୍ନ ମଧ୍ୟବିତ ଲୋକେ କାଳ କାଟୁଥିବା ବେଳେ, ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି ।ଏହି ସମୟରେ ରାଜ୍ୟ ସରକାର ଅହେତୁକ ହୋଲଡିଂ ଟ୍ୟାକ୍ସ ଦୁଇଗୁଣରୁ ଅଧିକ ବଢାଇ ସହରବାସୀଙ୍କ ଉପରେ ଆର୍ଥିକ ଚାପ ସୃଷ୍ଟି କରିଛନ୍ତି । ଯାହାକୁ ନେଇ ସହରର ଅଶୀଭାଗ ବାସିନ୍ଦା ଚିନ୍ତାରେ ପଡ଼ିଛନ୍ତି । ଲୋକଙ୍କ ସମସ୍ୟାକୁ ନେଇ ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର ଟାଉନ କଂଗ୍ରେସ ତରଫରୁ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଘଣ୍ଟିଆ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଯୋଗଦେଇଥିଲେ । ଟାଉନ୍ କଂଗ୍ରେସ ସଭାପତି ଅଶୋକ ଅଗ୍ରୱାଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଇରଙ୍ଗପୁର ଓକିଲ ସଂଘର ସଂପାଦକ ହରି ଚରଣ ସାହୁ, ରାଇରଙ୍ଗପୁର ପୌର କଂଗ୍ରେସ ଅଧ୍ୟକ୍ଷ ପ୍ରାର୍ଥୀ ଭଜହରି ମହାନ୍ତ, ଆଡଭୋକେଟ ଅନନ୍ତ ମାର୍ଣ୍ଡି, କିଶୋର ମହାନ୍ତ, ରୂପକ ମହାନ୍ତି, ଜୟପାଲ ସିଂ, ପୂର୍ଣ ଚନ୍ଦ୍ର ନାଏକ, ଛୋଟରାୟ ମୁର୍ମୁ, ଜମାଲୁନ ଅଖତାର, ଚୈତନ୍ୟ ସୋରେନ, ତପସ୍ୱିନୀ ନନ୍ଦ, ରଂଜନା ମହାନ୍ତ, ତରଙ୍ଗିଣୀ ମହାନ୍ତ, ଅମର ସିଂ ମହାନ୍ତ, ପୋତା ବାସ୍କେ, ରାକ୍ଷୀ ପୂର୍ଣ୍ଣିମା ଡଗରା ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

# ସ୍କୁଲ ପରିସରରେ ମାଟି ପକାଇବା ଘଟଣାକୁ ନେଇ ଥାନାରେ ପୃଥକ ପୃଥକ ଅଭିଯୋଗ

ନୀଳଗିରି, ୦୧/୦୬ (ନି.ପ୍ର): ନୀଳଗିରି ବ୍ଲକର ମହିଷାପଟା ପଂଚାୟତର ଥିବା ପାଟଣା ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ମାଟି ପକାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ନୀଳଗିରି ଥାନାରେ ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନା ଅନୁସାରେ ଉକ୍ତ ବିଦ୍ୟାଳୟ ପରିସରରେ ମାଟି ପକାଇବା ପାଇଁ କୌଣସି ପ୍ରକଳ୍ପ ନ ଥିବା ବେଳେ ରାତିରେ କଣପାଇଁ ମାଟି ପକାଯାଉଛି ବୋଲି ପ୍ରତିପକ୍ଷ ପ୍ରଶ୍ନ କରିଥିଲେ । ବିଦ୍ୟାଳୟର ଚେୟାରମେନ୍ ମମତା ବେହେରା ଉକ୍ତ ବିଦ୍ୟାଳୟର ତାଲା ଭାଙ୍ଗି ପଙ୍କ ମାଟି ପକାଇବା ବାବଦରେ ଉକ୍ତ ପଂଚାୟତର ସରପଂଚ ରବିନ୍ଦ୍ର କୁମାର ସିଂ ଓ ସମିତିସଭ୍ୟ ଧୁସାସନ ପୃଷ୍ଟି କୁ ପଚାରିବାରୁ ପାଲଟା ସେମାନେ ଗାଳିଗୁଲଜ କରିଥିବାର ଥାନାରେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ସରପଂଚ ରବିନ୍ଦ୍ର ସିଂ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ବିଦ୍ୟାଳୟ ବାବଦରେ ଆଲୋଚନା କରୁଥିବା ବେଳେ ହଠାତ୍ ଚନ୍ଦ୍ରଶେଖର ବେହେରା ସମେତ ତାଙ୍କର ସହଯୋଗୀମାନେ ପହଂଚି ରବିନ୍ଦ୍ର ସିଂଙ୍କୁ ଜାତି ଉଠାଇ ଅଶ୍ଳୀଳ ଭାଷାରେ ଗାଳିଗୁଲୋଜ କରିବା ନେଇନୀଳଗିରି ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ତେବେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

**IN THE COURT OF SENIOR CIVIL JUDGE, UDALA**

Exn-09/91
D.F.20.06.22

FORM NO- 1-A.

**Summone/Notice for service by Advertisement in a newspaper**
(order v,Rule 20, C.P.C.)
(Title)

To
2 (a) Sri Gopinath Choudhury aged about 56 years, S/o-Late Swarup Chandra Choudhury.

2 (b) Runa Khilar Choudhury aged a bout 54 years, D/o-Late Swarup Chandra Choudhury.

2 (c) Manorama Barik aged about 52 years, D/o-Late swarup Chandra Choudhury.

2 (d) Ashamani Choudhury aged about 76 years,W/o-Late swarup Chandra Choudhury.

All are vill- Sankhunta, PO/PS-Khunta, Mansifi Udala in the District of Mayurbhanj... Defendants/Jdrs (Name & Address).

Whereas Sri Manas Ranjan Besra & others....Plaintitfs/ Dhrs has instituted the above suit/ filed an application against you for execution case No.9 of 1991, you are hereby summened to appear in this court in Person or by pleader on the 20th day of Jun or 2022 at..10.30.am O' clock, to answer the same, failing which the suit/application will be disposed of ex-parts.

Given under my hand seal of the court, this 19th day of may 2022.

Civil Judge
Udala
dist-Mayurbhanj

## ନିଷ୍ଠାପର ସେବା ହିଁ ଚିର ସ୍ମରଣୀୟ ହୋଇରହେ




ଭଦ୍ରକ,୦୧/୦୬ (ନି.ପ୍ର): ଭଦ୍ରକ ମହିଳା ମହାବିଦ୍ୟାଳୟ ପରିସରରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ବାସନ୍ତୀଲତା ରାଉତଙ୍କ ବିଦାୟ ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନାରେ ସଭାପତିତ୍ୱ କରି ଅଧକ୍ଷ ସୁଚିତ୍ରା ପାଣିଗ୍ରାହୀ ମତ ପ୍ରକାଶ କରିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତିର ନିଷ୍ଠାପର ସେବା ହିଁ ଚିର ସ୍ମରଣୀୟ ହୋଇରହେ । ୧୯୮୮ ରୁ ୨୦୨୨ ଦୀର୍ଘ ୩୪ ବର୍ଷର କାର୍ଯ୍ୟକାଳ ପରେ ଅବସର ନେଇଥିବା ବାସନ୍ତୀ ରାଉତ ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ଏଠାରେ ତାଙ୍କର ଚାକିରୀ କାଳ ହିଁ ତାଙ୍କ ଜୀବନର ସବୁଠାରୁ ସୁଖମୟ ସମୟ ବୋଲି ବର୍ଣ୍ଣନା କରିଥିଲେ । ପ୍ରାଧାପିକା ସୁପ୍ରୀତି କର, ଅନୀତା ଦଳାଇ, ସଂଘମିତ୍ରା ଦାସ, ଭବେଶ ସ୍ୱାଇଁ, ରାଜଲକ୍ଷ୍ମୀ ବାରିକ ପ୍ରମୁଖ ତାଙ୍କର ଗୁଣାବଳୀ ସମ୍ପର୍କରେ ଉଲ୍ଲେଖ କରିଥିଲେ । ମାନପତ୍ର ପାଠ କରିଥିଲେ ମିନତୀ ପଣ୍ଡା । ଶେଷରେ ପୁଷ୍ପଗଛ, ଅଙ୍ଗବସ୍ତ୍ର, ଉପଢୌକନ ସହ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## କୃଷ୍ଣକୁମାର କୁନଥଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୦୧/୦୬ (ନି.ପ୍ର):ବଲିଉଡ ଗାୟକ କୃଷ୍ଣକୁମାର କୁନଥଙ୍କ ଅସାମୟିକ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଲୋକପ୍ରିୟ ବଲିଉଡ ଗାୟକ କୃଷ୍ଣକୁମାର କୁନଥଙ୍କ ଅସାମୟିକ ବିୟୋଗର ଖବର ଜାଣି ସେ ଦୁଖିତ । ସେ ତାଙ୍କର ଗୀତ ପାଇଁ ସଂଗୀତ ପ୍ରେମୀ ମାନଙ୍କ ହୃଦୟରେ ରହିଥିବେ । ତାଙ୍କ ପରିବାର ଓ ପ୍ରଶଂସକ ମାନଙ୍କ ପ୍ରତି ମୋର ପ୍ରାର୍ଥନା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୨ ଦିନ ପର୍ଯ୍ୟନ୍ତ କାଳବୈଶାଖୀ....

କଟକ, ଜଗତସିଂହପୁର, କେନ୍ଦୁଝର, ମୟୂରଭଂଜ, ଢ଼େଙ୍କାନାଳ, ମାଲକାନାଗିରି, ରାୟଗଡ଼ା, କୋରାପୁଟ ଓ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ବ୍ୟତୀତ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳର ଆକାଶ ଆଂଶିକ ମେଘୁଆ ରହିବା ସହ କିଛି ସ୍ଥାନରେ ବଜ୍ରପାତ ସହ ମଧ୍ୟମ ଧରଣର ବର୍ଷା ହୋଇପାରେ । ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

### ବିଶ୍ୱରେ ମଙ୍କିପକ୍ସ ଆତଙ୍କ....

ଅଂଚଳରେ ଏହି ରୋଗ ବ୍ୟାପିବାର ବେଶି ଆଶଙ୍କା ରହିଛି ବୋଲି ଜଣାପଡିଛି । ତେଣୁ ମଙ୍କିପକ୍ସର କୌଣସି ସନ୍ଦିଗ୍ଧ ମାମଲା ସାମ୍ନାକୁ ଆସିଲେ, ଏନେଇ ତୁରନ୍ତ ରିପୋର୍ଟ କରିବାକୁ କୁହାଯାଇଛି । ସେପଟେ ଅନେକ ଦେଶରେ ମଙ୍କିପକ୍ସ ବ୍ୟାପି ସାରିଥିବା ବେଳେ ଏଯାଏଁ ଭାରତରେ ଠାବ ହୋଇ ନାହିଁ । ୨୩ଟି ଦେଶକୁ ବ୍ୟାପିସାରିଛି ମଙ୍କିପକ୍ସ । କିନ୍ତୁ ଭାରତରେ ଏଯାଏଁ ମଙ୍କିପକ୍ସ ଆକ୍ରାନ୍ତ ଠାବ ହୋଇନାହିଁ । ସେପଟେ ଭାରତ ସହ ଅନ୍ୟ ଦେଶକୁ ମଧ ଏହା ବ୍ୟାପିପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପୂର୍ବରୁ ସତର୍କ କରିସାରିଛି । କେନ୍ଦ୍ର ଗାଇଡଲାଇନ ପେର ରାଜ୍ୟ ସରକାର ଗୁଡିକ ମଧ ମଂକିପକ୍ସକୁ ନେଇ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ।

### ଗୁଜରାଟରେ ରାଜ୍ୟର ଶିକ୍ଷା ମନ୍ତ୍ରୀ....

ଯୋଡିବାର ଉଦ୍ୟମ କରୁଛି । ସେହିପରି ଶିକ୍ଷାଦାନର ଅଭାବକୁ ସମାଧାନ କରିବା ସହ ଛାତ୍ରଛାତ୍ରୀମାନେ ଶିଖୁଥିବା ପାଠପଢାକୁ ଉନ୍ନତ କରିବାରେ ବିଦ୍ୟା ସମୀକ୍ଷା କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଶିଶୁ କେନ୍ଦ୍ରୀକ ଶିକ୍ଷା ଆହରୋଣ ଦୃଷ୍ଟିରେ ବିଦ୍ୟା ସମୀକ୍ଷା କେନ୍ଦ୍ର ଏକ ଭବିଷ୍ୟବାଦୀ ପଦକ୍ଷେପ । ଏହି ପୃଷ୍ଠଭୂମିରେ ଦେଶବ୍ୟାପୀ ଶିକ୍ଷାକୁ ଉନ୍ନତ କରିବା ପାଇଁ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଂଚଳର ଶିକ୍ଷା ଗ୍ରହଣର ସର୍ବଶ୍ରେଷ୍ଠ ପଦ୍ଧତି ଆପଣାଇବା ଦରକାର । ସର୍ବଶ୍ରେଷ୍ଠ ସୁଶାସନ ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା ଆହୋରଣକୁ ଏକତ୍ର କରି ଏକ କର୍ମଶାଳା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗୁଜୁରାଟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି ।

### କଂଗ୍ରେସର ୨ ଦିନିଆ ନବ ସଂକଳ୍ପ....

ସୁଦୃଢ଼ କରାଯିବ । ସାରା ଓଡ଼ିଶାରେ କୋଣ ଅନୁକୋଣକୁ କଂଗ୍ରେସ ଚିନ୍ତାଧାରାର ବାର୍ତ୍ତା ପହଂଚାଯିବ । କେନ୍ଦ୍ର ସରକାର ବିରୁଦ୍ଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଏକ ଜନବିପ୍ଳବ ସୃଷ୍ଟି କରିବ । ଦୀର୍ଘ ୨୨ ବର୍ଷଧରି ରାଜ୍ୟର ଜଳ, ଜଙ୍ଗଲ, ଜମି ଓ ଖଣି ଲୁଟ କରିଥିବା ରାଜ୍ୟ ସରକାର ବିରୁଦ୍ଧରେ ନିର୍ଣ୍ଣାୟକ ଲଢ଼େଇ ହେବ । କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ ଯେ ଓଡ଼ିଶାର ସସସ୍ତ ଖଣିକୁ ରାଜ୍ୟ ସରକାର ନିଜସ୍ୱ ହାତକୁ ଯଦି ନିଅନ୍ତି ତେବେ ରାଜ୍ୟ ୧ଲକ୍ଷ ଟଙ୍କା ରାଜସ୍ୱ ପାଇବ ମାତ୍ର ଓଡ଼ିଶା ସରକାର କ'ଣ ପାଇଁ ଏବଂ କାହା ସ୍ୱାର୍ଥରେ ଏହା କରୁ ନାହାନ୍ତି ତାହା ଜଣା ନାହିଁ । ଭବିଷ୍ୟତ ପାଇଁ ସରକାର ଏହାପାଇଁ ବହୁମୂଲ୍ୟ ନିଷ୍ପତ୍ତି ଦେବେ । ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଲେଯେ କଂଗ୍ରେସ ଭିତରେ ଏକତା ଏକାନ୍ତ ଆବଶ୍ୟକତା ରହିଛି । କଂଗ୍ରେସର ଶୃଙ୍ଖଳା ସବୁସ୍ତରରେ ଏକାନ୍ତ କାମ୍ୟ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, କଂଗ୍ରେସ ନେତା ପଂଚାନନ କାନୁନଗୋ ଏଆଇସିସି ସଂପାଦକ ରୁଦ୍ର ରାଜୁ, ଶରତ ରାଉତ, ସାଂସଦ ସପ୍ତଗିରି ଉଲ୍ଲାକା, ସସ୍ମିତା ବେହେରା, ବିଧାୟକ ସୁରେଶ କୁମାର ରାଉତରାୟ, ରାଜନ ଏକ୍କା, ଅଧିରାଜ ମୋହନ ପାଣିଗ୍ରାହି, ସନ୍ତୋଷ ସିଂ ସାଲୁଜା, ଦାଶରଥି ଗମାଙ୍ଗ, ବନ୍ଦିତା ପରିଡ଼ା, ୟାସିର ନୱାଜ, ସ୍ମୃତି ଲେଙ୍କା ପ୍ରମୁଖ ଅଭିଭାଷଣରେ କହିଥିଲେ ଯେ, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅପାରଗତା ଓ ଜନବିରୋଧି ନୀତି ନେଇ କଂଗ୍ରେସ ପ୍ରତ୍ୟେକ ପରିବାର ପାଖରେ ପଂହଚିବ । କଂଗ୍ରେସ ବସୁଧୈବ କୁଟୁମ୍ବକମ ନୀତିରେ ବିଶ୍ୱାସ କରେ ଆସନ୍ତା ଅଗଷ୍ଟ ୯ ଠାରୁ କଂଗ୍ରେସ ଭାରତ ଯୋଡ ଅଭିଯାନ ଆରମ୍ଭ କରିବ କରିବ । ଏହି ବୈଠକରେ ପୂର୍ବତନ ପିସିସି ସଭାପତି, ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ / ବିଧାୟକ, ଆଇସିସି ସଂପାଦକ, ପିସିସି କର୍ମକର୍ତ୍ତା, ଜିଲ୍ଲା କଂଗ୍ରେସ କମିଟି ସଭାପତି, ରାଜ୍ୟ ସାମ୍ମୁଖ୍ୟ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ, ସାଂସଦ ଓ ବିଧାୟକ ପ୍ରାର୍ଥୀମାନେ ଅଂଶଗ୍ରହଣ କରିଥିଲେ ।

# ଆସନ୍ତା ଜୁଲାଇ ୪ରୁ ଓଜେଇଇ

ଭୁବନେଶ୍ୱର, ୦୧/୦୬ (ନି.ପ୍ର): ଆସନ୍ତା ଜୁଲାଇ ୪ ତାରିଖରୁ ଆରମ୍ଭ ହେବ ଓଜେଇଇ । ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ କଲେଜ, ବିଶ୍ୱବିଦ୍ୟାଳୟଗୁଡ଼ିକର ବୈଷୟିକ ପାଠ୍ୟକ୍ରମରେ ନାମଲେଖା ଲାଗି ଜୁଲାଇ ମାସରେ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଅନୁଷ୍ଠିତ ହେବ । ଏଥିପାଇଁ ବୁଧବାର ଓଜେଇ୨୦୨୨ ର ପରୀକ୍ଷା ସୂଚୀ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ ଜୁଲାଇ ୪ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ୮ ତାରିଖରେ ଶେଷ ହେବ । ସକାଳ ୯ଟାରୁ ପ୍ରତିଦିନ ୩ଟି ସିଫ୍ଟରେ ପରୀକ୍ଷା ହେବ । ଜୁଲାଇ ୪ରେ ୩ଟି ଯାକ ସିଫ୍ଟରେ ଲାଟେରାଲ୍ ଏଂଟ୍ରି ଟେକ୍ ଡିପ୍ଲୋମା ପରୀକ୍ଷା ହେବ । ଜୁଲାଇ ୫ ତାରିଖର ୧ମ ଓ ୨ୟ ସିଫ୍ଟରେ ଏମସିଏ/ଏମଏସସି(କଂପ୍ୟୁଟର ସାଇନ୍ସ) ପରୀକ୍ଷା ହେବ । ଜୁଲାଇ ୫ର ୩ୟ ସିଫ୍ଟରେ ଏମଟେକ୍, ଏମ୍ ଆର୍ଚ, ଏମ ଫାର୍ମା ଓ ବି ସିଏଟି ପରୀକ୍ଷା ହେବ । ୬ ତାରିଖର ପ୍ରଥମ ୨ଟି ସିଫ୍ଟରେ ଏମବିଏ ଓ ୩ୟ ସିଫ୍ଟରେ ଇଂଟିଗ୍ରେଟେଡ ଏମବିଏ, ଲାଟେରାଲ୍ ଏଂଟ୍ରି ଫାର୍ମା, ଲାଟେରାଲ୍ ଏଂଟ୍ରି ଟେକ୍(ବିଏସସି), ବିସିଏଟ୍(ଫିଲ୍ମ ଏଡିଟିଂ) ପରୀକ୍ଷା ହେବ । ୮ ତାରିଖରେ କେବଳ ୧ମ ଓ ୨ୟ ସିଫ୍ଟରେ ବି ଫାର୍ମା ପ୍ରବେଶିକା ପରୀକ୍ଷା ହେବ ।

## ତମାଖୁ ବର୍ଜନ ଦିବସ ଅବସରରେ ଆଲୋଚନାଚକ୍ର



ଉଦଳା, ୦୧/୦୬ (ନି.ପ୍ର): କପ୍ତିପଦା ପଞ୍ଚାୟତ ସମିତି ଅନ୍ତର୍ଗତ ମାଙ୍କଡ଼ପଡ଼ା ଗ୍ରାମପଞ୍ଚାୟତର ପରାଶବଣୀ ଗ୍ରାମରେ ନୂଆକରି ଗଢ଼ି ଉଠିଥିବା ମହାଦେବ ମନ୍ଦିର ପରିସରରେ ଗତ ମଇ ୩୧ ତାରିଖ ମଙ୍ଗଳବାର ଦିନ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଭଜନ କିର୍ତ୍ତନ ଓ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ଗ୍ରାମର ବାସିନ୍ଦା ପ୍ରମୋଦ ପୃଷ୍ଟି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଆଲୋଚନା ଚକ୍ରର ପର୍ବକୁ ଉଦ୍‌ଘାଟନ କରିଥିଲେ । ଏହାପରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ କମିଟି ସଦସ୍ୟ ମନମୋହନ ମିଶ୍ର ଆଲୋଚନା ଚକ୍ରରେ ଅଧକ୍ଷତା କରିବା ସହିତ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ କିଭଳି ନିଶା ଦ୍ରବ୍ୟ ସେବନକୁ ପ୍ରତ୍ସାହନ ମିଳିଛି ଓ ଏହାର ପରିଣାମ ସ୍ୱରୂପ କିପରି ଅନେକ ଗୁଡ଼ିଏ ବିଧବା ଗ୍ରାମ ସୃଷ୍ଟି ହୋଇଛି ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଓ ସେବା ନିବୃତ ସେନା ଅଧିକାରୀ ରବି ନାରାୟଣ ପଣ୍ଡା ଅଂଶ ଗ୍ରହଣ କରି ଆଗାମୀ ଦିନରେ ଆମେ ସମସ୍ତେ ମିଳି ମିଶି ଏକ ନିଶା ମୁକ୍ତ ଗ୍ରାମ ସୃଷ୍ଟି କରିବା, ଯେଉଁ ଗ୍ରାମକି ଅନ୍ୟ ଗ୍ରାମର ବାସିନ୍ଦା ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିବ ସେଥିବାପାଇଁ ଏକ ରଣନୀତି ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ଉପସ୍ଥିତ ଗ୍ରାମବାସୀ ମାନେ ତମାଖୁ ଜାତୀୟ ଦ୍ରବ୍ୟକୁ ଆଦୌ ସେବନ କରିବେ ନାହିଁ ବୋଲି ଶପଥ ପାଠ କରିବା ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ମହିଳା ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ଉଦ୍‌ଘାଟିତ



ଭଦ୍ରକ,୦୧/୦୬ (ନି.ପ୍ର): ପୁରାତନ ସହ ସଂଯୋଗ କରି ମହାବିଦ୍ୟାଳୟର ରୂପରେଖା ବଦଳି ଯାଇପାରିବ ବୋଲି ତା୩୧/୦୫/୨୦୨୨ରିଖରେ ଭଦ୍ରକ ମହିଳା ମହାବିଦ୍ୟାଳୟ ପରିସରରେ 'ମୋ କଲେଜ' ଅଭିଯାନ ପକ୍ଷରୁ ଏକ ଲବ୍ୟ ଉଦ୍‌ଘାଟିନୀ ଉତ୍ସବରେ ମତ ପ୍ରକାଶ ପାଇଛି । ମହାବିଦ୍ୟାଳୟର ଅଧକ୍ଷା ସୁଚିତ୍ରା ପାଣିଗ୍ରାହୀଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂଯୋଜିକା ଡ. ଶୁଭଶ୍ରୀ ବେହେରା ପରିଚାଳନା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ପୁରାତନ ଛାତ୍ରୀମାନଙ୍କୁ ସ୍ୱାଗତ କରି ବର୍ତ୍ତମାନ ଛାତ୍ରୀ ଓ ଅଧାପକ ଅଧାପିକା ମାନଙ୍କ ସହିତ ସେମାନଙ୍କର ଏକ ଭାବପୂର୍ଣ୍ଣ ସମ୍ପର୍କ ସ୍ଥାପନର ଉଦ୍ୟମ କରାଯାଇଥିଲା । ସେମାନଙ୍କ ସହ ଆଲୋଚନାକ୍ରମେ ପରବର୍ତ୍ତୀ ସମୟରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଧାରା ସୁଚାରୁ ରୂପେ ରୂପାୟନ କରାଯିବାକୁ ସ୍ଥିର କରାଗଲା । 'ମୋ କଲେଜ' କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଆଜି ଶେଷ ବର୍ଷ ଛାତ୍ରୀମାନଙ୍କ ନିମନ୍ତେ ଏକ କର୍ମ ନିୟୋଜନ ପଞ୍ଜୀକରଣ ବ୍ୟବସ୍ଥା ଓ ଦକ୍ଷତା ବିକାଶ ତାଲିମ ସମ୍ପର୍କିତ ଆଲୋଚନା ମଧ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କର୍ମ ନିୟୋଜନ ବିଭାଗ ଅଧିକାରୀ ଅଜୟ କୁମାର ଦାଶ, ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ସଂଦୀପ କୁମାର ଯେନା, ବିଜେବି କଲେଜର ପ୍ରାକ୍ତନ ଅଧକ୍ଷ ଏସ୍.ଏନ୍ ମହାନ୍ତି ତଥା ମୋ କଲେଜ ଅଭିଯାନର ଭଦ୍ରକ ଜିଲ୍ଲା ପ୍ରତିନିଧି ନିର୍ମାଲ୍ୟ ମହାକୁଡ଼ ବିଶେଷ ଅତିଥି ରୂପେ ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ପରବର୍ତ୍ତୀ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନାକ୍ରମେ ସଭାସଙ୍ଗ ହୋଇଥିଲା । ଅନ୍ୟତମ ସଂଯୋଜିକା ଅଧାପିକା ସୌଦାମିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଲେଶ୍ୱର, ଗୁରୁବାର, ୦୨ ଜୁନ୍, ୨୦୨୨

ଧ୍ୱନି ପ୍ରତିଧ୍ୱନି



# ଆକାଶଛୁଆଁ ଦରବୃଦ୍ଧି ଓ ଘରୋଇକରଣକୁ ନେଇ ଉଦ୍‌ବେଗ

ବାଲେଶ୍ୱର,୦୧/୦୬ (ନି.ପ୍ର): ସାମ୍ପ୍ରତିକ ସମାଜରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ରୋକିବା ଓ ଉତ୍କଟ ବେକାରୀ ସମସ୍ୟା ସମାଧାନରେ କେନ୍ଦ୍ର ସରକାରଙ୍କ ବିଫଳତାକୁ ବାମପନ୍ଥୀ ଦଳ, ଧର୍ମନିରପେକ୍ଷ ତଥା ଗଣତନ୍ତ୍ରପ୍ରେମୀ ଜନଗଣଙ୍କ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ଦେଶର ପ୍ରମୁଖ ସମସ୍ୟାଠାରୁ ଜନସାଧାରଣଙ୍କୁ ଦୂରେଇ ନେବା ପାଇଁ ଜାତି, ଧର୍ମ, ମନ୍ଦିର, ମସଜିଦକୁ ନେଇ ମୋଦି ସରକାର ରାଜନୀତି କରିବା ଫଳରେ ସାମ୍ପ୍ରଦାୟିକ ଏବଂ ସାମାଜିକ ସଦଭାବ ନଷ୍ଟ ହେଉଛି ବୋଲି 'ଜନଜାଗରଣ ଅଭିଯାନ' ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ଆୟୋଜିତ ଜନଜାଗରଣ କାର୍ଯ୍ୟକ୍ରମରେ ସିପିଆଇ ଓ ସିପିଏମ୍ ପ୍ରଭୃତି ବାମପନ୍ଥୀ ଦଳ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ପ୍ରେମରଞ୍ଜନ ପାତ୍ର, ଆଇନଜୀବୀ ନିରଞ୍ଜନ ପରିଡ଼ା, ନାରୀନେତ୍ରୀ ବନ୍ଦନା ପାତ୍ର, ଗୋପୀନାଥ ଦାସ, ସିଆଇଟିୟୁ ନେତା ଶ୍ୟାମସୁନ୍ଦର ଜେନା, ରାଜକିଶୋର ଲେଙ୍କା, ପ୍ରଶାନ୍ତ ରାୟ ପ୍ରମୁଖ ଯୋଗଦେଇ କେନ୍ଦ୍ର ମୋଦି ସରକାରଙ୍କ ୮ବର୍ଷର ବିଫଳତା ଓ ଜନ ଶୋଷଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଘରୋଇକରଣ କରିଆରେ ରାଷ୍ଟ୍ରାୟତ୍ତ ସମ୍ପତ୍ତିକୁ ପୁଞ୍ଜିପତିଙ୍କ ହାତକୁ ମୋଦି ସରକାର ଟେକି ଦେଇ ଚାଲିଛନ୍ତି ବୋଲି ସେମାନେ କହିଥିଲେ। ବିଶେଷ କରି 'ଆପଣଙ୍କ ସେବାରେ ଭାରତୀୟ ରେଳ' ଏବେ ଆଦାନୀ ଓ ଆମ୍ବାନି ରେଳକୁ ପରିବର୍ତ୍ତନ ହେବାରେ ଲାଗିଥିବା ବେଳେ ଏଲଆଇସି, ପ୍ରତିରକ୍ଷା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଘରୋଇକରଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ସେହିପରି ଶ୍ରମ ଆଇନ ସଂଶୋଧନ ନାମରେ ସରକାର ସାଧାରଣ ଶ୍ରମିକଙ୍କ ଅଧିକାର ସଙ୍କୁଚିତ କରିବା ଓ ଗଣତାନ୍ତ୍ରିକ ପ୍ରତିବାଦ ଉପରେ ଅଙ୍କୁଶ ଲଗାଇବା ଦେଶ ବିକାଶର କେଉଁ ପରିଭାଷା ବୋଲି ଜନଜାଗରଣ ସଭାରେ ସମସ୍ତେ ପ୍ରଶ୍ନ କରିଥିଲେ।

# ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ

ବାରିପଦା, ୦୧/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦରମହକୁମା ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଋଷିକେଷ ଦ୍ୟାନଦେଓ ଖିଲାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ କେନ୍ଦ୍ର ଠାରେ ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଜନସାଧାରଣଙ୍କ ଠାରୁ ଗୃହୀତ ହୋଇଥିବା ମୋଟ ୫୩ ଟି ବିଭିନ୍ନ ଆପତି ଅଭିଯୋଗର ସମସ୍ୟା ସଂପର୍କୀତ ଶୁଣାଣୀ ହୋଇଥିଲା । ଏଥିରେ ୪୧ ଟି ଅଭିଯୋଗ ପତ୍ର ବ୍ୟକ୍ତିଗତ ଓ ୧୨ ଟି ଆପତି ଅଭିଯୋଗ ପତ୍ର ଗ୍ରାମବାସୀଙ୍କ ସାମୁହିକ ବିଭିନ୍ନ ସମସ୍ୟା ସଂପର୍କୀତ ଅଭିଯୋଗ ଉପରେ ଶୁଣାଣି ହୋଇଥିବାବେଳେ ୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ଏଥିରେ ସହୟତା ପାଇଁ ଆସିଥିବା ୨ଟି ଆବେଦନ ପତ୍ର ଉପରେ ଜିଲ୍ଲାପାଳ ପରିସ୍ଥିତିକୁ ବିଚାର କରି ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ହଜାର ଲେଖାଏଁ ୧୦ ହଜାର ଟଙ୍କାର ଆର୍ôଥିକ ସହାୟତା ଜିଲ୍ଲା ରେଡକ୍ରସ ପାଣ୍ଠିରୁ ମଂଜୁର କରିଥିଲେ । ଶିବିରରେ ଶୁଣାଣୀ ହୋଇଥିବା ଅଭିଯୋଗ ବିଷୟ ପ୍ରସଙ୍ଗ ସମସ୍ୟା ଉପରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସବିଶେଷ ତଦନ୍ତ କରି ତଥା ଅନୁଧ୍ୟାନ ପୂର୍ବକ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ବାରିପଦା ଅନ୍ୟା ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ପଦାଧିକାରୀ, ବାରିପଦା ଉପଖଣ୍ଡର ସମସ୍ତ ତହସିଲଦାର, ବି.ଡି.ଓ. ଏବଂ ସଂପୃକ୍ତ ଲାଇନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀ ଅଧିକାରୀ ତଥା ପିଜିସେଲ୍ ନୋଡାଲ୍ ଅଧିକାରୀ, ଡେପୁଟି କଲେକ୍ଟର ସୁଜୟ କୁମାର ପତି ଏବଂ ପିଜିସେଲ ଓ ଜିଲ୍ଲା ଜରୁରୀ ବିଭାଗ ସଂପୃକ୍ତ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଚମ୍ପକେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ କଳସ ଶୋଭାଯାତ୍ରା

ଜଳେଶ୍ୱର,୦୧/୦୬ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଓଲିନ୍ଦା ଗ୍ରାମସ୍ଥିତ ୩୦୦ ବର୍ଷ ପୂର୍ବର ଚମ୍ପକେଶ୍ୱର ମହାଦେବଙ୍କ ମନ୍ଦିର ନବିକରଣ ଓ କଳସ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱରର ଅନ୍ୟତମ ସର୍ବପୁରାତନ ଏହି ମନ୍ଦିରର ପ୍ରତିଷ୍ଠା ବେଳେ ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମନ୍ଦିରର ଶକ୍ତି ସ୍ୱୟଂ ଆବିର୍ଭୁତ ହୋଇଥିବାରୁ ଏହାର ମୁଖଶାଳା ପଶ୍ଚିମାବମୁଖୀ ରହିଥିବାର ଗ୍ରାମ୍ୟ ମୁଖ୍ୟ ସମର ବଲ୍ଲଭ ସାହୁ ଓ ପୂଜା କମିଟି ମୁଖ୍ୟ ମୁରଲୀଧର ଜେନା ସୂଚନା ଦେଇଛନ୍ତି । ପୂର୍ବ ସୂଚନା ଅନୁଯାୟୀ ଗାଁର ଶହ ଶହ ମହିଳା ମଂଗଳବାର ବ୍ରାହ୍ମମୁହୂର୍ତ୍ତରେ ସୁବର୍ଣ୍ଣରେଖା ନଦୀର ବେଲବାରିଆ ଘାଟରୁ ପବିତ୍ର ପାଣି ଧରି ମନ୍ଦିର ଅଭିମୁଖେ ଆସିଥିଲେ । ପବିତ୍ର ପାଣିରେ ମନ୍ଦିର ଧୌତ କଲାପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା ।

# ପରିଷଦରେ ପାଳିତ ହେଲା ବ୍ରଜନାଥ ରଥଙ୍କ ୮ମ ଶ୍ରାଦ୍ଧବାର୍ଷିକୀ



ବାଲେଶ୍ୱର, ୦୧/୦୬ (ନି.ପ୍ର): କବି ବ୍ରଜନାଥ ରଥ ସରଳ, ଲାଳିତ୍ୟପୂର୍ଣ୍ଣ ଓ ଛନ୍ଦୋବଦ୍ଧ କବିତା ରଚନା କରି ଓଡ଼ିଆ ସାହିତ୍ୟରେ ଏକ ନୂତନ ଧାରା ସୃଷ୍ଟି କରିଥିଲେ। କେତେବେଳେ ପ୍ରଗତିଶୀଳ ଚେତନା ତାଙ୍କ କବିତାକୁ ଋଦ୍ଧିମନ୍ତ କରିଥିଲା ତ କେତେବେଳେ ରୋମାଣ୍ଟିକ୍ ଭାବାବେଗ ତାଙ୍କ କବିତାର ଭାବରାଜ୍ୟକୁ ସମୃଦ୍ଧ କରିଥିଲା। ଲଘୁଶତକ ଓ ବ୍ୟଙ୍ଗବିନୋଦ ଗ୍ରନ୍ଥଦ୍ୱୟରେ ହାସ୍ୟ ଓ ବ୍ୟଙ୍ଗକୁ ଯେମିତି ଗୁରୁତ୍ୱ ଦିଆଯାଇଛି ଏକ ଏକ ଏକପଦୀରେ ବିନ୍ଦୁ ମଧ୍ୟରେ ସିନ୍ଧୁ ଦର୍ଶନ କଲାଭଳି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ଉପସ୍ଥାପନ କରାଯାଇଛି। ସାମାନ୍ୟ ଅସାମାନ୍ୟରେ ବହୁ ତୁଚ୍ଛ ଜିନିଷକୁ ଯେପରି ଉନ୍ନତତରକରି ପ୍ରଦର୍ଶନ କରାଯାଇଛି ତାହା କବିଙ୍କର କବିତାର ଆତ୍ମାକୁ ସମୃଦ୍ଧ କରିଛି। ନିଜର କବିତ୍ୱ ପାଇଁ ବହୁ ସମ୍ମାନରେ ସମ୍ମାନିତ ହୋଇଥିବା ବ୍ରଜନାଥଙ୍କର ଅଷ୍ଟମ ଶ୍ରାଦ୍ଧବାର୍ଷିକ ଉତ୍ସବ ଶାନ୍ତିକାନନଠାରେ ମଙ୍ଗଳବାର ସନ୍ଧ୍ୟାରେ ଫକୀରମୋହନ ସାହିତ୍ୟ ପରିଷଦଦ୍ୱାରା ପାଳିତ ହୋଇଯାଇଛି। ଆସରରେ ପୌରୋହିତ୍ୟ କରି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ କବି ବ୍ରଜନାଥ ରଥଙ୍କୁ ଏକ ଅନୁକରଣୀୟ ଆଦର୍ଶ ପ୍ରତିଭା ବୋଲି ସୂଚିତ କରିଥିଲେ। ବରିଷ୍ଠ ସ୍ତମ୍ଭକାର ଡ.ସୁବାସ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କବିଙ୍କୁ ଜ୍ଞାନର ଏକ ଗନ୍ତାଘର ବୋଲି ବକ୍ତବ୍ୟ ରଖିବା ସଙ୍ଗେ ସଙ୍ଗେ ବ୍ରଜନାଥ ତାଙ୍କୁ ସମର୍ପଣ କରିଥିବା କେତେକ ଅନାଲୋକିତ ତଥ୍ୟକୁ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ବିମଳ ଜେନା କବିଙ୍କର ସାରସ୍ୱତ ପ୍ରତିଭାକୁ ଆକଳନ କରି ଉଦାହରଣ ମାଧ୍ୟମରେ ଗ୍ରନ୍ଥ ସମୂହର ଆଲୋଚନା କରିଥିଲେ। କବିପୁତ୍ର ବ୍ରହ୍ମନାଥ ରଥ ବାପାଙ୍କ ସମ୍ବନ୍ଧରେ ଅନେକ ଅନାଲୋକିତ ତଥ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ତାଙ୍କ ବ୍ୟଙ୍ଗ ସାହିତ୍ୟଦ୍ୱାରା ବହୁଭାବରେ ପ୍ରଭାବିତ ବୋଲି ପ୍ରକାଶ କରିଥିଲେ। ବ୍ରଜନାଥଙ୍କର ନାତୁଣୀ ଅଭିବନ୍ଦିତା ରଥ ଜେଜେଙ୍କ ସମ୍ପର୍କରେ ବକ୍ତବ୍ୟ ଦେବା ସହ ଭବିଷ୍ୟତରେ ତାଙ୍କ କବିତାକୁ ଇଂରାଜୀରେ ରୂପାନ୍ତରିତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାହିତ୍ୟିକ ଡା.କୁମାର ଗୋପାଳ ମଧ୍ୟ କବିଙ୍କର ସ୍ମୃତିଚାରଣ କରିଥିଲେ। ଡ.ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସୁବର୍ଣ୍ଣଶ୍ରୀ' କାର୍ଯ୍ୟାଳୟରେ ପାଳିତ ହେଲା କବି କାଳୀପଦ ପଣ୍ଡାଙ୍କ ନିରାଡ଼ମ୍ବରପୂର୍ଣ୍ଣ ଜୟନ୍ତୀ



ବାଲେଶ୍ୱର,୦୧/୦୬ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ, 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ'ର ପ୍ରତିଷ୍ଠାତା, ଉତ୍କଳସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖାର ସମ୍ପାଦକ ସମେତ ବହୁ ଅନୁଷ୍ଠାନର ଆଜୀବନ ସଦସ୍ୟ ଓ କର୍ମକର୍ତ୍ତା ଥିବା କବି କାଳୀପଦ ପଣ୍ଡାଙ୍କ ଜନ୍ମଦିନ ଅବସରରେ ଆଜି ତାଙ୍କ ପ୍ରତିଷ୍ଠିତ ସୁବର୍ଣ୍ଣଶ୍ରୀ କାର୍ଯ୍ୟାଳୟରେ ନିରାଡ଼ମ୍ବର ଭାବେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ସକାଳ ସମୟରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶୁଭେଚ୍ଛୁମାନେ କବି ପଣ୍ଡାଙ୍କୁ ଭେଟି ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ସୁସ୍ଥ ନିରୋଗ ସୃଜନଶୀଳ ସାରସ୍ୱତ ଜୀବନ କାମନା କରିଥିଲେ । ପ୍ରତିବର୍ଷ ଶ୍ରୀ ପଣ୍ଡା ତାଙ୍କ ଜନ୍ମଦିନରେ ନିଜର ଏକ ନୂତନ ପୁସ୍ତକ ଉନ୍ମୋଚନ ସହ ସାରସ୍ୱତ ସମାରୋହ ଆୟୋଜନ କରିଆସୁଥିବା ବେଳେ ବିଗତ ଦୁଇବର୍ଷର କରୋନା କଟକଣା ପରେ ଚଳିତବର୍ଷ ତାଙ୍କ ଭାତୃବିୟୋଗ ଜନିତ ଦୁଃଖଦ ଘଟଣା ପାଇଁ ଏଥର ଜନ୍ମଦିନକୁ ସେ ନିରାଡ଼ମ୍ବର ଭାବେ ପାଳନ କରିଥିଲେ । ରମେଶ ଚନ୍ଦ୍ର ଜେନା, ବିଜୟ କୁମାର ମହାକୁଡ଼, ସୃଷ୍ଟିଧର ପରିଡ଼ା, ସୈରିନ୍ଧ୍ରୀ ସାହୁ, ସୁଧାକର ସେଠୀ, ବିଦ୍ୟାଧର ସେଠୀ, ଯତୀନ୍ଦ୍ର କୁମାର ପୁହାଣ, ଉଷାରାଣୀ ଦାସ, ତାନଶ୍ରୀ ମହାପାତ୍ର, ବିଜନ କୁମାର ଦେ, ଯୋଗେଶ ଚନ୍ଦ୍ର ପ୍ରଧାନ, ସୁଶ୍ରୀ ହରପ୍ରିୟା ବେହେରା, ସୁଶ୍ରୀ ମାନସୀ ପ୍ରମୁଖ ପୁଷ୍ପଗୁଚ୍ଛ ଏବଂ ଉପଢ଼ୌକନ ଦେଇ ଶୁଭକାମନା ଜଣାଇଥିଲା ବେଳେ ସମଗ୍ର ରାଜ୍ୟର ଓ ରାଜ୍ୟ ବାହାରୁ ସାମାଜିକ ଗଣମାଧ୍ୟମ ଜରିଆରେ ଶତାଧିକ ଲେଖକ ଓ ବିଶିଷ୍ଟ ବ୍ୟକ୍ତିମାନେ କବି ଶ୍ରୀ ପଣ୍ଡାଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଆଶୀର୍ବାଦ ଜଣାଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନବମଶ୍ରେଣୀର ଅଧ୍ୟୟନକାଳରୁ ଶ୍ରୀ ପଣ୍ଡା ଓଡ଼ିଆ ସାହିତ୍ୟର ଜଣେ ନିରବ ସାଧକ ଭାବେ ଲେଖନୀଚାଳନା କରି ଅଦ୍ୟାବଧି ୧୨ଖଣ୍ଡି ମୌଳିକଗ୍ରନ୍ଥ ସହ ୫୦ରୁ ଉର୍ଦ୍ଧ୍ୱ ଗ୍ରନ୍ଥ ଓ ସ୍ମରଣିକାର ସମ୍ପାଦନା ସମେତ 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଜରିଆରେ ୮୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶ କରି ଜଣେ ଶ୍ରେଷ୍ଠ ପ୍ରକାଶକ ଭାବେ ସମଗ୍ର ଓଡ଼ିଶାରେ ସୁପ୍ରତିଷ୍ଠିତ ।

# ମୁନିସମାଜ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ



ବସ୍ତା, ୦୧/୦୬ (ନି.ପ୍ର): ବସ୍ତା ବ୍ଲକ ଗୁଡିଖାଲ ସ୍ଥିତ ଶିବମୁନି ଯୋଗାଶ୍ରମ ଆନୁକୂଲ୍ୟରେ ମୁନି ଭାଇ ଭଉଣୀକୁ ନେଇ ଆଜି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଆଜିର ସମାଜରେ ମାନବ ସମାଜପାଇଁ ବୃକ୍ଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, । ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ଏ ସୃଷ୍ଟି ତିଷ୍ଠି ରହିବା ସମ୍ଭବ ନୁହେଁ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ପ୍ରତ୍ୟେକ ମଣିଷ ବୃକ୍ଷରୋପଣ କରିବାର ନିତ୍ୟାନ୍ତ ଆବଶ୍ୟକତା ରହିଛି। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବାର ପ୍ରମୁଖ ଭୂମିକା ବୃକ୍ଷର ବୋଲି ଓଡ଼ିଆ ପ୍ରାନ୍ତ ମୁନିସମାଜର ସଙ୍ଗଠନ ପ୍ରଚାର ମନ୍ତ୍ରୀ ଯୋଗୀ ଅନନ୍ତ ପ୍ରଧାନ, ମତବ୍ୟକ୍ତ କରିଥିଲେ । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗୀ ବଳରାମ ମୁନି, ଯୋଗୀ ଅରୁଣ ମୁନି, ଯୋଗୀ ଅନନ୍ତ ଦେ, ଯୋଗୀ କୃପାସିନ୍ଧୁ ମୁନି, ଯୋଗୀ ପ୍ରଫୁଲ୍ଲ ମୁନି, ଯୋଗଶିକ୍ଷତ୍ରି କୋମଳିନୀ ଦେ (ସେକ୍ ଅବକର ମୁନି) କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗୋପାଳ କୃଷ୍ଣ ମହାପାତ୍ର, କରୁଣାକର ଚନ୍ଦ, ସାଧୁଚରଣ ମୁନି, ଗଦାଧର ମୁନି, ନଗେନ୍ଦ୍ର ମୁନି, ରବୀନ୍ଦ୍ର ମୁନି, ଶ୍ୟାମ ମୁନି, ଚନ୍ଦ୍ରମହୋନ ମୁନି, ନବକୃଷ୍ଣ ମୁନି ଓ ତେନ୍ତୁଳିଆ ଗ୍ରାମର ମୁନି ସମାଜସ ଭାଇ ଓ ଭଉଣୀମାନେ ଉପସ୍ଥିତ ରହି ୧ଶହରୁ ଉର୍ଦ୍ଧ ବୃକ୍ଷ ରୋପଣ କରିଥିଲେ ଶେଷରେ ଜଗତ କୁମାର ଗିରି ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ଶେଷକରିଥିଲେ ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ

ନୀଳଗିରି,୦୧/୦୬ (ନି.ପ୍ର): ବାଲିଗୋହିରୀ କ୍ଲଷ୍ଟର ଥିବା ସିମୁଳିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ମିତା ଫୁଲନଟନଙ୍କୁ ବିଦ୍ୟାଳୟ କମିଟି ପକ୍ଷରୁ ଅବସରକାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି । ୧୯୮୮ ଫେବୃଆରୀ ୨୩ ରେ ନିଜର ଶିକ୍ଷୟିତ୍ରୀ ଜୀବନ ଆରମ୍ଭ କରିଥିବା ବେଳେ ୨୦୦୮ ମସିହା ଠାରୁ ସିମୁଳିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ନେଲା ପରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରିବା ସହ ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ବିଦ୍ୟାଳୟ କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜୟ ପଣ୍ଡା, ମୁଖ୍ୟ ବକ୍ତା ଭାବେ ଏନ.ଏ.ସି. ଅଧ୍ୟକ୍ଷା ଅମ୍ବିକା ଦାସ, ସମ୍ମାନିତ ଅତିଥି ଭାବେ ୯ନଂ. ୱାର୍ଡ କାଉନସିଲର ବନିତା ମହାଳିକ, ବି.ଆର.ସି.ସି. ଯୋଗେନ୍ଦ୍ର ସେଠୀ, ସି.ଆର.ସି.ସି. ରଣଜିତ ରାଉତ ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଚେୟାରମେନ୍ ହେମନ୍ତ ବେହେରା ଉତ୍ସବରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ ସ୍ମିତା ଫୁଲନଟନଙ୍କୁ ଉପଢ଼ୌକନ ସହ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏକ ଲୁହଭରା ପରିବେଶ ଭିତରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ବିଶ୍ୱ ତମାଖୁ ବର୍ଜନ ଦିବସରେ ୮ ହାଇସ୍କୁଲ ପୁରସ୍କୃତ



ଖଇରା, ୦୧/୦୬ (ନି.ପ୍ର): ସୋମବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲା ଖଇରା ବ୍ଲକର ୮ ହାଇସ୍କୁଲକୁ ତମାଖୁମୁକ୍ତ ବିଦ୍ୟାଳୟ ଭାବେ ପୁରସ୍କୃତ କରାଯାଇଛି । ଏହି ହାଇସ୍କୁଲ ମଧ୍ୟରେ ତୁଡିଗଡିଆ ନିଳାମ୍ବର ହାଇସ୍କୁଲ,ଖଣିଆର ଜଳଦା-ଡାଲଙ୍ଗ ଉଚ୍ଚ ବିଦ୍ୟାପିଠ ,ଗରସଙ୍ଗର ରାମଚନ୍ଦ୍ର ଉଚ୍ଚ ବିଦ୍ୟାପୀଠ ,ଅଲିହାର ଧୃବ ଚରଣ ବିଦ୍ୟାମନ୍ଦିର,କୁପାରୀ ନୋଡାଲ ହାଇସ୍କୁଲ,ବର୍ତ୍ତନା ଉଚ୍ଚ ବିଦ୍ୟାପିଠ,ଅନ୍ତରା ନୋଡାଲ ହାଇସ୍କୁଲ ଓ ବରଦାର ଭଗବତୀ ଉଚ୍ଚ ବିଦ୍ୟାପିଠ ଏହି ପୁରସ୍କାର ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଡା ରମାକାନ୍ତ ସେଣ୍ଟଙ୍କ ନେତୃତ୍ୱରେ ଏକ ଟିମ ତୁଡିଗଡିଆ,ଖଣିଆ,କୁପାରୀ ଓ ବର୍ତ୍ତନା ଏବଂ ଡା ଜ୍ୟୋତି ରଞ୍ଜନ ଶିଅଳଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ ଗରସଙ୍ଗ,ବରଦା,ଅନ୍ତରା ଓ ଅଲିହାସ୍ଥିତ ବିଦ୍ୟାଳୟକୁ ଯାଇ ସଂପୃକ୍ତ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରିଥିଲେ । ଏଥିସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ତମାଖୁ ସେବନର ଭୟାବହତା,ମୃତ୍ୟୁ ହାର ସମ୍ପର୍କୀତ ତଥ୍ୟ ପ୍ରଦାନ କରି ଏଥିପ୍ରତି ଯତ୍ନବାନ ହେବାକୁ ଡାକ୍ତର ମାନେ ପରାମର୍ଶ ଦେଇଥିଲେ ।

# ବରାଙ୍ଗ ସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ବିରୋଧରେ ଗ୍ରାମବାସୀଙ୍କ ଅଭିଯୋଗ

ଜଳେଶ୍ୱର, ୦୧/୦୬ (ନି.ପ୍ର): ଜଳେଶ୍ୱର ଗୋଷ୍ଠି ଶିକ୍ଷାଧିକାରୀଙ୍କ ଅଧିନରେ ଥିବା ଗୋପାଳପ୍ରସାଦ ଗାଁର ବରାଙ୍ଗସାହିଠାରେ ଥିବା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ଉଦାସୀନତା ଓ ଅର୍ଥ ଆତ୍ମସାତ ଅଭିଯୋଗରେ ଗ୍ରାମବାସୀ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ୨୦୦୮ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବା ବେଳେ ୨୦୧୪ ମସିହାରୁ ସେଠାରେ ସାଲମା ହେମ୍ବ୍ରମ ପ୍ରଧାନ ଶିକ୍ଷୟତ୍ରୀଭାବେ କାର୍ଯ୍ୟ କରି ଆସୁଛନ୍ତି । ଦୀର୍ଘ ୧୨ବର୍ଷ ଧରି ଏସ୍‌ଏମ୍‌ସି ଓ ପିଟିଏ ବୈଠକ ହେଉନଥିବା ବେଳେ ସରକାରୀ ଅର୍ଥର ବାଟମାରଣ ହେଉଥିବା ଅଭିଯୋଗ ହୋଇଛି । ବର୍ଷାଦିନେ ଛାତରୁ ପାଣି ଗଳିବା, ବିଦ୍ୟାଳୟ ମରାମତି ନ ହେବା ଯୋଗୁଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ସେମାନେ ଅଭିଯୋଗ କରି ଆସୁଛନ୍ତି ।

# ଉଦଳା ସହରବାସୀଙ୍କର ମୁଣ୍ଡବ୍ୟଥାର କାରଣ ପାଲଟିଛି ବର୍ଯ୍ୟବସ୍ତୁ



ଉଦଳା, ୦୧/୦୬ (ନି.ପ୍ର): ଉଦଳା ସହରବାସୀଙ୍କ ପାଇଁ ବର୍ତ୍ତମାନ ମୁଣ୍ଡବଥାର କାରଣ ପାଲଟିଛି ବର୍ଯ୍ୟବସ୍ତୁ । ପ୍ରତିଦିନ ସହରରୁ ବାହାରୁଥିବା କୁଢ଼ କୁଢ଼ ବର୍ଯ୍ୟବସ୍ତୁ କେଉଁଠି ରଖାଯିବ ଏହାକୁ କେନ୍ଦ୍ର କରି ନାହିଁନଥିବା ଅସୁବିଧା ଦେଖା ଦେଇଛି । ସହର ମଧ୍ୟରେ ଯେଉଁଠି ରଖିଲେ ମଧ ସେଠାକାର ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରି ତୁରନ୍ତ ଏହାକୁ ଏଠାରୁ ଉଠାଅ ବୋଲି ଦାବୀ କରୁଛନ୍ତି । ଫଳରେ ଏକ ନୂଆ ପ୍ରକାର ସମସ୍ୟା ମୁଣ୍ଡ ଟେକିଛି । ଏହାର ସମାଧାନ ପାଇଁ ବାରମ୍ବାର ବୈଠକ ବସୁଛି, କିନ୍ତୁ କୌଣସି ସମାଧାନ ଏ ପର୍ଯ୍ୟନ୍ତ ବାହାରି ପାରି ନାହିଁ । ସେହିପରି ଆଜି ଜୁନ ୧ ତାରିଖ ବୁଧବାର ଦିନ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା । ଉକ୍ତ ବୈଠକରେ ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ପୂର୍ବତନ ନଗରପାଳ ପ୍ରେମଲତା ଜେନା ଓ ସୌଭାଗ୍ୟ କୁମାର ସାହୁ, ସମସ୍ତ କାଉନସିଲର, ବିଧାୟକ ଭାସ୍କର ମଢ଼େଇ, ମେଣ୍ଡାଖାଇ ଉନ୍ନୟନ କମିଟିର ସଭାପତି ଯଜ୍ଞନାରାୟଣ ମହାନ୍ତି, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ବଣିକ ସଂଘ ଓ ସାମ୍ବାଦିକ ସଂଘର ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ । ଆଜି ମଧ୍ୟ ପୂର୍ବ ବୈଠକ ପରି କୌଣସି ସମାଧାନର ସୂତ୍ର ବାହାରି ପାରି ନଥିବାର ଜଣା ଯାଇଛି । ତେବେ ଉକ୍ତ ଘଟଣାକୁ କେନ୍ଦ୍ର କରି ସହରରେ ଜଣେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ମାଡ଼ ମରା ଯାଇଥିବାର ଅଭିଯୋଗ ହୋଇଛି । ସେଥି ପାଇଁ ଆସନ୍ତା କାଲି ନଗରପାଳ କାଉନସିଲ ବଡ଼ିର ଏକ ଜରୁରୀ ବୈଠକ ଡ଼ାକିଥିବାର ଜଣା ଯାଇଛି ।

# ଶ୍ରୀରାମଚନ୍ଦ୍ର ଭଂଜ ଡିଗ୍ରୀ ମହାବିଦ୍ୟାଳୟ ଏନଏସଏସ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ




ବାରିପଦା, ୦୧/୦୬ (ନି.ପ୍ର): ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସର ରେ ରାଗଧା ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଂଜ ଡିଗ୍ରୀ ମହାବିଦ୍ୟାଳୟର ଏନଏସଏସ ବିଭାଗ ପକ୍ଷରୁ ସ୍ୱେଚ୍ଛାସେବୀଙ୍କୁ ନେଇ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇ ଯାଇଛି । ଏହି ଅବସର ରେ ପ୍ରଥମେ ସ୍ୱେଚ୍ଛାସେବୀ ମାନଙ୍କର ଏକ ବିଶାଳ ଶୋଭାଯାତ୍ରା କଲେଜ ପରିସର ରୁ ବାହାରି ପୋଷ୍ୟଗ୍ରାମ ସୁରେଇ ଡିହି ଯାତ୍ରା କରି ସେଠାରେ ତମାଖୁର ବ୍ୟବହାର କିଭଳି ବିଶ୍ୱକୁ ରସାତଳଗାମୀ କରାଉଛି ସେବିଷୟରେ ଜନ ସଚେତନତା ସୃଷ୍ଟି କରିଥିଲେ । ପରେପରେ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ଅସୀମା ସାହୁ ଅଧ୍ୟକ୍ଷତା କରି ତମାଖୁ ଯୁବ ସମାଜକୁ କବଳିତ କରୁଥିବାରୁ ଆମ ଦେଶ ତଥା ବିଶ୍ୱ ଆଜି ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଆଶାନୁରୁପ ଅଗ୍ରଗତି କରିପାରୁ ନଥିବାର କହି ସ୍ୱେଚ୍ଛାସେବୀ ମାନଙ୍କୁ ତମାଖୁ ବର୍ଜନର ବାର୍ତ୍ତା ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ । ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଗୋପାଳ କୃଷ୍ଣ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ସୁଚିତ୍ରା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ପିଲାଙ୍କମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନୀଳାମ୍ବର ହାଇସ୍କୁଲକୁ ତମ୍ବାକୁମୁକ୍ତ ବିଦ୍ୟାଳୟ ଭାବେ ପୁରସ୍କୃତ

ଖଇରା ୦୧/୬ ଖଇରା ବ୍ଲକ ନୀଳାମ୍ବର ସରକାରୀ ହାଇସ୍କୁଲକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ତମାଖୁ ମୁକ୍ତ ବିଦ୍ୟାଳୟ ରୂପେ ପୁରସ୍କୃତ କରାଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବାଲେଶ୍ୱର ତରଫରୁ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଡାକ୍ତର ପ୍ରଭାକର ମିଶ୍ର,ଡାକ୍ତର ଜ୍ୟୋତି ରଞ୍ଜନ ଶିଅଳ, ଡାକ୍ତର ରମାକାନ୍ତ ସେନ,ଡାକ୍ତର ସୁଜାତା ମହାନ୍ତି,ରଞ୍ଜିତା ଆଚାର୍ଯ୍ୟ, ସେହ୍ନଲତା ପାଣିଗ୍ରାହୀ ପ୍ରମୁଖ ସରକାରୀ ନୀଳାମ୍ବର ହାଇସ୍କୁଲର ପ୍ରଧାନ ଶିକ୍ଷକ ଯଦୁନାଥ ଶିଅଳଙ୍କୁ ପ୍ରଦାନ କରିଛନ୍ତି।ଏହି ପୁରସ୍କାର ପାଇବା ଫଳରେ ନୀଳାମ୍ବର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି। ସେହିପରି ବ୍ଲକରେ ଥିବା କୁପାରୀ ନୋଡାଲ ହାଇସ୍କୁଲ ଓ ବର୍ତନା ନୋଡାଲ ହାଇସ୍କୁଲ,ଜଳଦା ଡାଲଙ୍ଗ ଉଚ୍ଚ ବିଦ୍ୟାପିଠ ଖଣିଆ,ରାମଚନ୍ଦ୍ର ଉଚ୍ଚ ବିଦ୍ୟାପିଠ ଗରଶଙ୍ଗ,ଧ୍ରୁବଚରଣ ବିଦ୍ୟା ମନ୍ଦିର ଅଲିହା, ଅନ୍ତରା ନୋଡାଲ ହାଇସ୍କୁଲ,ଭଗବତି ବିଦ୍ୟାପିଠ ବରଦା ତମ୍ବାକୁ ମୁକ୍ତ ବିଦ୍ୟାଳୟ ରୂପେ ଘୋଷଣା କରାଯାଇଛି।

# ଏସ୍‌ଟି ଝିଅକୁ ବାହା ହେଇ ନିର୍ଯ୍ୟାତନା : କେଶ କରି ହାତବାନ୍ଧି ବସିଛି ପୋଲିସ

ଲଙ୍ଗଳେଶ୍ୱର, ୦୧/୦୬ (ନି.ପ୍ର): ଅସମୀ ପ୍ରତି କୋହଳ ମନଭାବ ଯୋଗୁଁ ବାଲିଆପାଳ ରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ଅପରାଧ ଦିନକୁ ଦିନ ବଢ଼ି ଚାଲିଛି ।ଜନୈକ ଏସ ଟି ଝିଅ କୁ ବିବାହ କରିବା ପରେ ନିର୍ଯ୍ୟାତନା ଓ ପ୍ରତାରଣା କରିବା ଅଭିଯୋଗରେ କେବଳ ମକର୍ଦ୍ଦମା ରୁଜୁ କରି ନିଜ ଉପରୁ ଦାୟିତ୍ୱ ହାଲୁକା କରି ହାତ ବାନ୍ଧି ବସିଛି ପୋଲିସ ।ଆସାମୀ କୁ ଗିରଫ କରୁନାହିଁ ବୋଲି ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ। ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ଗ୍ରାମର କାର୍ତ୍ତିକ ସାହୁ ତିନିବର୍ଷ ତଳେ ରାଉରକେଲା ହସ୍ପିଟାଲ ରେ ଚାକିରୀ କରିଥିବା ଲିନା ସରିତା ଖାଖା ଙ୍କୁ ସାଦି ଡଟ କମ ମାଧ୍ୟମରେ ପ୍ରେମକରି ବିବାହ କରିଥିଲେ। କୋର୍ଟ ମେରେଜ କରିଥିଲେ। ଲିନା ର ଚାକିରୀ ଥିବାରୁ ରାଉରକେଲା ଠାରେ ଏକ ଭଡା ଘରେ ପ୍ରାୟ ଦେଢ଼ ବର୍ଷ ଦାମ୍ପତ୍ୟ ଜୀବନ ସୁଖମୟ ଥିଲା । ସେହି ସମୟରେ କାର୍ତ୍ତିକ ଲିନା ଠାରୁ ପାଞ୍ଚ ଲକ୍ଷ ଟଙ୍କା ନେଇ ସାରିବା ପରେ ତାକୁ ଉପଜାତି କହି ଛାଡପତ୍ର ଦେବାକୁ ବାଧ କରିଥିଲା ।ସେ ରାଜି ନ ହେବାରୁ କାର୍ତିକ ତାକୁ ଛାଡି ବାଲିକୁଟି ସ୍ଥିତ ଘରକୁ ପଳାଇ ଆସି ନ ଫେରିବାରୁ ଲିନା ମଧ ଶଶୁର ଘରକୁ ଚାଲି ଆସିଥିଲେ ।ସେଠାରେ ମଧ କାର୍ତିକ ଲିନାକୁ ଅଧିକ ଯୌତୁକ ଆଣିବାକୁ କହିବା ସହିତ ଶାରୀରିକ ମାନସିକ ନିର୍ଯାତନା ଦେଲେ ।କିରାସିନି ଢାଳି ଜୀବନରୁ ମାରିଦେବାକୁ ଷଡ଼ଯନ୍ତ୍ର କରିବା ଜାଣିପାରି ସେ ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ପୋଲିସ କେଶ ନମ୍ବର ୧୩୧ /୨୨, ଦଫା ୪୯୮ ଏ,୩୯୩, ୨୯୪,୩୪ ମୂଳେ ମକର୍ଦ୍ଦମା ରୁଜୁ କରିଛି ହେଲେ ଆସାମୀ ଏଯାଏ ଗିରଫ ହୋଇନାହିଁ। ଏ ବାବଦରେ ବାଲିଆପାଳ ଆଇ ଆଇ ସି ପର୍ଶୁରାମ ସାହୁଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo